R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୩୩
ତିଥି : ପଞ୍ଚମୀ
୩୧ ମେ ୨୦୨୫, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 233
31 May 2025, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ପାକ୍‌କୁ ରାଜନାଥଙ୍କ ଖୋଲା ଆହ୍ୱାନ

# ମାସୁଦ୍-ହାଫିଜକୁ ଆଗ ଫେରାଅ

ନୂଆଦିଲ୍ଲୀ, ୩୦।୫ : ଭାରତ ସହ ଯଦି ପାକିସ୍ତାନ ଆଲୋଚନା ପାଇଁ ଗୁରୁତର ସହ ଆଗ୍ରହୀ ଅଛି ତେବେ ପ୍ରଥମେ ଦୁଇ ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ। ଲସ୍କରି-ଇ-ତୋଇବାର ମୁଖ୍ୟ ହାଫିଜ୍ ସୟଦ ଜୈସ୍-ଇ-ମହମ୍ମଦ ପ୍ରତିଷ୍ଠାତା ମାସୁଦ୍ ଆଝାରମଙ୍କୁ ହସ୍ତାନ୍ତର କଲାପରେ ଆଲୋଚନା ହେବା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଗୋଆ ଠାରେ ନୌସେନାର ଅଧିକାରୀଙ୍କୁ ଭେଟିବା ଅବସରରେ ମତ ରଖିଛନ୍ତି।



ଶ୍ରୀ ସିଂହ ଆଜି ଗୋଆରେ ଆଇଏନ୍‌ଏସ୍ ବିକ୍ରାନ୍ତର ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆତଙ୍କବାଦର ଆକ୍ରମଣକୁ ମୁକାବିଲା କରିବା ପାଇଁ ଏହାର ପ୍ରସ୍ତୁତି ଦେଖିଥିଲେ। ଶ୍ରୀ ସିଂହ ଆଜି ଯେ ଅପରେସନ୍ ସିନ୍ଦୂରର ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଭାରତ ଏବେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛି। ପାକିସ୍ତାନ ଯଦି ପୁନର୍ବାର ଏଭଳି କରିବ ସେ ଏଣିକି ନୌସେନାର ଯୁଦ୍ଧ କ୍ଷମତା ଦେଖିବ। ନୌସେନାର ସୁଚିନ୍ତିତ ବାହିନୀ ଓ ଏହାର ରଣନୀତି ଭାରତର ଜଳସୀମାକୁ ଶକ୍ତିଶାଳୀ କରିଛି। ଶତ୍ରୁ ପକ୍ଷରୁ ସତର୍କ କରାଇ ସେ କହିଛନ୍ତି ଯେ ଭାରତ ଏବେ ଆଉ ଆଞ୍ଚଳିକ କ୍ଷମତାଶାଳୀ ନୁହେଁ। ଭାରତ ଏବେ ବିଶ୍ୱର କ୍ଷମତା କେନ୍ଦ୍ର ପାଲଟିଛି। ପାକିସ୍ତାନ ନୌସେନା ଆକ୍ରମଣରେ ସାମିଲ ହୋଇନଥିଲା। ଯଦି ଭାରତୀୟ ନୌସେନା ଅପରେସନ୍ ସିନ୍ଦୂରର ସ୍ଥଳସେନା ଓ ବାୟୁସେନା ସହ ସାମିଲ ହୋଇଥାନ୍ତା ତେବେ ପାକିସ୍ତାନର ସ୍ଥିତି ୧୯୭୧ ତୁଳନାରେ ଆହୁରି ଭୟଙ୍କର ହୋଇଥାନ୍ତା। ସମ୍ଭବତଃ ପାକିସ୍ତାନ ୪ ଭାଗରେ ବିଭକ୍ତ ହୋଇଥାନ୍ତା। ଅପରେସନ୍ ବେଳେ ନୌସେନା ସବୁ ବିପଦକୁ ଏଡାଇବାକୁ ସକ୍ଷମ ହୋଇଥିବାରୁ ଶ୍ରୀ ସିଂହ ଏହାର ପ୍ରଶଂସା କରିଥିଲେ। ଅପରେସନ୍ ସିନ୍ଦୂର ବେଳେ ନିଜର ନୀରବ ସେବାଦ୍ୱାରା ନୌସେନା ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଭାବିତ କରିଛି। ସ୍ୱାଧୀନତା ପରଠାରୁ ପାକିସ୍ତାନ ବିପଜ୍ଜନକ ଆତଙ୍କବାଦ ଖେଳ ଖେଳିଚାଲିଛି। ଏହାର ଶେଷ ହେବା ଆବଶ୍ୟକ। ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟ ଲାଗି ପ୍ରୋତ୍ସାହିତ କରୁଛି। ତେବେ ଏହାର ଜବାବ ଦେବାପାଇଁ ଭାରତ ତିଳେମାତ୍ର କୁଣ୍ଠାବୋଧ କରିବ ନାହିଁ। ଯେଉଁ ବାଟରେ ହେଉ ଯଦି ଆତଙ୍କବାଦ (୯ ପୃଷ୍ଠାରେ)




## ୬.୫%କୁ ଖସିଲା

# ଆର୍ଥିକ ଅଭିବୃଦ୍ଧି ୪ ବର୍ଷ ପରେ ସର୍ବନିମ୍ନ

ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅବିବୃଦ୍ଧି ବିଗତ ୪ ବର୍ଷ ଠାରୁ ସବୁଠୁ କମ୍ ହୋଇଛି। ଆର୍ଥିକ ଅଭିବୃଦ୍ଧି ହାର ଏହି ଆର୍ଥିକ ବର୍ଷରେ ୬.୫% ରହିଥିବା କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ ଅଧିନରେ ଥିବା ଜାତୀୟ ପରିସଂଖ୍ୟନ ଅଫିସ (ଏନ୍‌ଏସ୍‌ଓ) ପକ୍ଷରୁ ଜଣାପଡିଛି।

ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଅବିବୃଦ୍ଧି ହାର କମ୍ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ୨.୯% ଥିଲା। ତେବେ ଏହି ଆର୍ଥିକ ବର୍ଷର ଚତୁର୍ଥ ତ୍ରୟୋମାସରେ ଜିଡ଼ିପିରେ ଆଶାଜନକ ପରିଲକ୍ଷିତ ହୋଇଛି। ମହାମାରୀ ପରେ ଦେଶର ଅର୍ଥନୀତି ଅପେକ୍ଷାକୃତ ଭାବେ ଦ୍ରୁତଗତିରେ ଆଗକୁ ବଢ଼ିଥିଲା। ତେବେ ୨୦୨୪-୨୫ରେ ଏହି ହାର ଚିନ୍ତାରେ ପକାଇଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ପକ୍ଷରୁ ଆକଳନ କରାଯାଇଥିଲା ଯେ ଏହି ବର୍ଷ ଶେଷ ସୁଦ୍ଧା ଭାରତର ଅର୍ଥନୀତି ଜାପାନକୁ ଅତିକ୍ରମ କରି ୪.୧୮ ଟ୍ରିଲିୟନ୍ ଡଲାରରେ ପହଞ୍ଚିବ ଓ ଜିଡ଼ିପି ଅଭିବୃଦ୍ଧି ୧୦.୮% ହେବ। ତେବେ ସରକାର ଜାରି କରିଥିବା ବିବୃତ୍ତିରେ ଦର୍ଶାଇଛନ୍ତି ଯେ ବାସ୍ତବ ଜିଡ଼ିପି ୨୦୨୪-୨୫ ଆର୍ଥିକ ବର୍ଷରେ ୬.୫% ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ନୋମିନାଲ ଜିଡ଼ିପିରେ ୯.୮% ଅଭିବୃଦ୍ଧି ହୋଇଛି। ପୂର୍ବ ଆର୍ଥିକ ବର୍ଷରେ ଜିଡ଼ିପି ସଂଖ୍ୟା ୪ ବର୍ଷ ମଧ୍ୟରେ କମ ରହିଛି। ଯେବେ ଚତୁର୍ଥ କ୍ୱାର୍ଟର ବା ମାର୍ଚ୍ଚ ତ୍ରୟୋମାସରେ ଜିଡ଼ିପି ଅଭିବୃଦ୍ଧି ୭.୪% ହୋଇଛି। ଘରୋଇ ଖର୍ଚ୍ଚ ଗୋଟିଏ ବର୍ଷରେ ୭.୨% ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଖର୍ଚ୍ଚର ଚାହିଦା ବଢ଼ିଥିବାରୁ ଏପରି ସ୍ଥିତି ଦେଖାଦେଇଛି। କୃଷିକ୍ଷେତ୍ରରେ ଅଭିବୃଦ୍ଧି ୨୦୨୪-୨୫ ଆର୍ଥିକ ବର୍ଷରେ ୪.୬% ରହିଛି। ପୂର୍ବ ବର୍ଷ ତୁଳନାରେ ଏକ୍ଷେତ୍ରରେ ଅଭିବୃଦ୍ଧି ହାର ୨.୭% ଅଧିକ। ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ହାର ୯.୪% ଥିଲା ବେଳେ ପୂର୍ବ ବର୍ଷରେ ୧୦.୪% ରହିଥିଲା। ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ହାର ୪.୫% ରହିଛି। ପୂର୍ବ ବର୍ଷରେ ଏହା ୧୨.୩% ରହିଥିଲା।

# କାଳବୈଶାଖୀ ପ୍ରଭାବରେ ବଜ୍ରପାତ ବଢ଼ିବ

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ମୌସୁମୀ ୧୧ ଜିଲ୍ଲାକୁ ଛୁଇଁଥିବାବେଳେ ଏବେ ଦୁର୍ବଳ ହୋଇଛି । ଆଉ ଆଗକୁ ବଢ଼ିବନି। କିଛିଦିନ ପାଇଁ ବିରତି ନେଇଛି । ତେବେ କାଳବୈଶାଖୀ ପ୍ରଭାବ ସହ ବଜ୍ରପାତ ବଢ଼ିବ । ବଜ୍ରପାତ ଯୋଗୁ ଧନଜୀବନ କ୍ଷତି ପହଞ୍ଚାଇପାରେ। ତେଣୁ ବଜ୍ରପାତ ସମୟରେ ଘରୁ ନବାହାରିବା ପାଇଁ ସତର୍କ କରାଇଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ, ଅବପାତ ଦୁର୍ବଳ ହେଇ ବାଂଲାଦେଶ ଓ ଉତ୍ତର-ପୂର୍ବ ରାଜ୍ୟ ଆଡ଼କୁ ମୁହାଁଇଛି । ଯାହା ଫଳରେ ରାଜ୍ୟ ମଧ୍ୟକୁ ଶୁଷ୍କ ବାୟୁ ପ୍ରବେଶ କରୁଛି । ଶୁଷ୍କ ବାୟୁ ରାଜ୍ୟ ମଧ୍ୟକୁ ଆସିଲେ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ କମିଯିବ। ଏହି ଜଳୀୟ ବାଷ୍ପ ହ୍ରାସ ଯୋଗୁ ଭୟଙ୍କର ବଜ୍ରପାତ ସୃଷ୍ଟି ହେବ। ଫଳରେ ଝଡ଼ତୋଫାନ ସହ ବଜ୍ରପାତ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏଥିସହ କାଳବୈଶାଖୀ ବର୍ଷା ବିଭିନ୍ନ ସ୍ଥାନରେ ହୋଇପାରେ ।

### ତାତି ସହିତ ଗୁଳୁଗୁଳି ବଢ଼ିବ

ମୌସୁମୀ ଦୁର୍ବଳ ହେବା ଫଳରେ ଏବେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବ। ଏହାସହ ଆର୍ଦ୍ରତା ଅଧିକ ରହିବା ଯୋଗୁ ଗୁଳୁଗୁଳି ନାକେଦମ କରିବ ।

ବିସ୍ତାରିତ ଆକଳନ ଅନୁଯାୟୀ, ଆସନ୍ତା ୮ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହି ଲଘୁଚାପ ସୃଷ୍ଟି ହେବାପରେ ମୌସୁମୀ ପୁଣି ସକ୍ରିୟ ହେବ । ମୌସୁମୀ ସକ୍ରିୟ ହେବା ସହ ସାରା ରାଜ୍ୟକୁ ଏହା ସ୍ପର୍ଶ କରିବ। ଏବେ ୧୧ଟି ଜିଲ୍ଲାରେ ମୌସୁମୀ ପ୍ରବେଶ କରିଛି। ତେବେ ବାକି ଜିଲ୍ଲାଗୁଡ଼ିକରେ ଆଗକୁ ଯିବାଲାଗି ସହାୟକ ହେବ ଲଘୁଚାପ।

ଶୁକ୍ରବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ବରଗଡ଼ରେ ସର୍ବାଧିକ ୩୫ ମିମି ବର୍ଷା ହୋଇଥିବାବେଳେ ଚାନ୍ଦବାଲି ୨୬.୮ ମିମି, ବଲାଙ୍ଗିରରେ ୨୬.୫ ମିମି, ଢେଙ୍କାନାଳରେ ୯.୮ ମିମି, ନୟାଗଡ଼ରେ ୭ ମିମି, ଯାଜପୁରରେ ୬.୫ ମିମି ଓ କଟକରେ ୨ ମିମି ବର୍ଷା ରେକର୍ଡ଼ କରାଯାଇଛି ।

# ସିକିମରେ ହଜାରେ ଫୁଟ ତଳକୁ ଖସିଲା ବସ, ୨ ମୃତ

ଭୁବନେଶ୍ୱର,୩୦।୫ (ସବ୍ୟୁ): ସିକିମ୍‌ର ମନଗା ଜିଲ୍ଲାରେ ଘଟିଥିବା ସଡକ ଦୁର୍ଘଟଣାରେ ଓଡ଼ିଶାରୁ ଯାଇଥିବା ପର୍ଯ୍ୟଟକଙ୍କ ମଧ୍ୟରେ ୯ ଜଣ ନିଖୋଜ ଅଛନ୍ତି। ବିଜେପି ନେତ୍ରୀ ଇତିଶ୍ରୀ ଜେନା ଓ ତାଙ୍କ ପରିବାରର ୩ ସଦସ୍ୟ ଏହି ଘଟଣାରେ ନିଖୋଜ ଥିବା ସୂଚନା ମିଳିଛି। ସେମାନଙ୍କୁ ଉଦ୍ଧାର କରିବା ସହ ଆଇଟିବିପି ଓ ଏନ୍‌ଡିଆର୍‌ଏଫ୍

### ବିଜେପି ନେତ୍ରୀ ଇତିଶ୍ରୀଙ୍କ ସମେତ ୯ ନିଖୋଜ

ଟିମ୍ ପ୍ରୟାସ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ ଗତ ରବିବାର ରାତି ୧୨.୩୦ରେ ଯାଜପୁର ରୋଡରୁ ଇତିଶ୍ରୀ ଜେନା ଓ ତାଙ୍କ ପରିବାର ଲୋକ ସିକିମ ଅଭିମୁଖେ ଯାଇଥିଲେ। ଇତିଶ୍ରୀଙ୍କ ସହ ଦୁଇ ଭାଇ, ଜଣେ ଭାଉଜ, ଦୁଇ ଭଉଣୀ, ଦୁଇ (୯ ପୃଷ୍ଠାରେ)



### ସିକିମ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ମୋହନ ମାଝୀ

ଭୁବନେଶ୍ୱର, ୩୦।୫ (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସିକିମ ବସ୍ ଦୁର୍ଘଟଣାରେ ଆହତ ଓଡ଼ିଆ ଯାତ୍ରୀମାନଙ୍କ ଉଦ୍ଧାର, ଚିକିତ୍ସା ଓ ଓଡ଼ିଶା ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ସହ ଆଲୋଚନା କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଗଭୀର ଦୁଃଖପ୍ରକାଶ କରିଛନ୍ତି। ଓଡ଼ିଶାରୁ (୯ ପୃଷ୍ଠାରେ)

## କଟକରେ ଦୁଇ କରୋନା ଆକ୍ରାନ୍ତ ଚିହ୍ନଟ

କଟକ, ୩୦।୫ (ସବ୍ୟୁ): କଟକକୁ ପୁଣି ଆସିଛି କରୋନା । ଦୀର୍ଘ ଦିନ ପରେ ପୁଣି କଡ ଲେଉଟାଇଛି କରୋନା ଭୁତାଣୁଛସହରାଞ୍ଚଳରୁ ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଣେ ଗୃହ ସଙ୍ଗରୋଧ (କ୍ୱାରେଣ୍ଟାଇନ) ରେ ରହି ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଜଣେ ଆକ୍ରାନ୍ତ ବୃଦ୍ଧ ହୋଇଥିବାରୁ ତାଙ୍କୁ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉଭୟ ଆକ୍ରାନ୍ତଙ୍କ କୌଣସି ପୂର୍ବ ଯାତ୍ରା ବିବରଣୀ ମିଳିନାହିଁ । ସହରରେ ପୁର୍ନବାର କରୋନା ବ୍ୟାପିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଡାକ୍ତର ପ୍ରଶାନ୍ତ କୁମାର ହୋତା କହିଛନ୍ତି । ସିଡିଏମଓ ଡାକ୍ତର ହୋତାଙ୍କ ସୂଚନା ମୁତାବକ, ଗୁରୁବାର କିଛି ସନ୍ଦିପଙ୍କ ନମୁନା ପରୀକ୍ଷା ହୋଇଥିଲା । ଏମାନଙ୍କ ଭିତରୁ (୯ ପୃଷ୍ଠାରେ)

## ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚର ତନାଘନା

ଭୁବନେଶ୍ୱର, ୩୦।୫ (ସବ୍ୟୁ):ତତକାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ୨ ବର୍ଷ ପୂର୍ବେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଗାନ୍ଧି ଛକ ନିକଟରେ ପୋଲିସ ଏଏସଆଇ ଗୋପାଳ ଦାସ ଗୁଳି କରି ହତ୍ୟା କରିଥିଲେ । ଏହି ଘଟଣାର ତଦନ୍ତ ତତକାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ତଦନ୍ତ କରି ସରକାରଙ୍କୁ ଚାର୍ଜସିଟ ରିପୋର୍ଟ କରିଛନ୍ତି । ରିପୋର୍ଟରେ ନବ ଦାସ ହତ୍ୟାକାଣ୍ଡର ପୋଲିସ ଏଏସଆଇ ଗୋପାଳ ଦାସ ଏକମାତ୍ର ଦୋଷୀ ବୋଲି କୁହାଯାଇଛି । କିନ୍ତୁ ଏହି ତଦନ୍ତ ଓ ଚାର୍ଜସିଟରେ ନବ ଦାସଙ୍କ ପରିବାର ସନ୍ତୁଷ୍ଟ ନଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ସିବିଆଇ ତଦନ୍ତ ଦାବି କରିଥିଲେ । କିନ୍ତୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସିବିଆଇ ତଦନ୍ତ ନକରି ପୁଣି ଥରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରାଇଛି । ଶୁକ୍ରବାର କ୍ରାଇମବ୍ରାଞ୍ଚର ଜନୈକ ଅତିରିକ୍ତ ଏସପି ଏହାର ତଦନ୍ତ କରିଛନ୍ତି । ଅତିରିକ୍ତ ଏସପି (୯ ପୃଷ୍ଠାରେ)

## ନକଲି ସାର୍ଟିଫିକେଟରେ ଆଇଏଏସ୍, ଖୋଳତାଡ ଆରମ୍ଭ

ଭୁବନେଶ୍ୱର, ୩୦।୫ (ସବ୍ୟୁ): ନକଲି ଆର୍ଥିକ ଅନଗ୍ରସର ସାର୍ଟିଫିକେଟ୍ ଦେଇ ହାତେଇଛନ୍ତି ଆଇଏଏସ ଚାକିରି । ତାଲିକାରେ ରହିଛି ଓଡ଼ିଶା କ୍ୟାଡର ଜଣେ ଆଇଏଏସଙ୍କ ନାଁ । କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଚିଠି ଲେଖିଛି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ବା ଡିଓପିଟି ।

ନକଲି ସାର୍ଟିଫିକେଟ୍ ଦେଇ ହାତେଇଥିବା ଆଇଏଏସଙ୍କ ବିରୋଧରେ ଖୋଳାତାଡ଼ ଆରମ୍ଭ କରିଛି ଡିଓପିଟି । ଆକ୍ସନ ପାଇଁ ଓଡ଼ିଶା ସରକାରଙ୍କୁ ଚିଠି ଲେଖାଯାଇଛି । କିଏ ସେହି ଓଡ଼ିଶାର ଅଧିକାରୀ ? ୨୦୨୧ ବ୍ୟାଚର ଓଡ଼ିଶା କ୍ୟାଡରର ଜଣେ ଆଇଏଏସ ଅଧିକାରୀ ଦେଇଛନ୍ତି ନକଲି ସାର୍ଟିଫିକେଟ୍ । ତେଣୁ ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ (୯ ପୃଷ୍ଠାରେ)

## ଜେଲ୍ ଗଲେ ଇଡି ଅଧିକାରୀ

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ୨୦ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଇଡିର ଡେପୁଟି ଡାଇରେକଟର ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଶୁକ୍ରବାର କୋର୍ଟଚାଲାଣ କରିଥିଲା । ସିବିଆଇ କୋର୍ଟରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏକ ଖଣି ଦୁର୍ନୀତି ମାମଲାରେ ରଫାଦଫା କରିବା ପାଇଁ ଅଭିଯୁକ୍ତ ଖଣି ମାଲିକଙ୍କ ଠାରୁ ବହୁଲକ୍ଷ ଟଙ୍କା ଲାଞ୍ଚ ନେବା ପରେ ପୁଣି ୫୦ଲକ୍ଷ ଟଙ୍କା ଡେପୁଟି ଡାଇରେକଟର ଦାବି କରିଥିଲେ । ସେଥିରେ ଖଣି ମାଲିକ ଅତିଷ୍ଠ ହୋଇ ସିବିଆଇରେ ଜଣାଇବା ପରେ ଚିନ୍ତନ ରଘୁବଂଶୀଙ୍କୁ ଟ୍ରାପ୍ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ସିଆର୍‌ପି ଛକ ନିକଟ ଡେପୁଟି ଡାଇରେକଟରଙ୍କ କ୍ୱାର୍ଟର୍ସରେ ଗୁରୁବାର ଖଣି ମାଲିକ ୨୦ଲକ୍ଷ ଲାଞ୍ଚ ଦେଉଥିବା ବେଳେ ଚିନ୍ତନ ରଘୁବଂଶୀଙ୍କୁ (୯ ପୃଷ୍ଠାରେ)

# କୋଟିପତି ମୁଖ୍ୟଯନ୍ତ୍ରୀଙ୍କ ଘରୁ ୨.୫୬ କୋଟି ଜବତ

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ଗ୍ରାମ୍ୟ ନିର୍ମାଣ (ରାସ୍ତା) ବିଭାଗର ମୁଖ୍ୟ ଯନ୍ତ୍ରୀ (ଯୋଜନା) ବୈକୁଣ୍ଠନାଥ ଶତପଥୀଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ଚଢାଉ କରିଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର, ଅନୁଗୁଳ ଓ ପିପିଲିର ୭ଟି ସ୍ଥାନରେ ଏକସଙ୍ଗେ ଚଢାଉ କରାଯାଇଥିଲା । ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଚଢ଼ାଉ ହେବାକୁ ନେଇ ଚର୍ଚ୍ଚା ହେଉଛି।



ଭୁବନେଶ୍ୱର ଓ ଅନୁଗୁଳ ଘରୁ ନଗଦ ୨.୫୬ କୋଟି ଟଙ୍କା ମିଳିଥିବା ବେଳେ ୨ଟି ବହୁତଳ କୋଠା, ଦୁଇଟି ଫ୍ଲାଟ୍, ୭ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ୧.୫ କୋଟି ଜମା ହୋଇଥିବା ଟଙ୍କା, ସେୟାର ମାର୍କେଟ ଏବଂ ମ୍ୟୁଚୁଆଲ ଫଣ୍ଡରେ ୨.୭ କୋଟି ବିନିଯୋଗ, ୧.୧କେଜି ସୁନା ଅଳଙ୍କାର ଜବତ କରାଯାଇଛି । ସେହିପରି ଘରୁ ୧୫ଟି ମୂଲ୍ୟବାନ ଘଣ୍ଟା ଓ ଅନ୍ୟାନ୍ୟ ବହୁମୂଲ୍ୟ ଟଙ୍କାର ଗୃହପୋକରଣ ଠାବ ହୋଇଥିବା ଭିଜିଲାନ୍ସ କହିଛି । ଅନୁଗୁଳ କୋରଡଗାଡିଆରେ ୩୨୦୦ ସ୍କୋୟାର ଫୁଟ୍‌ର ଦୁଇ ମହଲା ଘର, ଅନୁଗୁଳ ମାଟିଆ ସାହିରେ ହଜାରେ ସ୍କୋୟାର ଫୁଟ୍‌ରେ ଦୁଇ ମହଲା ଘର, ଭୁବନେଶ୍ୱର ଡୁମୁଡୁମାରେ ୧୫୩୦ ସ୍କୋୟାର ଫୁଟ୍‌ର ଫ୍ଲାଟ୍, ପିପିଲିରେ ୧୧୦୦ ସ୍କୋୟାର ଫୁଟ୍‌ର ଫ୍ଲାଟ୍, ଭୁବନେଶ୍ୱର, ଅନୁଗୁଳରେ ୭ଟି ପ୍ଲଟ୍ ଠାବ ହୋଇଛି । ମିଳିଥିବା ନଗଦ ଟଙ୍କା ମଧ୍ୟରୁ ଅନୁଗୁଳ

### ଅବସରର ଦିନକ ପୂର୍ବରୁ ମାଡିବସିଲା ଭିଜିଲାନ୍ସ

କୋରଡଗାଡିଆ ଘରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ମିଳିଥିବା ବେଳେ ଅବଶିଷ୍ଟ ଟଙ୍କା ଭୁବନେଶ୍ୱର ଘରୁ ମିଳିଛି । (୯ ପୃଷ୍ଠାରେ)

# ମିଳିଲା ଲୁଟ୍ ବିସ୍ଫୋରକ

ସୁନ୍ଦରଗଡ଼, ୩୦।୫ (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥରଖଣିକୁ ପହଞ୍ଚିବା ପୂର୍ବରୁ ଗତ ୨୭ ତାରିଖ ଲୁଟ୍ ହୋଇଥିବା ବିପୁଳ ପରିମାଣ ବିସ୍ଫୋରକ ସାମଗ୍ରୀ ଶୁକ୍ରବାର ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରୁ ଉଦ୍ଧାର ହୋଇଛି । ସୁରକ୍ଷା ବାହିନୀର ଯବାନମାନେ ଏହାକୁ ସିଂହଭୂମ ଜିଲ୍ଲା ତିରିଲପୋଷି ଠାରେ ଜବତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ସନ୍ଧ୍ୟା ସୁଦ୍ଧା ସୁରକ୍ଷା ବାହିନୀ ସହିତ ମାଓବାଦୀଙ୍କର ସରଣ୍ଡା ଜଙ୍ଗଲରେ ଗୁଳିବିନିମୟ ଜାରି ରହିଥିବା ଜଣାପଡ଼ିଛି । ଗୁଳି ବିନିମୟରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଯବାନଙ୍କୁ ରାଞ୍ଚି ର ଏକ ଡ଼ାକ୍ତରଖାନାକୁ ଏୟୋ ଲିଫଫ କରାଯାଇଥିବା ଜଣାପଡ଼ିଛି।

ସୁନ୍ଦରଗଡ଼ ବଡ଼ଗାଁରୁ ଆସୁଥିବା ବିସ୍ଫୋରକ ବୋଝେଇ ଗାଡ଼ି ଆସୁଥିବା ବେଳେ ଗତ ୨୭ ତାରିଖ ଦିନ ଲୁଟ୍ ହୋଇଥିଲା। ଗାଡ଼ି ସହ ଲୁଟ୍ ହୋଇଥିବା ପ୍ରାୟ ୪ ଟନ୍ ବିସ୍ଫୋରକର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗାଡ଼ିକୁ ଅଜ୍ଞାତ ୩୦ରୁ ୪୦ ମାଓବାଦୀ ଲୁଟିଥିବା କୁହାଯାଉଛି। ଗତ ୨୭ ତାରିଖ ଦିନ ବଡ଼ଗାଁରୁ ବିସ୍ଫୋରକ ବୋଝେଇ ହୋଇ ଏକ ଗାଡ଼ି ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଙ୍କୋ ଖଣି ଅଭିମୁଖେ ବାହାରିଥିଲା । ଖଣି ପହଞ୍ଚିବାକୁ ଆଉ ଅଳ୍ପଦୂର ଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ପାଖାପାଖି ୩୦ରୁ ଅଧିକ ଅଜ୍ଞାତବ୍ୟକ୍ତି ଗାଡ଼ିକୁ ଘେରି ଯାଇଥିଲେ । ଏହାପରେ ସେମାନେ ଗାଡ଼ି ସହ ବିସ୍ଫୋରକକୁ ଲୁଟି ନେଇଥିଲେ । ଏହା ପରେ ଖଣି କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପୁଲିସ ଗୋଟିଏ ଟିମ୍ ଗଠନକରି ଛାନଭିନ୍ ଆରମ୍ଭ କରିଥିଲା । ପରେ ପୁଲିସ ଓ ସିଆରପିଏଫ୍ ଟିମ୍ ସରଣ୍ଡା ଜଙ୍ଗଲରେ ନିଜର କୁମ୍ବିଂ ଅଭିଯାନ ଆରମ୍ଭ କରିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାବେଳକୁ (୯ ପୃଷ୍ଠାରେ)

### ❑ସୁରକ୍ଷା ବାହିନୀ- ମାଓବାଦୀ ଗୁଳି ବିନିମୟ



# ଶିବ ବିବାହ

ଭାରତବର୍ଷରେ କେଉଁ ଆବାହମାନ କାଳରୁ ଶିବ ଓ ଶକ୍ତିଙ୍କ ପରମ୍ପରା ପ୍ରଚଳିତ ହୋଇଆସୁଅଛି । ଯୁଗେ ଯୁଗେ ମଣିଷ କୌଣସି ନା କୌଣସି ଶକ୍ତିର ଉପାସନା କରିଆସିଛି । ସୃଷ୍ଟି ଓ ସ୍ରଷ୍ଟାଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଆସିଛି କୋଉ ପ୍ରାଚୀନକାଳରୁ । ଦେବ ବେଦ ମହାଦେବ ଓ ସତୀ ପାର୍ବତୀଙ୍କର ବିବାହ ଉପାଖ୍ୟାନ ଆମ ପୁରାଣ ଶାସ୍ତ୍ର ମାନଙ୍କରେ ପ୍ରଚଳିତ ହୋଇ ଆସୁଅଛି । ଓଡ଼ିଶାରେ ଅନେକ ସ୍ଥାନରେ ପାଳନ ହୋଇଥାଏ ଶିବବିବାହ । ପୌରାଣିକ ଧର୍ମଶାସ୍ତ୍ରରୁ ଜଣାଯାଏ ଯେ ସମ୍ବଲପୁର ଏକ ଶକ୍ତିପୀଠ । ଦକ୍ଷଯଜ୍ଞରେ ସତୀ ଝାସ ଦେବାପରେ ମହାଦେବ କ୍ରୋଧାନ୍ୱିତ ହୋଇ ଦକ୍ଷଯଜ୍ଞ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ସତୀଙ୍କର ଶରୀରକୁ କାନ୍ଧରେ ଧରି ତ୍ରିଭୁବନ ଭ୍ରମଣ କଲେ । ମହାଦେବଙ୍କର ଏତାଦୃଶ ଅବସ୍ଥା ଦେଖି ବିଷ୍ଣୁ ସୁଦର୍ଶନ ଚକ୍ରକୁ ଆଜ୍ଞାଦେଲେ ସତୀଙ୍କର ମୃତ ଶରୀରକୁ ଖଣ୍ଡ ଖଣ୍ଡ କାଟିଦେବାପାଇଁ । ଯେଉଁସବୁ ସ୍ଥାନରେ ସତୀଙ୍କର ଶରୀର ଖଣ୍ଡମାନ ପଡ଼ିଲା ସେ ସବୁ ସ୍ଥାନ ଗୋଟିଏ ଗୋଟିଏ ଶକ୍ତିପୀଠ ରୂପେ ପରିଗଣିତ ହେଲା । ସତୀଙ୍କ ମୁଣ୍ଡ ପଡିଥିଲା ସମ୍ବଲପୁରରେ । ସତୀ ଏହି କ୍ଷେତ୍ରରେ ସମଲେଶ୍ୱରୀ ନାମରେ ପୂଜା ପାଇଲେ ।

ସେହିପରି ପୂରାଣରେ ବର୍ଣ୍ଣନା ଅନୁସାରେ ତାରକାସୁର ନାମରେ ଜଣେ ଅସୁର ଥିଲା, ଯିଏ ଘୋର ତପସ୍ୟା କରି ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ସ୍ୱର୍ଗରେ ଦେବତାମାନଙ୍କୁ ଆକ୍ରମଣ କରୁଥିଲା । ଦେବତାମାନେ ତାଠାରୁ ପରାସ୍ତ ହୋଇ ଅତିଷ୍ଠ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ । ବ୍ରହ୍ମା ସେମାନଙ୍କୁ ଆଶ୍ୱାସନା ଜଣାଇ କହିଲେ ମହାଦେବଙ୍କ ପୁତ୍ରଙ୍କ ଦ୍ୱାରା ତାରକାସୁରର ବଧ ହେବ । ସେ ଆହୁରି କହିଲେ ଦକ୍ଷଯଜ୍ଞରେ ଯେଉଁ ସତୀ ଝାସଦେଇ ପ୍ରାଣ ହରାଇଥିଲେ ସେ ଏବେ ପର୍ବତରାଜ ହିମାଳୟର କନ୍ୟାରୂପେ ଜନ୍ମ ଗ୍ରହଣ କରିଛନ୍ତି । ପର୍ବତରାଜ ହିମାଳୟ ଓ ନୈନାଦେବୀଙ୍କ କନ୍ୟା ପାର୍ବତୀଙ୍କୁ ବିବାହ କରିବାକୁ ଦେବତାମାନେ ଶିବଙ୍କୁ ପ୍ରାର୍ଥନା କରନ୍ତୁ । ଦେବଗଣଙ୍କ ସ୍ତୁତି ଅନୁସାରେ ଶିବ ନିଜର ସମ୍ମତି ପ୍ରକାଶ କଲେ । ମାତା ପାର୍ବତୀ ହିମାଳୟର ଘଞ୍ଚ ବନାନୀ ମଧ୍ୟରେ ବରଫ ଲିଙ୍ଗ ସ୍ଥାପନ ପୂର୍ବକ ଆରାଧନା କରି କଠୋର ତପସ୍ୟାରତ ହେଲେ । ଦେବର୍ଷି ନାରଦ ବିବାହ ପ୍ରସ୍ତାବ ନେଇ ପର୍ବତରାଜଙ୍କ ପାଖରେ ପହଞ୍ଚିଲେ । ପର୍ବତରାଜଙ୍କ ଦ୍ୱାରା ଏପ୍ରସ୍ତାବ ଶୁଣିବା ପରେ ମୁନିମାନଙ୍କୁ ଡକାଇ ବିବାହର ଶୁଭଦିନ, ନକ୍ଷତ୍ର, ଲଗ୍ନ, ମୁହୂର୍ତ ସ୍ଥିର କରାଗଲା । ଜ୍ୟେଷ୍ଠମାସ ଶୁକ୍ଳ ପଞ୍ଚମୀ ତିଥିରେ ବିବାହ ସମ୍ପନ୍ନ ହୋଇ ଷଷ୍ଠୀତିଥିରେ ଶିବ ପାର୍ବତୀଙ୍କ ସହ କୈଳାସ ପ୍ରତ୍ୟାବର୍ତନ କଲେ । ଏହି ସ୍ମୃତିକୁ ଉଜ୍ଜୀବିତ କରିବାପାଇଁ ପ୍ରତିବର୍ଷ ହିନ୍ଦୁମାନେ ପାଳନ କରିଥାନ୍ତି ଶିବବିବାହ ଓ ଶୀତଳଷଷ୍ଠୀ । ଶିବ ପାର୍ବତୀଙ୍କ ବିବାହ ଫଳରେ କୁମାର ଜନ୍ମ ହେଲେ । କୁମାର ତାରକାସୁରକୁ ବଧକରି ଅଶାନ୍ତ ପୃଥିବୀକୁ ଶାନ୍ତ କରିଥିଲେ ।



ଆମ ସମାଜରେ ବିବାହ ପରି ଶିବ ପାର୍ବତୀଙ୍କ ବିବାହରେ ମଧ୍ୟ ଗୁଆ ଚଳନ, ନିମନ୍ତ୍ରଣ, ପତ୍ରପ୍ରେରଣ ଆଦି କାର୍ଯ୍ୟ ବିଧିବିଧାନ ଅନୁସାରେ ସମ୍ପାଦିତ ହୋଇଥାଏ । ସମ୍ବଲପୁରରେ ମହା ଆଡମ୍ବରରେ ପାଳନ ହୋଇଥାଏ ଶିବ ବିବାହ । ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ମାସାଧିକ କାଳ ଏହି ଯାତ୍ରା ପାଇଁ ଆୟୋଜନ କରାଯାଏ । ଏହି ଯାତ୍ରାର ମୁଖ୍ୟ ନୀତି ଗୁଡିକ ହେଲା 'ଥାଳଉଠା' ଅର୍ଥାତ୍ ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ ବୈଶାଖ ଶୁକ୍ଳ ତୃତୀୟା ଅର୍ଥାତ ଅକ୍ଷୟ ତୃତୀୟା ଦିନଠାରୁ । ଏହି ନୀତିକୁ ଥାଳଉଠା କୁହାଯାଏ । ଏହି ଦିନରୁ ଆୟୋଜନକାରୀ ମାନେ ଚାନ୍ଦା ଆଦାୟ ଓ ମହାଦେବଙ୍କ ଶ୍ୱଶୁର ଘର ଖୋଜା ଆରମ୍ଭ ହୁଏ । ଶାଶୁ ଶ୍ୱଶୁର ଠିକଣା ହେବାପରେ କନ୍ୟାପିତାଭାବରେ ସେ ପାର୍ବତୀଙ୍କ ବିବାହ ପାଇଁ ସମସ୍ତ ଆୟେଜନ କରନ୍ତି ଏବଂ ପୂର୍ବବର୍ଷ ଯିଏ ମାତାପିତା ହୋଇଥିଲେ ତାଙ୍କ ଘରକୁ ପଡ଼ାର କେତେଜଣ ମୁଖିଆ ଯାଇ ସମ୍ବନ୍ଧ ତୁଟାନ୍ତି । ଅର୍ଥାତ ପୂର୍ବ ବର୍ଷର ଶାଶୁ ଶ୍ୱଶୁରଙ୍କ ସହିତ ସଂପର୍କ ଛିଡାଇ ନୂତନ ଶାଶୁ ଶ୍ୱଶୁରଙ୍କ ସହିତ ସମ୍ବନ୍ଧ ସ୍ଥାପନ କରନ୍ତି । ତୃତୀୟ ନୀତି ହେଉଛି 'ପତରପେଡି' ଯାହାକି ଦ୍ୱିତୀୟା ତିଥିରେ କରାଯାଏ । ଶିବ ପାର୍ବତୀ ବିବାହର ସ୍ୱୀକୃତି ସ୍ୱରୂପ ବରପିତା କନ୍ୟାପିତାଙ୍କୁ ସରଗି ବା ଶାଳପତ୍ର ଗୋଟିଏ ପେଡି ପ୍ରଦାନ କରିଥାନ୍ତି । ଅର୍ଥାତ ନିର୍ବନ୍ଧ ସାମଗ୍ରୀ କନ୍ୟାପିତାଙ୍କୁ ଦେଇ ବିବାହ ଲଗ୍ନ ସମ୍ପର୍କରେ ଆଲୋଚନା କରାଯାଏ । ବିବାହ ଲଗ୍ନ ସ୍ଥିର ପରେ ନନ୍ଦପଡା ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପକ୍ଷରୁ ଶ୍ରୀ ନୃସିଂହ ମହାପ୍ରଭୁ ଜ୍ୟେଷ୍ଠ ଦ୍ୱିତୀୟା ତିଥିରେ ଝାଡୁଆପଡ଼ାର ଶ୍ରୀ ଲୋକନାଥ ଦେବ ଓ ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା ପକ୍ଷରୁ ହନୁମାନ ଜ୍ୟେଷ୍ଠ ଚତୁର୍ଥୀ ତିଥିରେ ସମଲେଶ୍ୱରୀ ,ପାଟଣେଶ୍ୱରୀ ସମେତ ସମସ୍ତ ଦେବଦେବୀଙ୍କୁ ବରପକ୍ଷରୁ ଗୁଆ, ହଳଦୀ, ଲୁଗା ମିଷ୍ଟାନ୍ନ ପ୍ରଦାନ କରି ଶିବ ପାର୍ବତୀଙ୍କ ବିବାହରେ ଯୋଗ ଦେବାପାଇଁ ଆମନ୍ତ୍ରଣ କରିଥାନ୍ତି । ଏହି ନୀତିକୁ 'ଗୁଆଗୁଁଡ଼ା' କହିଥାଆନ୍ତି । ନନ୍ଦପଡ଼ାରେ ଶ୍ରୀ ନୃସିଂହ ନିଉତା କୁହାଯାଏ । ହନୁମାନ ଓ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ଏହି ନିଉତାଯାତ୍ରା ଜ୍ୟେଷ୍ଠ ଦ୍ୱିତୀୟା ଓ ଚତୁର୍ଥୀ ଦୁଇଦିନ ସମ୍ବଲପୁର ସହରକୁ ଉତ୍ସବ ମୁଖରିତ କରି ରଖେ ।

ପ୍ରତିବର୍ଷ ସହର ବା ପଡ଼ା ବା ସାହିର ଦୁଇଜଣ ବ୍ରାହ୍ମଣ କନ୍ୟାପିତା ଓ ବରପିତା ହୋଇଥାନ୍ତି । ବିବାହ ପରିଚାଳନା ପାଇଁ ଦୁଇଜଣ ବ୍ରାହ୍ମଣ ପୌରହିତ୍ୟ କରିଥାନ୍ତି । କନ୍ୟାପିତା ପାର୍ବତୀଙ୍କୁ ନିଜର କନ୍ୟା ମନେକରି କନ୍ୟାଦାନ ଓ ବିଦାୟ ଆଦି ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି । ପ୍ରଥମେ ତାଳପତ୍ରରେ ଲେଖା ପ୍ରସ୍ତାବ କନ୍ୟାପିତା ତରଫରୁ ବରପିତାଙ୍କ ଘରକୁ ସେବକ ମାଧ୍ୟମରେ ପଠାଯାଏ । ମହାପ୍ରସାଦ, ନଡିଆ ଗୁଆ ଓ ଖଣ୍ଡେ ନୂଆଲୁଗା ଯାହା ବିବାହରେ ପ୍ରଚଳିତ ପ୍ରଥା ତାହା ବାଦ୍ୟକାର ଓ ମହୁରୀବାଲା ସହିତ ଶୋଭାଯାତ୍ରାରେ ଯାଆନ୍ତି । ଏହିସବୁ କାର୍ଯ୍ୟ ଯେଉଁସାହିରେ ସମ୍ପାଦିତ ହୋଇଥାଏ ସେହି ସାହିକୁ 'ହିମାଦ୍ରି ନଗର' ବୋଲି କୁହାଯାଏ । ପାର୍ବତୀଙ୍କୁ ମନ୍ଦିରରୁ ଅଣାଯାଇ କନ୍ୟାପିତା ଘରେ ରଖାଯାଏ । ପାତ୍ରୀ ମନୋନୟନ ପାଇଁ ଗୋଟିଏ ଶୋଭାଯାତ୍ରା ହିମାଦ୍ରୀ ନଗରରେ ପହଁଞ୍ଚନ୍ତି । ବରପିତା ଦ୍ୱାରା କନ୍ୟା ମନୋନୟନ କାର୍ଯ୍ୟ ଶାଳପତ୍ର ପେଣ୍ଡା ଦେଇ କରାଯାଉଥିବାରୁ ଏହାକୁ 'ପତରପେଣ୍ଡି' ବୋଲି କହିଥାନ୍ତି । ପାତ୍ରୀ ମନୋନୟନର ତୃତୀୟ ଦିନରେ ବରପକ୍ଷରୁ ନିମନ୍ତ୍ରଣ ବଣ୍ଟାଯାଏ । ସ୍ଥାନୀୟ ଦେବତାମାନେ ଓ ଜନସାଧାରଣ ନିମନ୍ତ୍ରିତ ହୋଇ ଆସିଥାନ୍ତି । ଚତୁର୍ଥଦିନ ଶିବ ପାର୍ବତୀଙ୍କ ପୂର୍ବବର୍ଷରୁ ଥିବା ବୈବାହିକ ଗଣ୍ଠି ଫିଟାଯାଏ ଯାହାକୁ କୁହାଯାଏ ଗଇଁଣ୍ଠାଳ ଫିଟା । ସେହି ଦିନ ସନ୍ଧ୍ୟାରେ ଦେବୀଙ୍କୁ ନାନା ଅଳଙ୍କାରରେ ଭୂଷିତ କରାଯାଏ ଏବଂ ବିରାଟ ଶୋଭାଯାତ୍ରାରେ ମହାଦେବ ଦୋଳନରେ ବସି ସହର ପରିକ୍ରମା କରି ହିମାଦ୍ରୀ ନଗର ଠାରେ ଶ୍ୱଶୁରାଳୟରେ ପହଞ୍ଚନ୍ତି । ଶିବ ପାର୍ବତୀ ବିବାହ କାର୍ଯ୍ୟ ଶୁକ୍ଳ ପଞ୍ଚମୀରେ ଅନୁଷ୍ଠିତ ହୁଏ । ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ସମାଗମରେ ଭୋଜି ଭାତର ଆୟୋଜନ ଉଭୟ ପକ୍ଷରୁ କରାଯାଇଥାଏ । ଯେଉଁଥିରେ ସେବାୟତମାନେ ଉଭୟ ପକ୍ଷରୁ ଯୋଗଦାନ କରିଥାନ୍ତି । ବିବାହର ପରଦିନ ଅର୍ଥାତ୍ ଷଷ୍ଠୀଦିନ ସନ୍ଧ୍ୟାରେ ଦେବୀଙ୍କର ବିଦାୟ ପର୍ବ ମହାସମାରୋହରେ ଅନୁଷ୍ଠିତ ହୁଏ ।

ଜୟଶ୍ରୀ ପଟ୍ଟନାୟକ
ମୋ:୭୯୭୮୧୧୦୪୭୪



## ଧର୍ମୀୟ ଭାବନାରେ ଅଁଳା

ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ଅଁଳା ବେଶ୍ ସହାୟକ ହୋଇଥାଏ । ତେବେ ଅଁଳା ଔଷଧୀୟ ଗୁଣ ବ୍ୟତିତ ଧର୍ମୀୟ ଗୁଣ ମଧ ଅନେକ ରହିଛି । ଏହାକୁ ପୂଜା ମଧ କରାଯାଏ । ବର୍ଷରେ ଦୁଇଥର ଅଁଳା ଗଛକୁ ପୂରା ବିଧି ବିଧାନରେ ପୂଜା କରାଯାଇଥାଏ । ଗୋଟିଏ ଥର ଫାଲଗୁନି ଶୁକ୍ଳ ପକ୍ଷର ଏକାଦଶୀ ଓ ଦ୍ୱିତୀୟଟି କାର୍ତ୍ତିକ ମାସ ଶୁକ୍ଳ ପକ୍ଷର ନବମୀ ଦିନ । ଯାହା ଅଁଳା ନବମୀ ଭାବେ ପରିଚିତ । ତେବେ ଅଁଳା ଗଛର ସୃଷ୍ଟି ପଛରେ ଏକ ପୌରାଣିକ କାହାଣୀ ମଧ ରହିଛି । ଅଁଳା ଗଛକୁ ଧର୍ମର ଆଧାର ଭାବେ ବିବେଚନା କରାଯାଇଥାଏ । ଏହି ବୃକ୍ଷ ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ । ସଂସାରର ସୃଷ୍ଟି ସମୟରେ ସର୍ବପ୍ରଥମେ ଅଁଳା ଗଛର ସୃଷ୍ଟି ହୋଇଥିଲା, ତେଣୁ ଏହାକୁ ଆଦି ବୃକ୍ଷର ଆଖ୍ୟା ଦିଆଯାଇଛି । ଏକ ପୌରାଣିକ ବ୍ୟାକ୍ଷାନ ଅନୁସାରେ ସାଗର ମନ୍ଥନ ବେଳେ ବାହାରିଥିବା ଅମୃତର ବୁନ୍ଦା ଯେଉଁ ସ୍ଥାନରେ ପଡିଥିଲା ସେଥିରୁ ଅଁଳା ଗଛର ସୃଷ୍ଟି ହୋଇଛି । ଅଁଳା ସହ ଅନ୍ୟ ଔଷଧୀୟ ବୃକ୍ଷ ମଧ ସେଥିରୁ ଉତ୍ପନ୍ନ ହୋଇଛି । ସେହିଭଳି ଅନ୍ୟ ଏକ ବ୍ୟାକ୍ଷା ଅନୁସାରେ ଭଗବାନ ଶିବଙ୍କ ଭଳି ବ୍ରହ୍ମାଙ୍କ ଲୁହରୁ ଅଁଳା ବୃକ୍ଷର ସୃଷ୍ଟି ହୋଇଛି । ବିଷ୍ଣୁଙ୍କର କଠୋର ଆରାଧନା ପରେ ବିଷ୍ଣୁ ବ୍ରହ୍ମାଙ୍କୁ ଦର୍ଶନ ଦେଇଥିଲେ, ବିଷ୍ଣୁଙ୍କୁ ଦେଖି ବ୍ରହ୍ମାଙ୍କ ଆଖିରୁ ବାହାରିଥିବା ଲୁହରୁ ଅଁଳା ବୃକ୍ଷର ଉତ୍ପତି ହୋଇଥିଲା । ସେହିଭଳି ଆଚାର୍ଯ୍ୟ ଚରକଙ୍କ ମତରେ ଆର୍ୟୁବେଦରେ ଅଁଳାକୁ ଅମୃତ ଭାବେ ବିବେଚନା କରାଯାଇଛି । ଔଷଧୀୟ ଗୁଣରେ ଭରପୁର ଅଁଳା ରୋଗପ୍ରତିରୋଧକ ଶକ୍ତି, ପାଚନ କ୍ରିୟା ସହ ତ୍ୱଚାର ବିଭିନ୍ନ ସମସ୍ୟାକୁ ସମାଧାନ କରିଥାଏ ।

## ଇତିହାସ

୧୫୭୭– ମୋଗଲ ସମ୍ରାଟ ଜାହାଙ୍ଗିରଙ୍କ ପତ୍ନୀ ନୁର୍‌ଜାହାଁଙ୍କ ଜନ୍ମ ହୋଇଥିଲା ।

୧୭୨୭– ଫ୍ରାନ୍ସ, ବ୍ରିଟେନ୍ ଏବଂ ନେଦରଲାଣ୍ଡ ପ୍ୟାରିସ୍ ଚୁକ୍ତିନାମାରେ ହସ୍ତାକ୍ଷର କରିଥିଲେ ।

୧୭୭୪– ଭାରତରେ ପ୍ରଥମ ଡାକସେବା କାର୍ଯ୍ୟାଳୟ ଖୋଲାଯାଇଥିଲା ।

୧୮୬୭– ବମ୍ବେରେ ପ୍ରାର୍ଥନା ସମାଜର ସ୍ଥାପନା ହୋଇଥିଲା ।

୧୯୫୯– ବୌଦ୍ଧ ଧର୍ମଗୁରୁ ଦଲାଇଲାମାଙ୍କୁ ତିବ୍ବତରୁ ନିର୍ବାସନ ପରେ ଭାରତରେ ଶରଣ ଦିଆଯାଇଥିଲା ।

୧୯୮୮– ଭାରତର ପ୍ରସିଦ୍ଧ ରାଜନେତା, ସ୍ୱତନ୍ତ୍ରତା ସେନାନି, ପତ୍ରକାର, ସାହିତ୍ୟକାର ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦ୍ୱାରକା ପ୍ରସାଦ ମିଶ୍ରଙ୍କ ପରଲୋକ ଘଟିଥିଲା ।

୨୦୦୬– ଆମେରିକା ବାୟୁସେନାର ପୂର୍ବତନ ଜେନେରାଲ ମିଶେଲ୍ ହେଡେନ୍‌ଙ୍କୁ ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସିର ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା ।

୨୦୧୦– ଭାରତରେ ମାନ୍ୟତାପ୍ରାପ୍ତ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ଗରିବ ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସିଟ୍ ସଂରକ୍ଷିତ କରିବାର ଆଇନ ପ୍ରଣୟନ କରାଯାଇଥିଲା ।

୨୦୨୨– ବଲିଉଡ଼ର ପ୍ରସିଦ୍ଧ ଗାୟକ କେକେଙ୍କ ନିଧନ ହୋଇଥିଲା ।



## ନାରକେଲ୍ ନାରୁ

**ସାମଗ୍ରୀ–** ନଡିଆ କୋରା, ଖୀର, ଚିନି, କ୍ରିମ୍, ଗୁଜୁରାତି ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ କ୍ଷୀରକୁ ଫୁଟାଇ ଏଥିରେ କୋରା ନଡିଆ ପକାଇ ସିଝାନ୍ତୁ । ଖୀର ଫୁଟିଫୁଟି ମରିବା ପର୍ଯ୍ୟନ୍ତ ସିଝାନ୍ତୁ । ଏହପରେ ଆଉ ଏକ ପାତ୍ରରେ କିଛି କ୍ରିମ୍ ନେଇ ଫୁଟାନ୍ତୁ । ଏହି କ୍ରିମ୍‌ରେ ଚିନି ଓ ପାଣି ମିଶାଇ ଗୋଳାନ୍ତୁ । ଏହାକୁ ଏକ ସିରପ ଭଳି କରନ୍ତୁ । ଏହାପରେ ଏଥିରେ ଖୀର ଓ ନଡିଆର ମିଶ୍ରଣକୁ ମିଶାଇ ଗୋଳାନ୍ତୁ । ଏହି ମିଶ୍ରଣକୁ ଥଣ୍ଡା କରନ୍ତୁ । ଥଣ୍ଡା ହେବାପରେ ଏଥିରୁ ଗୋଲଗୋଲ କରି ଲଡୁ ଗଢିନିଅନ୍ତୁ । ଏହାପରେ ଏଥିରେ ଗୁଜୁରାତି ଗୁଣ୍ଡ ଚିଞ୍ଚି ପ୍ରସ୍ତୁତ କରନ୍ତୁ ନାରକେଲ୍ ନାରୁ ।



## ଇତିହାସ ରଚିବେ ଅରିଜିତ୍

ଭାରତର ପରିଚିତ ଗାୟକ ଅରିଜିତ୍ ସିଂ ଖୁବ ଜଲଦି ଏକ ଇତିହାସ ରଚିବାକୁ ଯାଉଛନ୍ତି । ୟୁକେର ଟୋଟେନ୍‌ହମ୍ ଷ୍ଟାଡିଅମରେ ଫରଫର୍ମ କରିବାରେ ସେ ହେବେ ପ୍ରଥମ ଭାରତୀୟ ସିଙ୍ଗର । ତାଙ୍କର ଏହି ଲାଇଭ୍ ଶୋ ଚଳିତ ବର୍ଷ ସେପ୍ଟେମ୍ବର ୫ରେ ଆୟୋଜନ କରାଯିବ । ଏହି ଖବର ଜଣା ପଡିବା ପରେ ତାଙ୍କ ଫ୍ୟାନମାନେ ଖୁବ ଉତ୍ସାହିତ ହେବା ସହିତ ଅରିଜିତଙ୍କୁ ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି । ସେହିଭଳି ଅରିଜିତ୍ ଏହି ସଫଳତାର ଶ୍ରେୟ ତାଙ୍କ ପରିବାର ସହିତ ତାଙ୍କ ଶ୍ରୋତାଙ୍କୁ ଦେଇଛନ୍ତି । ଯେଉଁମାନଙ୍କ ପାଇଁ ସେ ଆଜି ଏତ ସଫଳ ହୋଇଛନ୍ତି । ସେହିଭଳି ଭାରତର ନାଁକୁ ଏଭଳି ଅନ୍ତର୍ଜାତିୟ ସ୍ତରରେ ପହଞ୍ଚାଇ ପାରୁଥିବାରୁ ସେ ଖୁବ ଖୁସି ସହିତ ଉତ୍ସାହିତ ଥିବା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ସେହିଭଳି ଲଣ୍ଡନରେ ଥିବା ତାଙ୍କ ଫ୍ୟାନ ଏହି ଶୋକୁ ଖୁବ ଉତ୍ସାହର ସହିତ ଅପେକ୍ଷା କରିଥିବା ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି । ଅରିଜିତ୍‌ଙ୍କର ଏହି ସଫଳତାରେ ବଲିଉଡର ଅନ୍ୟ କଳାକାରମାନେ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି । ସମସ୍ତେ ଅରଜିତ୍‌ଙ୍କର ଏହି ସଫଳତା ପାଇଁ ବେଶ୍ ଖୁସି ଥିବା ଜଣା ପଡିଛି ।

## ସୋସିଆଲ କୋଟ୍ସ



"ମୁନ୍ନା ଭାଇ ଏମ୍‌ବିବିଏସ୍‌ର ସରକିଟ୍ ଚରିତ୍ର ମୋ ପାଇଁ ଏକ ରିସ୍କ ଥିଲା । ହେଲେ ମୋର ସୌଭାଗ୍ୟଥିଲା କି ମୋ କୋ ଆକ୍ଟର ଭାବେ ସଞ୍ଜୟ ଦତ୍ତ ଏବଂ ନିର୍ଦ୍ଦେଶକ ଭାବେ ରାଜକୁମାର ହିରାନୀ ଥିଲେ ।

ଅର୍ଶଦ ବର୍ସୀ, ଅଭିନେତା



"ମୁଁ ଏବେ ବି ମୋର ବଲିଉଡ୍‌ରେ ଯୋଗଦେବା ନିଷ୍ପତ୍ତିକୁ ନେଇ ଗର୍ବ ଅନୁଭବ କରିଥାଏ । ମୋତେ ସେତେବେଳେ ମାତ୍ର ୧୮ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଘର ଛାଡି ମୁମ୍ବାଇ ଆସିବାକୁ ନିଷ୍ପତ୍ତି ନେଇଥିଲି ।

ଦୀପିକା ପାଦୁକୋନ, ଅଭିନେତ୍ରୀ



"କ୍ରୁ ଫିଲ୍ମ ଦେଖି ଖୁବ ଖୁସି ଲାଗିଥିଲା । ଏଥିରେ ଅଭିନୟ କରିଥିବା ସୁପର ଟାଲେଣ୍ଟେଡ୍ ଟ୍ରାଓଙ୍କ ଅଭିନୟ ଖୁବ ଭଲ ହୋଇଛି । ମୁଁ ଖୁବ ଏଞ୍ଜୟ କରିଛି ଫିଲ୍ମକୁ ।

ପ୍ରିତି ଜିଣ୍ଟା, ଅଭିନେତ୍ରୀ

Government of Madhya Pradesh


स्वावलंबी महिला सशक्त राष्ट्र
लोकमाता देवी अहिल्याबाई महिला सशक्तिकरण महासम्मेलन
भोपाल - 31 मई, 2025

On the occasion of
300th birth anniversary year of

# Lokmata Devi Ahilyabai Holkar Mahila Sashaktikaran Mahasammelan

and

## 'Rashtriya Devi Ahilya Samman' Alankaran



## Release of a commemorative stamp and coin dedicated to Lokmata Devi Ahilyabai Holkar



**Dr. Mohan Yadav,** Chief Minister



**Narendra Modi,** Prime Minister

## Inauguration of Datia and Satna Airports and Indore Metro

(Gandhi Nagar Metro Station to Super Corridor Station 03)

## Foundation stone laying of 29 km-long Kshipra Ghat development project & 21 barrages on the Kshipra–Kanh rivers

## Release of the first instalment of 1,271 new Atal Gram Seva Sadan (Panchayat Bhawans) worth ₹ 483 crore

— By Prime Minister —

# Narendra Modi

(Through Video Conference)

— Esteemed Presence —

**Mangubhai Patel**
Governor, Madhya Pradesh

**Dr. Mohan Yadav**
Chief Minister, Madhya Pradesh

**31st May, 2025 | 11:00 AM | Jamburi Maidan, Bhopal**

### Madhya Pradesh : Championing Women's Empowerment

- Devi Ahilya Naari Sashaktikaran Mission for holistic socio-economic empowerment of women launched in the State
- Reservation for women in government services increased to 35%
- 62 lakh rural women became self-reliant through 5 lakh self-help groups
- 89 lakh women got rid of smoke-filled kitchens through the Pradhan Mantri Ujjwala Yojana

### Enhancing Air Connectivity Across the State

- Completion of Datia Airport (124 acres; ₹ 60 crore) and Satna Airport (₹ 37 crore) with enhanced religious tourism and industrial outreach via air routes
- Direct flights to Maa Pitambara Peeth, Maa Sharda and Chitrakoot Dham will be available
- Connectivity to destinations within and beyond Madhya Pradesh will be improved

### A New Era of Urban Mobility for Indore

- Inauguration of the Yellow Line Metro, a 6 km stretch at the cost of ₹ 1520 crore will provide seamless, eco-friendly means of transport accommodating over 900 passengers per train
- Smart features like lifts, escalators, AI-based train tracking and QR-based ticketing will make commuting comfortable

### Elevating Spiritual and Tourism Experience

- Development & Beautification of Kshipra Ghats in view of Simhastha 2028 will ensure clean, serene environment for pilgrims and tourists
- 21 barrages on Kshipra–Kanh rivers will enhance water conservation and help water management

### Strengthening Rural Governance

- Construction of 1271 new Atal Gram Seva Sadans across the state will provide permanent infrastructure for Gram Panchayats to support governance, meetings, and record management

D11032/25

LIVE STREAMING | DD News | webcast.gov.in/mp/cmevents | @Cmmadhyapradesh @Jansampark.madhyapradesh | @Cmmadhyapradesh @JansamparkMP | JansamparkMP | #AhilyaBaiHolkarAt300

Designed by M.P. Madhyam/2025
Released by the Department of Public Relations, M.P.

## ବିଳମ୍ବରେ ଆସିବାରୁ ସିଡିଏ କର୍ମଚାରୀଙ୍କ ଦରମା ବନ୍ଦ

# ବାରମ୍ବାର ଅଭିଯୋଗ ପରେ ଆକ୍ସନ ନେଲେ ସଚିବ

କଟକ(ସବ୍ୟୁ): କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) କର୍ମଚାରୀ ବିଳମ୍ବରେ ଆସିବା ମହଙ୍ଗା ପଡ଼ିଛି । ସେମାନଙ୍କ ଦରମା ବନ୍ଦ କରିଦିଆଯାଇଛି । ଏହା ସହିତ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ସିଡିଏ ସଚିବ । ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁ ସହରବାସୀ ସଚିବଙ୍କୁ ପ୍ରଶଂସା କରିଛନ୍ତି ।

ସମୟ ସାଢ଼େ ୧୦ଟା ସିଡିଏ ସଚିବ ଡଃ. ଶ୍ୱେତ କୁମାର ଦାସ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସିଡିଏ କାର୍ଯ୍ୟାଳୟରେ ଅଧିକାଂଶ କର୍ମଚାରୀ ଆସିନଥିବା ଜାଣିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଅଟେଣ୍ଡାନ୍ସ ରିଜିଷ୍ଟର ମଗାଇଥିଲେ ସଚିବ । ତେବେ ଗୋଟିଏ ପରେ ଗୋଟିଏ ରେଜିଷ୍ଟର ଯାଞ୍ଚ କରିଥିଲେ । ସେତେବେଳକୁ ସାଢ଼େ ୧୧ଟା ସମୟ ହେବ । ତଥାପି ବହୁ କର୍ମଚାରୀ ସିଡିଏ ଅଫିସ ଆସିନଥିଲେ । ବିଭିନ୍ନ ବିଭାଗର ୧୫ଜଣରୁ ଊର୍ଦ୍ଧ୍ୱ କର୍ମଚାରୀ ଆସିନଥିବା ଜାଣିବାକୁ ପାଇଥିଲେ ।




ବିଳମ୍ବରେ ଆସିଥିବା କର୍ମଚାରୀଙ୍କ ଶୁକ୍ରବାର ଅର୍ଥାତ ଦିନକର ଦରମା ବନ୍ଦ କରିଥିଲେ । ଏହାସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ସିଡିଏ ସଚିବ ।

ସିଡିଏରେ ସେ ଦେଢ଼ ମାସ ହେବ ସଚିବ ଦାୟିତ୍ୱ ଗ୍ରହଣ କରିଛନ୍ତି । ତେବେ ପ୍ରତ୍ୟେକ ଦିନ କର୍ମଚାରୀମାନେ ବିଳମ୍ବରେ ଆସୁଥିବା ସହରବାସୀ ବାରମ୍ବାର ଅଭିଯୋଗ କରିଥିଲେ । ଏଠାରେ ପ୍ଲାନିଂ ବିଭାଗ, ଏଷ୍ଟାବ୍ଲିସମେଣ୍ଟ ବିଭାଗ, ଆଲଟମେଣ୍ଟ ବିଭାଗ, ଏନଫୋର୍ସମେଣ୍ଟ ବିଭାଗ, ଲିଗାଲ ସେଲ ବିଭାଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି । ସହରବାସୀ ସିଡିଏ ଅଫିସ ଆସି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ହଇରାଣ ବି ହେଉଛନ୍ତି । କେବଳ ସେତିକି ନୁହେଁ କିଛି ଅସାଧୁ କର୍ମଚାରୀ ବିଭିନ୍ନ କାର୍ଯ୍ୟ ପାଇଁ ମୋଟା ଅଙ୍କର ଟଙ୍କା ମାଗୁଥିବା ବି ଅଭିଯୋଗ ହେଉଛି । ଏସବୁ ଘଟଣାର ତଦନ୍ତ କରି ଲାଞ୍ଚୁଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

### ୧୫ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

## ଉଚ୍ଚମାନର ତାଲିମ ପାଇଁ ସିଆଇଏସ୍ଏଫ୍‌କୁ ମିଳିଲା ତିନି ତାରକା ଗ୍ରେଡିଂ ମାନ୍ୟତା

କଟକ,(ସବ୍ୟୁ): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ମୁଣ୍ଡଳି ଠାରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ(ସିଆଇଏସଏଫ୍ )ଖାରବେଳ ଆଞ୍ଚଳିକ ତାଲିମ କେନ୍ଦ୍ରକୁ ସମ୍ମାନଜନକ ତିନି ତାରକା ଓ ଉତ୍କୃଷ୍ଟ ମାନ୍ୟତା ମିଳିଛି । ଏଥିପାଇଁ ଭାରତ ବର୍ଷରେ ଥିବା ସମସ୍ତ ତାଲିମ କେନ୍ଦ୍ରକୁ କେନ୍ଦ୍ର ସରକାରଙ୍କର ଏକ ପ୍ରତିନିଧି ଦଳ ଯାଇ ଅନୁଧ୍ୟାନ କରିଥିଲେ । ଏହି ଅନୁଧ୍ୟାନ ସମୟ ରେ ଆସିଥିବା ମୂଲ୍ୟାଙ୍କନ ନିମନ୍ତେ ତାଲିମ କେନ୍ଦ୍ରରେ ସିଭିଲ୍ ସର୍ଭିସ୍ ଟ୍ରେନିଂ ଇନଷ୍ଟିଚ୍ୟୁସନ୍ସ ପାଇଁ ଜାତୀୟ ମାନଦଣ୍ଡ ପରିଚାଳନା, ପ୍ରଶିକ୍ଷଣ, ତାଲିମ ଦାତାଙ୍କ କ୍ଷମତା, ପରିବେଶ, ପାଠ୍ୟକ୍ରମ ଡିଜାଇନ୍ ଆଦି ୮ଟି ସ୍ତମ୍ଭ ପ୍ରତି ଗୁରୁତ୍ୱ ଦେଇଥିଲେ । ସିଆଇଏସଏଫ୍ ରେ ଉଚ୍ଚମାନର ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ପ୍ରଦାନ ପ୍ରତି ପ୍ରତିବଦ୍ଧତାକୁ ସୂଚିତ କରୁଥିବାରୁ ଆସିଥିବା ଦଳ ମୂଲ୍ୟାଙ୍କନ ପରେ ସିଆଇଏସଏଫ୍ କୁ ତିନି ତାରକା ଓ ଉତ୍କୃଷ୍ଟ ମାନ୍ୟତା ମିଳିଛି । କ୍ଷମତା ନିର୍ମାଣ ଆୟୋଗ (ସିବିସି) ଦ୍ୱାରା ସମ୍ମାନଜନକ ଉତ୍କୃଷ୍ଟ ବା ବହୁତ ଭଲ ସ୍ତରର ମାନ୍ୟତା ସହ ୩ ତାରକା ଗ୍ରେଡିଂର ମାନ୍ୟତା ଦିଆଯାଇଛି ।



ବିଧାନସଭା ପରିସରରେ ଦିବଂଗତ ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଚସ୍ପତି ସୁରମା ପାଢ଼ୀ

# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀର ତିନି ଥରର ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ ଘଟିଛି । ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ମରଶରୀର କାମାକ୍ଷାନଗରରେ ପହଞ୍ଚିବା ପରେ ପ୍ରବଳ ବର୍ଷା ସତ୍ତ୍ୱେ ଶତାଧିକ କାମାକ୍ଷାନଗର ବାସିନ୍ଦା ନିଜ ପ୍ରିୟ ନେତାଙ୍କୁ ଶେଷବିଦାୟ ଜଣାଇଥିଲେ । ସ୍ୱର୍ଗତଃ ପ୍ରସନ୍ନ କୁମାର ପଟ୍ଟନାୟକ ୧୯୭୭ ମସିହାରେ ଛାତ୍ର ରାଜନୀତିରୁ ରାଜନୀତିରେ ପ୍ରବେଶ କରି ମାତ୍ର ୨୮ ବର୍ଷ ବୟସରେ ଜନତାପାର୍ଟି ତରଫରୁ କାମାକ୍ଷାନଗର ପାଇଁ ପ୍ରତିନିଧିତ୍ୱ କରି ପ୍ରଥମଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ପରେ ୧୯୮୫ ମସିହାରେ ବିଜେପି ତରଫରୁ ପ୍ରତିନିଧିତ୍ୱ କରି ରାଜ୍ୟର ପ୍ରଥମ ବିଜେପି ବିଧାୟକ ଭାବେ ବିଜୟୀ ହୋଇଥିଲେ । ୧୯୯୦ ରୁ ୯୫ ପର୍ଯ୍ୟନ୍ତ ସେ ଜନତା ଦଳ ତରଫରୁ ନିର୍ବାଚିତ ହୋଇ କାମାକ୍ଷାନଗର



ନିର୍ବାଚନମଣ୍ଡଳୀ ତରଫରୁ ତିନିଥର ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ମୃତ୍ୟୁ ପରେ ପ୍ରସନ୍ନ ପଟ୍ଟନାୟକଙ୍କ ମରଶରୀର କାମାକ୍ଷାନଗରରେ ପହଞ୍ଚିବା ପରେ ସ୍ଥାନୀୟ ଜଗନ୍ନାଥ ବଜାର ଠାରେ ଥିବା ତାଙ୍କ ବାସଭବନ ନିକଟରେ ଦଳମତ ନିର୍ବିଶେଷରେ ଶତାଧିକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶେଷଦର୍ଶନ କରିଥିଲେ। କାମାକ୍ଷାନଗର ଓକିଲ ସଙ୍ଘ, ସାମ୍ବାଦିକ ସଙ୍ଘ, ବଣିକସଙ୍ଘ ଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ନିଜର ପ୍ରିୟ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ କାମାକ୍ଷାନଗରରେ ଶୋକର ଛାୟା ଖେଳିଯାଇଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

ଶ୍ରୀ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶା ରାଜନୀତିର ଜଣେ କର୍ମଯୋଗୀ ନେତା ଏବଂ ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ । ଶିକ୍ଷା, ସମାଜସେବା ଏବଂ ରାଜନୈତିକ କ୍ଷେତ୍ରରେ ତାଙ୍କର ଅବଦାନ ଏବଂ ଆମ ଦଳର ସଂଗଠନକୁ ଦୃଢ଼ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣ ଯୋଗ୍ୟ ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା, (ସବ୍ୟୁ): ପତ୍ନୀ କୁ ଅତି ନିର୍ମମଭାବେ ତଂଟି ଚିପି ହତ୍ୟା କରିଥିବା ସ୍ୱାମୀ କୁ ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ(ଏଡିଜେ-୧) ରଞ୍ଜୁଲତା ଲେଙ୍କା ଆଜୀବନ କାରାଦଣ୍ଡ ସମେତ ୧୦ହଜାର ଟଙ୍କା ଜରିମାନା ରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ ଛମାସ ଜେଲ ଦଣ୍ଡାଦେଶ ଭୋଗିବେ ।

ନୟାଗଡ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ ଭାଲିଆପଦର ଗ୍ରାମର ବିକାଶ ସାହୁଙ୍କ ଭଉଣୀ ରୁନୀତାଙ୍କ ର ବୌଦ୍ଧ ସିନ୍ଧୁରକୁମ୍ଭା ର ଦିପ୍ତିମାନ ସାହୁଙ୍କ ସହ ୨୦୧୦ରେ ବିବାହ ହୋଇଥିଲା । ଦିପ୍ତିମାନ ଖୋର୍ଦ୍ଧା ମଳିପଡା ଅଂଚଳରେ ପତ୍ନୀ କୁ ଧରି ୨୦୨୦ ମସିହାରେ ରହି ନିକଟ ଏକ କାରଖାନା ରେ କାମ କରୁଥିଲେ । ୨୦୨୦ ଜାନୁଆରୀ ୧୯ତାରିଖରେ ସ୍ତ୍ରୀ ରୁନିତାଙ୍କୁ ଦୀପ୍ତିମାନ ଅତିନିର୍ମମଭାବେ ତଂଟିଚିପି ହତ୍ୟା କରି ଜଙ୍କିଆ ଥାନା ଅନ୍ତର୍ଗତ ଗୋଡିପଡା କାଜୁବଗିଚା ନିକଟ ବଘେଇ ଠାକୁରାଣୀ ପାଖ ଜଙ୍ଗଲରେ ମୃତଦେହ କୁ ପକାଇଦେଇଥିଲା । ପରେ ପତ୍ର୍ୟେକ ଦିନଭଳି କାରଖାନା ଯାଇଥିଲେ । ସେଠାରେ ସ୍ତ୍ରୀ ରୁନିତା କଥା ସହଯୋଗୀମାନେ ପଚାରିବାରୁ ନିଜ ଉପରୁ ଦୋଷ ଛଡାଇବାକୁ ଯାଇ ପୁରୀ ବୁଲିବାକୁ ଯାଇଥିବାବେଳେ ହଜିଯାଇଥିବା କହି କାରଖାନା ରୁ ତାଙ୍କ ଶଶୁର ଘରକୁ ପଳାଇଥିଲେ। ସ୍ତ୍ରୀଙ୍କ ଏକା ଆସିଥିବାବେଳେ ଝିଅ ନଆସିବା ଦେଖି ସେଠାରେ ଶାଶୁ ଓ ଶଳା ରୁନିତା ସମ୍ପର୍କରେ ପଚାରିବାରେ ସେଇ ସମାନ ଉତର ରଖିଥିଲେ । ସେମାନଙ୍କର ଦିପ୍ତିମାନ ଉପରେ ସନ୍ଦେହ ହେବାରୁ ସେମାନେ ବାଣିଗୋଛା ଥାନାକୁ ନେଇଥିଲେ । ଦିପ୍ତିମାନ କିପରି ସ୍ତ୍ରୀକୁ ହତ୍ୟା କରିଥିଲେ ତାହା ଥାନାରେ ସ୍ୱୀକାର କରିଥିଲେ । ପରେ ଘଟଣାସମ୍ପର୍କରେ ଜଙ୍କିଆ ଥାନା ରେ ମୃତାଙ୍କ ଭାଇ ବିକାଶ ସାହୁ ଅଭିଯୋଗ କରିଥିଲେ । ଜଙ୍କିଆ ପୋଲିସ ଅଭିଯୋଗକୁ ଭିତି କରି ଥାନାରେ ଏକ ହତ୍ୟା ମାମଲା(ନଂ ୨୪।୨୦)ରୁଜୁ କରି ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ଶୁକ୍ରବାର ଏହି ମାମଲାର ବିଚାର କରି ଏଡିଜେ ପ୍ରଥମ ୨୫ଜଣ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସୁକ୍ୟୁଟେର ରଜନୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ ।

## ସାମ୍ବାଦିକଙ୍କୁ ମାଡ ମାମଲା

# ଡିଜିପିଙ୍କୁ ରିପୋର୍ଟ ତଲବ କଲେ ମାନବାଧିକାର କମିଶନ

ଭୁବନେଶ୍ୱର, (ସବ୍ୟୁ) : ହାତଗୋଡ ବାନ୍ଧି କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ମାଡ ମାରିବା ଘଟଣାରେ ମାନବାଧିକାର କମିଶନ ନିଜ ଆଡୁ ମାମଲା ରୁଜୁ କରି ଡିଜିପି ୱାଇବି ଖୁରାନିଆଙ୍କୁ ରିପୋର୍ଟ ତଲବ କରିଛନ୍ତି । ଦୁଇ ସପ୍ତାହ ମଧ୍ୟରେ ମାମଲାର ସବିଶେଷ ତଥ୍ୟ ଦେବାକୁ ନୋଟିସ୍‌ରେ ଉଲ୍ଲେଖ ହୋଇଛି ।

କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଦୁର୍ବୃତ୍ତମାନେ ହାତଗୋଡ ବାନ୍ଧି ସର୍ବସମ୍ମୁଖରେ ନିର୍ମମ ଭାବେ ମାଡ ମାରିଥିଲେ । ଏପରିକି ତାଙ୍କ ମୁହଁକୁ ଗୋଇଠା ମଧ୍ୟ ମାରିଥିଲେ । ଏହି ଘଟଣାର ଅଭିଯୋଗ ହେବା ପରେ ମୁଖ୍ୟ ଅଭିଯୁକ୍ତ ଠିକାଦାରଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ମାମଲାର ତଦନ୍ତ ଜାରି ରହିଥିବା ବେଳେ ଆଉ କେତେକ ଅଭିଯୁକ୍ତ ଗିରଫ ହୋଇପାରନ୍ତି । ମାନବାଧିକାର କମିଶନ ଏହି ସମ୍ବେଦନଶୀଳ ମାମଲାରେ ନିଜ ଆଡୁ ମାମଲା ରୁଜୁ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଡିଜିପିଙ୍କୁ ନୋଟିସ୍ କରିବା ସାମ୍ବାଦିକଙ୍କ ମହଲରେ ଚର୍ଚ୍ଚା ହେଉଛି ।

## ଭିମ୍‌ସାର ପରିସରରେ 'ସୁପର ସ୍ପେସାଲିଟି ହସ୍ପିଟାଲ' ଉଦ୍‌ଘାଟିତ

# ଓଡ଼ିଶାର ଡାକ୍ତର ଓଡ଼ିଶାରେ ଚିକିତ୍ସା ସେବାରେ ରହିଲେ ହିଁ ରାଜ୍ୟ ୧ ନମ୍ବର ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଚାକିରି ପାଇଁ ବାହାରକୁ ନଯାଇ ଓଡ଼ିଶାରେ ଡାକ୍ତରୀ ସେବା କରିବା ଆବଶ୍ୟକ । ଡାକ୍ତରୀ ପିଲାମାନେ ଏହିଭଳି ମନ ବଳାଇଲେ ହିଁ ଆମ ରାଜ୍ୟ ଏକ ନମ୍ବର ହୋଇପାରିବ ବୋଲି ଗୁରୁବାର ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ଭିମସାର୍), ବୁର୍ଲା ପରିସରରେ ସୁପର ସ୍ପେସାଲିଟି ହସ୍ପିଟାଲକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ପ୍ରାୟ ୧୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ହସ୍ପିଟାଲରେ ୫୮ ଟି ଆଇସିୟୁ ଶଯ୍ୟା ସହିତ ମୋଟ୍ ୨୭୨ଟି ଶଯ୍ୟା ଅଛି । ଏହି ସୁପର୍ ସ୍ପେସାଲିଟି ହସ୍ପିଟାଲରେ ନଅଟି ସୁପର୍ ସ୍ପେସାଲିଟି ବିଭାଗ ରହିବ । ଲୋକାର୍ପିତ ସୁପର ସ୍ପେସାଲିଟି ହସ୍ପିଟାଲ ଦ୍ୱାରା ସମ୍ବଲପୁର ସମେତ ୧୩ଟି ଜିଲ୍ଲାର ଜନସାଧାରଣ ଏବଂ ଛତିଶଗଡ଼, ଝାଡ଼ଖଣ୍ଡ ରାଜ୍ୟର ସଂଲଗ୍ନ ଅଞ୍ଚଳ ଗୁଡିକରେ ରହୁଥିବା ଲୋକମାନେ ଏହି ପ୍ରକଳ୍ପ ଦ୍ୱାରା ଅତ୍ୟନ୍ତ ଲାଭବାନ ହେବେ । ସିକିଲ୍ ସେଲର ରୋଗୀମାନଙ୍କ ପାଇଁ ଏହି ହସ୍ପିଟାଲ ନୂତନ ସୁଯୋଗ ସୃଷ୍ଟି କରିବ । ରୋଗୀମାନଙ୍କୁ ଅତ୍ୟାଧୁନିକ ସମସାମୟିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଏହି ସୁପର ସ୍ପେସାଲିଟି ହସ୍ପିଟାଲ ଅଗ୍ରଣୀ ଭୂମିକା ନିର୍ବାହ କରିବ । ସମାଜର ଅନ୍ତିମ ଶ୍ରେଣୀର ଲୋକମାନଙ୍କୁ ସୁପର୍



ସ୍ପେସାଲିଟି ଚିକିତ୍ସା ସୁବିଧା ଯୋଗେଇବା ଦିଗରେ ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ହେଲେ ରାଜ୍ୟରେ ଭିମସାର ଭଳି ଅନୁଷ୍ଠାନରୁ ପାଠ ପଢୁଥିବା ଡାକ୍ତର ଛାତ୍ରଛାତ୍ରୀମାନେ ବାହାର ରାଜ୍ୟରେ ଚାକିରି ନକରି ଆମ ରାଜ୍ୟରେ ଚାକିରି କରିବା ଦରକାର । ତେବେ ଯାଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ । ଭିମସାର ପରିସରରେ ଏକ ୟୁନିଟାରୀ ଡେଣ୍ଟାଲ୍ କଲେଜ୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ବଜେଟରେ ଘୋଷଣା କରିଛନ୍ତି । ଭିମାସରର ପୁନଃବିକାଶ ପାଇଁ ମାଷ୍ଟର ପ୍ଲାନ୍ କରିବା ପାଇଁ ସରକାରଙ୍କ ଯୋଜନାରେ ରହିଛି । ଭିମସାରରେ ମେଡିଟେକ୍, ବାୟୋଟେକ୍, ଏଆଇ ଏନେବଲ୍ଡ ଟ୍ରିଟମେଣ୍ଟ ଭଳି ଅତ୍ୟାଧୁନିକ ମେଡିକାଲ ପଦ୍ଧତି ସହ ଗଣାତ୍ମକ ଶିକ୍ଷା, ସୁଶାସନ ମଡେଲ ଏବଂ ଷ୍ଟାର୍ଟଅପ ଦୁନିଆକୁ ଯୋଡିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ । ଏହାର ଭିତ୍ତିଭୂମିର ବିକାଶ ପାଇଁ ସମସ୍ତଙ୍କ ପରାମର୍ଶ ନେବା ସହ ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କର୍ମଶାଳାର ଆୟୋଜନ କରିବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରଥଯାତ୍ରା, ବାହୁଡା ଯାତ୍ରା, ସୁନା ବେଶ ଦିନ ପୁରୀକୁ ଗଡିବ ୧ ହଜାର ବସ

# ପରିବହନ କମିଶନର, ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସମନ୍ୱୟ ବୈଠକ

ପୁରୀ (ସବ୍ୟୁ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ । ଶ୍ରଦ୍ଧାଳୁଙ୍କ ସୁଗମ ପରବହନକୁ ଆଖି ଆଗରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୋଲିସ କର୍ତ୍ତୃପକ୍ଷ ଏବଂ ବସ୍ ମାଲିକ ସଙ୍ଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏତେ ସଂଖ୍ୟକ ଶ୍ରଦ୍ଧାଳୁ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗୁଡ଼ିକ ଗ୍ରହଣ କରାଯାଇଛି ।

ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ରଥଯାତ୍ରା ନିମନ୍ତେ ଅନ୍ୟରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ । ଆଗ୍ରହୀ ବସ୍ ମାଲିକମାନେ ଏଥିନିମନ୍ତେ କିଭଳି ସୁବିଧାରେ ଆବେଦନ କରିବେ ଓ ଅନୁମତି ପାଇବେ ସେ ଦିଗରେ ଆଲୋଚନା କରାଯାଇଥିଲା । ବିଶେଷକରି, କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ



କରିବା ଉପରେ ଗୁରୁତ୍ୱ ଦିଆଯିବ । ସେହିଭଳି ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ ମାଲିକ ସଙ୍ଘ ଧ୍ୟାନ ଦେବାକୁ କହିଛନ୍ତି ପରିବହନ ଆୟୁକ୍ତ । ପୁରୀ ଯାଉଥିବା ଓ ପୁରୀରେ ଚଳାଚଳ କରୁଥିବା ସମସ୍ତ ବସ୍ ଓ ଅଟୋରେ ଭଡ଼ା ସଂପର୍କିତ ତଥ୍ୟ ପ୍ରଦର୍ଶିତ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି । ଯେଭଳି କେହି ମନଇଚ୍ଛା ଭଡ଼ା ଆଦାୟ କରି ଯାତ୍ରୀଙ୍କୁ ହଇରାଣ ନ କରନ୍ତି ସେ ଦିଗରେ ପୁରୀ ପୋଲିସ ଓ ପୁରୀ ଆରଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ବସ୍ ଷ୍ଟପରେ ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ । ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାକୁ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସଷ୍ଟାଣ୍ଡରେ ମନିଟର କରାଯିବ । ଏହା ସହ ପୁରୀର ତାଳବଣିଆରେ ସିସିଟିଭି ମଧ୍ୟ ଲାଗିବ । ବସମାନଙ୍କରେ ଫାଷ୍ଟଏଡ୍ କିଟ୍ ଓ ପର୍ଯ୍ୟାପ୍ତ ପରିମାଣର ଓଆରଏସ ମହଜୁଦ୍ ରହିବ ଓ ତାହା ଏସଟିଏ ପକ୍ଷରୁ ଯୋଗାଇ ଦିଆଯିବ । ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିମାନଙ୍କ ସୁବିଧା ନିମନ୍ତେ ରଥଯାତ୍ରା ସମୟରେ ପୁରୀରେ ଆରଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ । ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀଙ୍କ ସହଯୋଗ, କ୍ରେନ୍ ଓ ଆମ୍ବୁଲାନ୍ସ ସୁବିଧା ମଧ୍ୟ କରାଯିବ । ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ । ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନ ଗୁଡ଼ିକରେ ସ୍ୱତନ୍ତ୍ର ଟିମ୍ ଦାୟିତ୍ୱରେ ରହିବେ । କୋଣାର୍କ- ପୁରୀ ରୁଟ୍ ପାଇଁ ସ୍ୱତନ୍ତ୍ର ଟ୍ରାଫିକ କଟକଣା ଲାଗୁ ହେବ । ସମସ୍ତ ବିଭାଗ, ଗାଡ଼ି ମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ଆୟୁକ୍ତ ।

# ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ଭଜନ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୮ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡାଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପିପିଲିରୁ ଏକ ଘଣ୍ଟୁଆ, ପାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ୨୭ ତାରିଖରେ ଅଙ୍କୁରା ରୋପଣ, ୨୮ ତାରିଖରେ ଜଳଯାତ୍ରା, ମଣ୍ଡଳାଧୀବାସ, ଘଟସ୍ଥାପନ ଏବଂ ୨୯ ତାରିଖ ଦିନ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କ ଷୋଡ଼ଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି ଓ ପୂର୍ଣ୍ଣାହୂତି କରାଯାଇଥିଲା ।

ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୫୦ ନମ୍ବର ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୩୦ ନମ୍ବର ୱାର୍ଡ଼ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ବରମୁଣ୍ଡାର ବରିଷ୍ଠ ନାଗରିକ ନାରାୟଣ ପ୍ରଧାନ, ବିଶିଷ୍ଟ ସମାଜସେବୀ ସମରେନ୍ଦ୍ର ଜେନା, ମା' ସନ୍ତୋଷୀ ଦେବୀ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା ଓ ତପନ କୁମାର, ସମାଜସେବୀ ନେହେରୁ ସେନାପତି,



ବିଶ୍ୱରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାସ୍ତ୍ରୀ ନଗରର ତୁଳସୀ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଆଶା ମୁକୁଳ ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା । ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତିପ୍ରକାଶ ମିଶ୍ର, ରତିକାନ୍ତ ତ୍ରିପାଠୀ, ରଚନା ମିଶ୍ର ଓ ଅନିମେସ ଅନୁପମ ଭଜନ ପରିବେଷଣ କରିଥିଲେ। ଅକ୍ଟୋପ୍ୟାଡ଼ରେ ଅନିଲ କୁମାର ଓ ତବଲାରେ ସନ୍ଦୀପ ବାରିକ ସହଯୋଗ କରିଥିଲେ। ମା' ସନ୍ତୋଷୀ ଦେବୀଙ୍କ ପୂଜକ ଆଦିତ୍ୟ କୁମାର ସ୍ୱାଇଁ, ସୁଦର୍ଶନ ବାରିକ, ସୁରେନ୍ଦ୍ର କୁମାର ବିଶ୍ୱାଳ, ହାଓ୍ୱା ସ୍ୱାଇଁ, ସରୋଜ କୁମାର ସାହୁ, ସୀବ କୁମାର ବିଶ୍ୱାଳ, ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରାଯାଇଥିଲା । ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ।

## ଅମୁନି ଜଲିଉଡ୍ ବିବାଦ

# ପୁଣି ଯାତ୍ରା ପାର୍ଟି ମାଲିକଙ୍କ ନାଁରେ ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ) : ଜଲିଉଡ୍‌ରେ ବିବାଦ ଦିନକୁ ଦିନ ବଢିବାରେ ଲାଗିଛି । ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁଙ୍କ ନାରେ ପୁଣି ଅଭିଯୋଗ କରିଛନ୍ତି ନାୟିକା ପୂଜା । ନାଣ୍ଟୁ ତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ । ସେଥିରେ ସେ ରାଜି ନହେବାରୁ ତାଙ୍କଠାରୁ ଅଗ୍ରୀମ ଟଙ୍କା ବନ୍ଧୁକ ଦେଖାଇ ଫେରାଇ ନେବା ପରେ ଯାତ୍ରା ପାର୍ଟିରୁ ତଡି ଦେଇଥିବା ପୂଜା ଅଭିଯୋଗ କରିଛନ୍ତି ।

ପୂଜା ନାମ୍ନୀ ନାୟିକା ମା'ଙ୍କ ସହ ଭୁବନେଶ୍ୱରରେ ଭଡାରେ ରୁହନ୍ତି । ତାଙ୍କ ବାପା ନଥିବା ବେଳେ ଭାଇଙ୍କର କିଛିଦିନ ତଳେ ମୃତ୍ୟୁ ହୋଇଥିବା ସେ କହିଛନ୍ତି । ଜଣେ ସାଙ୍ଗଙ୍କ ପ୍ରରୋଚନାରେ ସେ ଯାତ୍ରା ପାର୍ଟି ତୁଳସୀର ମାଲିକ ନାଣ୍ଟୁଙ୍କ ସହ ଟେଲିଫୋନ୍‌ରେ ଯୋଗାଯୋଗ କରିଥିଲେ । ନାଣ୍ଟୁଙ୍କ ସହ ସେ କଥା ହେବା ସହ ମା'ଙ୍କୁ କଥା କରାଇ ଦେଇଥିଲେ । ୨୪-୨୫ ମସିହା ପାଇଁ ୮ଲକ୍ଷ ଟଙ୍କାରେ ସେ ପୂଜାଙ୍କୁ ବୁକ୍ କରିଥିଲେ । ୪ଲକ୍ଷ ଟଙ୍କା ଅଗ୍ରୀମ ଦେବା ପରେ ପୂଜା ରିହଲସାଲ ପାଖକୁ ଯାଇଥିଲେ । ସେଠାରେ ପହଞ୍ଚିବା ପରେ ୮ଲକ୍ଷ ୧୪ଲକ୍ଷ ହୋଇଯାଇଥିଲା । ଅର୍ଥାତ୍ ବାର୍ଷିକ ୧୪ଲକ୍ଷ ଟଙ୍କା ଯାତ୍ରା ମାଲିକ ପୂଜାକୁ ଦେବା ପାଇଁ କହିଥିଲେ ।

ପୂଜା ସେଠାରେ ପହଞ୍ଚିବା ପରେ ନାଣ୍ଟୁ ତାଙ୍କୁ ୧୦ ହଜାର ଟଙ୍କା ବିଭିନ୍ନ ଜିନିଷ କିଣିବା ପାଇଁ ଦେଇଥିଲେ । ଦୁଇଦିନ ତାଙ୍କୁ ଭଲ ଭାବେ ଚର୍ଚ୍ଚା କରାଯାଇଥିଲା । ଏପରିକି ଗୋଟିଏ କେୟାରଟେକର ମଧ୍ୟ ତାଙ୍କ ପାଇଁ ନିୟୋଜିତ କରିଥିଲେ ମାଲିକ ନାଣ୍ଟୁ । ଦୁଇଦିନ ପରେ ତୃତୀୟ ଦିନ ମ୍ୟାନେଜର ଟୁଲୁଙ୍କ ସହାୟତାରେ ପୂଜାଙ୍କୁ ନାଣ୍ଟୁ ଡକାଇଥିଲେ । ପୂଜା ରିହଲସାଲ ପାଲ ପାଖକୁ ଯିବାବେଳେ ତାଙ୍କ ବେକରେ ମ୍ୟାନେଜର ହାତ ଲଗାଇ ଖରାପ ଆଚରଣ କରିଥିଲେ । ପୂଜା ତାହାର ପ୍ରତିବାଦ କରିବାରୁ ସେ ହାତ କାଢିଦେଇ ମାଲିକଙ୍କ କଥା ମାନିବାକୁ କହିଥିଲେ । ମାଲିକ ନାଣ୍ଟୁ ଆସି ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ । ଭୁବନେଶ୍ୱରରେ ଫ୍ଲାଟ୍ କିଣିଦେବା ସହ ଗହଣାରେ ତୋ ଶରୀରକୁ ଛାଇଦେବି ଲୋକେ ଚିହ୍ନିପାରିବେ ନାହିଁ ବୋଲି ନାଣ୍ଟୁ କହିଥିବା ପୂଜା ଗଣମାଧ୍ୟମକୁ କହିଛନ୍ତି । ଯେଉଁ ହୋଟେଲକୁ ଡାକିବି ସେଠାକୁ ଯିବୁ, ମୋ କଥା ମାନିଲେ ତୋତେ ନାୟିକା ଭୂମିକା ଦିଆଯିବା ସହ ସମସ୍ତ ଆବଶ୍ୟକତା ଦେବି ବୋଲି ନାଣ୍ଟୁ କହିଥିଲେ ।

ଏଥିରେ ପୂଜା ରାଜି ନହେବାରୁ ତାଙ୍କ ଠାରୁ ୪ଲକ୍ଷ ଟଙ୍କା ଦୁଇ ପର୍ଯ୍ୟାୟରେ ବନ୍ଧୁକ ଦେଖାଇ ନେଇଯାଇଥିଲେ । ଏପରିକି ତାଙ୍କୁ ସେଠାରୁ ତଡିଦେବା ବେଳେ ମୁଣ୍ଡରେ ବନ୍ଧୁକ ଲଗାଇ ସାଧା କାଗଜରେ ଦସ୍ତଖତ କରିନେଇଥିଲେ । ପୂଜା ଦୁଇବର୍ଷ ହେବ ସେଠାରୁ ଆସି ମାନସିକ ନିର୍ଯାତନାରେ ରହୁଛନ୍ତି । କାରଣ ଅନ୍ୟ କୌଣସି ପାର୍ଟି ସହ ଯୋଗାଯୋଗ କଲେ ନାଣ୍ଟୁ ସେହି ମାଲିକମାନଙ୍କୁ ମନା କରିଦେଉଥିବା ପୂଜା କହିଛନ୍ତି । ପୂଜାଙ୍କୁ ଟଙ୍କା ପାଇଁ କୋର୍ଟ ନୋଟିସ୍ ନାଣ୍ଟୁ ପଠାଇଥିବା ସେ କହୁଛନ୍ତି । ପୂଜାଙ୍କ ଏସବୁ କଥାକୁ ନାଣ୍ଟୁ ଖଣ୍ଡନ କରୁଛନ୍ତି । ତାଙ୍କ କହିବା କଥା ଯେଉଁ କଳାକାରମାନେ ଆଗୁଆ ଟଙ୍କା ନେଇଛନ୍ତି, ସେମାନେ ମେଳି ହୋଇ ଏପରି ଅଭିଯୋଗ କରୁଛନ୍ତି । ନରି ପଣ୍ଡା, ସୋନାଲି ସ୍ୱାମୀ, ମାମୁନି ପରେ ପୂଜା ଏକାଠି ହୋଇ ଏହିପରି ବିବାଦ ସୃଷ୍ଟି କରୁଥିବା ନାଣ୍ଟୁ ଗଣମାଧ୍ୟମକୁ କହିଛନ୍ତି । ଟଙ୍କା ନଦେବା ପାଇଁ ଏହି କଳାକାରମାନେ ଆପତ୍ତିଜନକ ଅଭିଯୋଗ କରୁଥିବା ନାଣ୍ଟୁ କହିଛନ୍ତି ।

# ଦୁଷ୍କର୍ମ ମାମଲାରେ ପିଡ଼ିତାଙ୍କ ବାପାଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଏକ ଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଉକ୍ତ ମାମଲାର ବିଚାରଣା କରି ଜଣେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ପ୍ରମାଣ ଅଭାବରୁ ଆଉ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଦୋଷୀ ସାବ୍ୟସ୍ତ ଜଣକ ହେଲେ ପିଡ଼ିତାଙ୍କ ବାପା (୪୭) ଓ ନିର୍ଦ୍ଦୋଷ ସାବ୍ୟସ୍ତ ଜଣକ ହେଲେ ପିଡ଼ିତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ ମାମୁଁ ।ଏହାସହ ଅଭିଯୁକ୍ତ ବାପାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି । ଅନ୍ୟପଟେ ପିଡ଼ିତାଙ୍କୁ ୧୦ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ଡ଼ିଏଲଏସଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟଯେ, ୨୦୨୩ ଡ଼ିସେମ୍ବର ମାସରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜନୈକା ନାବାଳିକା(୧୬) ତାଙ୍କର ଦୁଇ ସାଙ୍ଗସହ ନିକଟରେ ଥିବା ଏକ ଅଙ୍ଗନାବାଡ଼ି କେନ୍ଦ୍ରକୁ ଯାଉଥିଲେ। ରାସ୍ତାରେ ଦୁଇ ଜଣ ବ୍ୟକ୍ତି ସମ୍ପୃକ୍ତ ନାବାଳିକାକୁ ଟାଣି ନେବା ବେଳେ ସେ ଚିତ୍କାର କରିଥିଲେ। ଗାଁ ଲୋକ ରୁଣ୍ଡ ହୋଇ ତାଙ୍କୁ ଧରିଥିଲେ। ହେଲେ ସେ ଦୁଇଜଣ ଉକ୍ତ ନାବାଳିକାଙ୍କ ବାପା ଓ ତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ ମାମୁଁ। ପରେ ନାବାଳିକା ଜଣଙ୍କ ରାତ୍ର ଘରେ ଶୋଇଥିବା ବେଳେ ତାଙ୍କ ବାପା ତାଙ୍କୁ ଦୁଷ୍କର୍ମ କରିଥିଲେ । ଏହି ଘଟଣାକୁ ନେଇ ନାବାଳିକା ଜଣକ ନିଜ ପ୍ରଥମ ମାମୁଁ ଓ ମାଇଁଙ୍କୁ ଜଣାଇଥିଲା। ପରେ ସେ ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୯୦୨/୨୩ ରେ ଏକ ମାମଲା ରୁଜୁ କରିଥିଲା। ସେହିବର୍ଷ ଡିସେମ୍ବର ୨୪ ରେ ପିଡ଼ିତାଙ୍କ ବାପାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲ । ପରେ ପିଡ଼ିତାଙ୍କ ମାମୁଁକୁ ଗିରଫ କରି ଜେଲ ପଠାଇଥିଲା। କିଛିଦିନ ପରେ ମାମୁଁ ଜାମିନରେ ମୁକୁଳିଥିଲେ। କିନ୍ତୁ ଗିରଫପର ଠାରୁ ପିଡ଼ିତାଙ୍କ ବାପା ଜେଲରେ ରହିଥିଲେ। ମମାଲର ବିଚାରଣା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

# ଜିନ୍ଦଲ ଷ୍ଟେନଲେସ୍‌କୁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର କାରଖାନା ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଅର୍ଜନ କରିଛି, ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଏହାକୁ ପ୍ରତିଷ୍ଠିତ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ପ୍ରଦାନ କରାଯାଇଛି। ଗତକାଲି ମୁମ୍ବାଇରେ ଅନୁଷ୍ଠିତ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ଆନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ସମ୍ମିଳନୀ ୨୦୨୪ରେ ଏହି ସମ୍ମାନ ଘୋଷଣା କରାଯାଇଥିଲା।

ଏହି ସମ୍ମାନଜନକ ପୁରସ୍କାର ଯାଜପୁର ପ୍ଲାଣ୍ଟର କର୍ମକ୍ଷେତ୍ର ସୁରକ୍ଷା ପ୍ରତି ଅସାଧାରଣ ସମର୍ପଣ, ଏହାର ପ୍ରଭାବଶାଳୀ ଶୂନ୍ୟ-ଦୁର୍ଘଟଣା ପ୍ରଦର୍ଶନ ଏବଂ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ ପାଳନକୁ ସ୍ୱୀକାର କରେ। ଏହି ଉତ୍ସବରେ ବ୍ରିଟିଶ ସେଫ୍ଟି, ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ, ଜୋନାଥନ ଗ୍ୟାଥ୍ରୋ ଏବଂ ବ୍ରିଟିଶ୍ ସେଫ୍ଟି କାଉନସିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ, ମାଇକ୍ରବିନସନଙ୍କ ଛଡ଼ା ପରିଚାଳନା ନିର୍ଦ୍ଦେଶକ ଭାରତ, ବ୍ରିଟିଶ୍ ସେଫ୍ଟି କାଉନ୍ସିଲ, ହେମନ୍ତ ସେଠୀ ଓ ଅନ୍ୟାନ୍ୟବିଶିଷ୍ଟ ଅତିଥି ଏବଂ ଶିଳ୍ପ ସୁରକ୍ଷା




କ୍ଷେତ୍ରର ଉଲ୍ଲେଖନୀୟ ନେତାମାନେ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ, ଅଗ୍ନିଶମ ଏବଂ ସୁରକ୍ଷା ମୁଖ୍ୟ, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, ମନୋଜ କୁମାର ବଳ ।

ଏହି ପୁରସ୍କାର କୃତକର୍ମ ସୁରକ୍ଷା ନୀତି, ଶୂନ୍ୟ ଦୁର୍ଘଟଣା ଏବଂ ଉତ୍କୃଷ୍ଟ ମାନର ସୁରକ୍ଷା ମାନଦଣ୍ଡ ଏବଂ ନିରନ୍ତର ପ୍ରଚେଷ୍ଟାର ପରିଣାମ ସ୍ୱରୂପ ମିଳିଛି। ଉଲ୍ଲେଖନୀୟ ଯେ, ଯାଜପୁରର ଜିନ୍ଦଲ ଷ୍ଟେନଲେସ୍ ୨୦୨୪ ମସିହାରେ 'ଶୂନ୍ୟ ଦୁର୍ଘଟଣା' ରେକର୍ଡ ବଜାୟ ରଖିବାର ଗୌରବ ହାସଲ କରିଛି, ଯାହା ସଂଗଠନର ଦୃଢ଼ ସୁରକ୍ଷା ସଂସ୍କୃତିକୁ ଗୁରୁତ୍ୱାରୋପ କରେ। ଏହି ସଂସ୍କୃତି ସଂରଚିତ ନୀତି, ନିରନ୍ତର ତାଲିମ ପଦକ୍ଷେପ ଏବଂ ଏହାର ସମଗ୍ର କର୍ମଚାରୀଙ୍କ ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ପରିଚାଳିତ ହୁଏ ।

ଏହି ସଫଳତା ବିଷୟରେ କହି, ୟୁନିଟ୍ ମୁଖ୍ୟ, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, ଦୀପକ ଅଗ୍ରୱାଲ କହିଛନ୍ତି, 'କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ହାସଲ କରିବା, ବିଶେଷକରି ୨୦୨୪ ମସିହାରେ 'ଶୂନ୍ୟ ଦୁର୍ଘଟଣା' ରେକର୍ଡ ସହିତ, କେବଳ ଏକ ସମ୍ମାନ ନୁହେଁ ଏହା ଆମର ଗଭୀର ଭାବରେ ସ୍ଥାପିତ ସୁରକ୍ଷା ସଂସ୍କୃତିକୁ ବୈଧ କରେ। ଆମେ ବିଶ୍ୱାସ କରୁ ଯେ ପ୍ରକୃତ ସୁରକ୍ଷା ଉତ୍କର୍ଷତା ନିରନ୍ତର ସକ୍ରିୟ ନିୟୋଜିତତା, ଦୃଢ଼ ତାଲିମ କାର୍ଯ୍ୟକ୍ରମ ଏବଂ ଆମର କାର୍ଯ୍ୟର ପ୍ରତ୍ୟେକ ସ୍ତରରେ ପରିବ୍ୟାପ୍ତ ନେତୃତ୍ୱ ପ୍ରତିବଦ୍ଧତାରୁ ଆସିଥାଏ ।

# ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ ଆକ୍ରମଣ ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ବଡବ୍ଜାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରଘୁପତି ନଗର ତୃତୀୟ ଲାଇନର ଓଁମ୍ ଦାସ(୨୦) । ପୂର୍ବରୁ ଏହି ମାମଲାରେ ଗ୍ରାମଦେବୀ ସାହିର ରାଜା ନାୟକଙ୍କ ସମେତ ଏକାଧିକ ଗିରଫ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୮ ତାରିଖରେ ରାଜା ନାୟକ, କାଳିଆ ସାହୁ, କୈଳାସ ସାହୁ, ଓମ ଦାସ ପାଷ୍ଟଗେଟ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ପହଞ୍ଚି ଜନୈକ ମହିଳାଙ୍କୁ କମେଣ୍ଟ କରିଥିଲେ। ସେହି ସମୟରେ ସେଠାରେ ରହୁଥିବା ମହମ୍ମଦ ଇମରାନ ଏହାର ପ୍ରତିବାଦ କରିଥିଲେ । ଫଳରେ ସେମାନେ ପ୍ରତିଶୋଧ ପରାୟଣ ହୋଇଥିଲେ। କିଛିଦିନ ପରେ ଇମରାନ ଘରେ ଥିବା ବେଳେ ଉପରୋକ୍ତ ଦୁର୍ବୃତ୍ତମାନେ ତାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ସେ କବାଟ ଖୋଲିବା ବେଳେ କାଳିଆ ତାଙ୍କୁ ବନ୍ଧୁକ ଦେଖାଇ ବାହାରକୁ ଡ଼ାକିଥିଲେ। ଏହି ସମୟରେ ଅନ୍ୟାନ୍ୟ ଅଭିଯୁକ୍ତ ମାନେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ଜୀବନରୁ କରିଥିଲେ। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଆହତ ଯୁବକ ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ୫୨ କେଜି ଗଞ୍ଜେଇ ଜବତ : ଜଣେ ଗିରଫ



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା। ଗାଙ୍ଗପୁର ପୁଲିସ ଗୁରୁବାର ୫୨ କିଲୋ ଗଞ୍ଜେଇ ସହ ଗୋଟିଏ ଟିଭିଏସ ଏକ୍ସଲ୍ ମୋପେଡ ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୋଗରେ ସେହି ଥାନା ଅନ୍ତର୍ଗତ ଷଡ଼ଙ୍ଗୀ ପଲ୍ଲୀ ଗ୍ରାମର ବଳରାମ ବେହେରା (୬୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀଙ୍କ ସୂଚନା ପ୍ରକାରେ ଗାଙ୍ଗପୁର ପୁଲିସ ଗୁରୁବାର ସକାଳେ କଣ୍ଟେଇପଲ୍ଲୀ ଠାରୁ ବଡବୋରସିଙ୍ଗି ଯାଏଁ ପେଟ୍ରୋଲିଂ ରେ ଥିବାବେଳେ ଦୁବୁଲୁଣ୍ଡା ଘାଇ ଛକରେ ଷଡଙ୍ଗୀପଲ୍ଲୀର ବଳରାମ ବେହେରା ନିଜ ଟିଭିଏସ ଏକ୍ସଲ୍ ରଖି ଠିଆ ହୋଇଥିବା ଦେଖି ସରଜମିନ ତଦନ୍ତ କରିଥିଲେ । ଆଉ ଗଞ୍ଜେଇ ଥିବା ଦେଖିଥିଲେ । ଏସଂପର୍କରେ ଏସଆଇ ଅଜୟ ମଲ୍ଲିକଙ୍କ ରିପୋର୍ଟ ଆଧାରରେ ଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୂଜାରୀ ସୂଚନା ଦେଇଛନ୍ତି ।

# ବିଚ୍ ବଜାରରେ ପତ୍ନୀକୁ ଛୁରାମାଡ଼

ବାରିପଦା, (ସବ୍ୟୁ) : ଶୁକ୍ରବାର ପୂର୍ବାହ୍ନରେ ବାରିପଦା ସହରର ମୁଖ୍ୟ ମାର୍କେଟ ତଥା ଏମ୍‌କେସି ହାଇସ୍କୁଲ ନିକଟରେ ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ଜଣଙ୍କ ବିଚ୍ ବଜାରରେ ସମସ୍ତଙ୍କ ସମ୍ମୁଖରେ ସ୍ତ୍ରୀକୁ ଛୁରୀ ମାରି ଲହୁଲୁହାଣ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଦମ୍ପତି ପରିବା ବେପାରୀ ବୋଲି ଜଣାପଡିଥିବା ବେଳେ ସ୍ୱାମୀ ରବିନ୍ଦ୍ର ଦିଗାର୍, ପତ୍ନୀ କବିତା ଦିଗାର୍‌ଙ୍କୁ ଛୁରୀ ମାରୁଥିବାବେଳେ ସାଧାରଣ ଲୋକେ ସ୍ୱାମୀଙ୍କୁ କାବୁ କରି ନିସ୍ତୁକ ମାଡ ମାରିବା ସହ ପୋଲିସକୁ ଜିମା ଦେଇଥିଲେ । ସ୍ତ୍ରୀଙ୍କୁ ପିଆରଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ବାରିପଦା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ରବିନ୍ଦ୍ରଙ୍କୁ କାବୁ କରି ଥାନାକୁ ଆଣି ଅଟକ ରଖି ତଦନ୍ତ ଚଳାଇଛନ୍ତି । ପ୍ରାଥମିକ ତଦନ୍ତରୁ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ସନ୍ଦେହକୁ ନେଇ ଏହି ଘଟଣା ଘଟିଥିବା ଜଣାଯାଇଛି ।

### ଏମ୍‌ଏସସିବି ବିଶ୍ୱବିଦ୍ୟାଳୟର ୩ ଫାଇନାଲ୍ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ: ପାସ୍‌ହାର ୮୧.୨୯%

# କଳାରେ ଶୁଭଲକ୍ଷ୍ମୀ, ବିଜ୍ଞାନରେ ବିକାଶ, ବାଣିଜ୍ୟରେ ଶାଶ୍ୱତ ଟପର

ବାରିପଦା, (ସବ୍ୟୁ) : ଶୁକ୍ରବାର ଅପରାହ୍ନରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଫାଇନାଲ୍ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚିତ କରିବାସହ ପରୀକ୍ଷା ଫଳ ସମ୍ବନ୍ଧରେ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁଳସଚିବ ସୁମିତା ସିଂ, ପରୀକ୍ଷା ନିୟନ୍ତ୍ରକ ଡଃ ସୁବ୍ରତ କୁମାର ରଣା, କଣ୍ଟ୍ରୋଲାର ଅଫ୍ ଫାଇନାନ୍ସ ସୁକଦେବ୍ ତରେଇ, ଡେପୁଟି ସିଓଇ ରମାକାନ୍ତ ମହାନ୍ତ ଓ ସହକୁଳସଚିବ ସଞ୍ଜିବ୍ କୁମାର ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ଅଧିନରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୮୫ଟି ମହାବିଦ୍ୟାଳୟର କଳା, ବାଣିଜ୍ୟ ଓ ବିଜ୍ଞାନ୍ ବିଭାଗରେ ମୋଟ୍ ୧୪,୩୪୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୧,୪୮୪ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ମୋଟ୍ ପାସହାର ୮୧.୨୯ ଶତକଡା ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରେ କଳାରେ ଶତକଡା ୮୬.୭୬, ବିଜ୍ଞାନରେ ଶତକଡା ୭୦.୩୨ ଏବଂ ବାଣିଜ୍ୟରେ ଶତକଡା ୬୦.୧୯ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ଛାତ୍ରମାନଙ୍କ ଠାରୁ ଛାତ୍ରୀ ମାନଙ୍କ ପାସହାର ଅଧିକ ରହିଛି । କଳାରେ ରାଇରଙ୍ଗପୁର କଲେଜର ଏନ୍ଥ୍ରୋପୋଲୋଜି ବିଭାଗର ଶୁଭଲକ୍ଷ୍ମୀ ଟୁଡୁ ଟପର ହୋଇଥିବାବେଳେ ବିଜ୍ଞାନରେ ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟର ଫିଜିକ୍ସ ବିଭାଗର ବିକାଶ ସାହୁ ଏବଂ ବାଣିଜ୍ୟରେ ଉଦଳା କଲେଜର ଶାଶ୍ୱତ ଖୁଣ୍ଟିଆ ଟପର ହୋଇଛନ୍ତି । ସେହିପରି କଳା ବିଭାଗର ଆନନ୍ଦପୁର କଲେଜର ଅର୍ଥନୀତି ବିଭାଗରେ ଶୁଭମ ଦାଶ ଓ ଇତିହାସ ବିଭାଗର ନେହା ମହାପାତ୍ର, ଉଦଳା କଲେଜର ଶିକ୍ଷା ବିଭାଗର ଅଙ୍କିତା ପାତ୍ର, ବାରିପଦା କଲେଜର ଇଂରାଜୀ ବିଭାଗର ଅନୁସ୍କା ପାତ୍ର, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଭୂଗୋଳ ବିଭାଗର ବେବି ସୋରେନ୍, ଗୃହ ବିଜ୍ଞାନ ବିଭାଗର ନିବେଦିତା ମହାନ୍ତ, ମନବିଜ୍ଞାନ ବିଭାଗର ମନିଷା ବେହେରା, କେ.ଏ. ମହାବିଦ୍ୟାଳୟର ଓଡିଆ ବିଭାଗର ଜ୍ୟୋତିର୍ମୟୀ ନାୟକ, ରାଜନୀତି ବିଜ୍ଞାନ ବିଭାଗର ସସ୍ମିତା ରାଜ୍, ବରବିଲ୍ କଲେଜର ହିନ୍ଦୀ ବିଭାଗର ରେହେନା ପରୱିନ୍, ଚମ୍ପୁଆ ସି.ଏସ. କଲେଜର ଦର୍ଶନଶାସ୍ତ୍ର ବିଭାଗର ଇଷାରାଣୀ ରଣା, ବାଇଗଣବାଡିଆ କଲେଜର ସଂସ୍କୃତ ବିଭାଗର ଶୁଭଦ୍ରା ବାସୁରୀ ଓ ହରିଚନ୍ଦନପୁର ବି.ବି. ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ଅଞ୍ଜଳୀ ସାହୁ ଟପର ହୋଇଛନ୍ତି । ସେହିପରି ବିଜ୍ଞାନ ବିଭାଗର ବେତନଟୀ କଲେଜର ବୋଟାନୀ ବିଭାଗର କସ୍ତୁରିରାଣୀ ସାହୁ, କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର କେମେଷ୍ଟ୍ରି ବିଭାଗର ପ୍ରମଥିନି ବେହେରା, ଚମ୍ପୁଆ କଇରାଲି କଲେଜର ଜିଓଲୋଜି ବିଭାଗର ଅଙ୍କିତା ଦାସ, ରରୁଆଁ ଏ.ପି. କଲେଜର ଗଣିତ ବିଭାଗର ଶୋଭନା ସମର୍ପିତ ମହାନ୍ତ ଓ ଜୁଲୋଜି ବିଭାଗର ମଧୁସ୍ମିତା ମହାକୁଡ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ସ୍ମିତା ଦାସ ଓ କୁଣ୍ଡାବାଇ ଆର.ଡି.ଏସ ଡିଗ୍ରୀ ମହାବିଦ୍ୟାଳୟର ଏମ୍‌ଆଇସିବି ବିଭାଗର ପ୍ରତିମା ବେହେରା ପ୍ରମୁଖ ଟପର ହୋଇଛନ୍ତି ।

### ଫୁଲବାଣୀର ପ୍ରଥମ ଏସିଡ୍ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ୧୨ ବର୍ଷ ଜେଲ୍

ଫୁଲବାଣୀ, (ସବ୍ୟୁ): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ପ୍ରିତିଶ କୁମାର ରାଉତରାଏ ଏକ ଏସିଡ ଫିଙ୍ଗା ମାମଲାର ବିଚାରଣ କରି ଅଭିଯୁକ୍ତ ଫୁଲବାଣୀ ପଟାବାଲି ସାହିର ପ୍ରମୋଦ କୁମାର ସାହୁ (୬୦) ଙ୍କୁ ୧୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଅର୍ଥ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ଘଟଣା ଅନୁଯାୟୀ ଗତ ୨୮/୧୨/୨୦୨୩ ତାରିଖରେ ଦିନ ପ୍ରାୟ ୧.୩୦ ସମୟରେ ଫୁଲବାଣୀ ସାହି ର ସୁରଜ କୁମାର ମହାନ୍ତି ଫୁଲବାଣୀ ସହର ମଧ୍ୟସ୍ଥ ଶଶୀ ପାନ ଦୋକାନ ଛକ ଠାରେ ଠିଆ ହୋଇଥିଲାବେଳ ଅଭିଯୁକ୍ତ ପ୍ରମୋଦ ତାଙ୍କ ଉପରକୁ ଏସିଡ ଫିଙ୍ଗି ଥିଲା, ଖବର ପାଇ ସୁରଜଙ୍କ ବାପା କୃଷ୍ଣ ଚନ୍ଦ୍ର ମହାନ୍ତି ଘଟଣା ସ୍ଥଳକୁ ଆସି ପହଁଚିଲା ପରେ ଆସାମୀ ତାଙ୍କ ଉପରକୁ ମଧ ଏସିଡ ଫିଙ୍ଗି ଥିଲା । ଏସିଡ ମାଡ଼ରେ ବାପା ଓ ପୁଅ ଗୁରୁତର ହେବାରୁ କିଛି ସ୍ଥାନୀୟ ବ୍ୟକ୍ତି ତାଙ୍କୁ ଫୁଲବାଣୀ ହସ୍ପିଟାଲକୁ ନେଇଥିଲେ ।

ଅଭିଯୁକ୍ତଙ୍କୁ ସେଠାରେ ଥିବା ଲୋକମାନେ କାବୁ କରି ପୋଲିସ ଜିମା ଦେଇଥିଲେ । ଏନେଇ ଫୁଲବାଣୀ ଟାଉନ ଥାନାରେ ପୋଲିସ କେସ୍ ନମ୍ବର ୩୨୯/୨୩ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପ୍ରମୋଦକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାରଣ କରି ତଥା ୧୭ ଜଣ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଅଭିଯୁକ୍ତ ପ୍ରମୋଦକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଏହି ଏସିଡ୍ ଆକ୍ରମଣ ଘଟଣା ଫୁଲବାଣୀ ସହରରେ ପ୍ରଥମ ହୋଇଥିବା ବେଳେ ଏହା ସହରରେ ଆଲୋଚନାର ବିଷୟ ହୋଇଥିଲା।

DSPL-86

ଓଡ଼ିଶା ସରକାର

ବିଶ୍ୱ ତମାଖୁ ବର୍ଜନ ଦିବସ
୩୧ ମଇ ୨୦୨୫

ତମାଖୁ ବ୍ୟବହାର ଦ୍ୱାରା ଜନସମାଜ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ କ୍ଷେତ୍ରରେ ଅଗ୍ରଗତି ଅନେକ ମାତ୍ରାରେ ପ୍ରଭାବିତ ହେଉଅଛି । ଏଣୁ ତମାଖୁ ସେବନରୁ ନିବୃତ୍ତ ରହିବାପାଇଁ ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କୁ ସତର୍କ ଓ ସଚେତନ କରିବା ଜରୁରୀ ଅଟେ ।

ଧୂମପାନ ବା ତମାଖୁ ବ୍ୟବହାରର କୁପରିଣାମ :

- ପାଟି, ମୁଖ ଗହ୍ୱର, ସ୍ୱରଯନ୍ତ୍ର, ଫୁସ୍‌ଫୁସ୍, ମୁତ୍ରାଶୟ ଇତ୍ୟାଦିରେ କର୍କଟ ରୋଗ ହୋଇଥାଏ ।
- ହୃଦ୍‌ଘାତ, ଯକ୍ଷ୍ମା ଓ ଫୁସ୍‌ଫୁସ୍ ରୋଗର କାରଣ ହୋଇଥାଏ ।
- ନପୁଂସକତା, ପ୍ରଜନନ ଶକ୍ତି ହ୍ରାସ ଓ ଅକାଳ ବାର୍ଦ୍ଧକ୍ୟ ଦେଖାଦେଇଥାଏ ।
- ଗର୍ଭାବସ୍ଥାରେ ତମାଖୁ ସେବନ କଲେ ଶିଶୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ନିଏ ଓ କମ୍ ଓଜନର ହୋଇଥାଏ ।
- ଧୂମପାନ କରୁଥିବା ବ୍ୟକ୍ତି ପାଖରେ ଚଳପ୍ରଚଳ ହେଉଥିବା ବ୍ୟକ୍ତିମାନେ ଯେଉଁମାନେ କି ଧୂମପାନ କରନ୍ତି ନାହିଁ, ସେମାନଙ୍କର ମଧ୍ୟ ପରୋକ୍ଷ ଧୂମପାନ ଦ୍ୱାରା ହୃଦ୍‌ଘାତ ଓ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହେବାର ଅଧିକ ସମ୍ଭାବନା ଥାଏ ।
- ପରୋକ୍ଷ ଧୂମପାନ ଯୋଗୁଁ ପିଲାମାନଙ୍କର ଆଜ୍‌ମା, ଶ୍ୱାସନଳୀଜନିତ ତୀବ୍ର ଅସୁସ୍ଥତା ଏବଂ ଅନ୍ୟାନ୍ୟ ରୋଗ ମଧ୍ୟ ଦେଖାଯାଇଥାଏ ।

ତମାଖୁ
ଆମ ସ୍ୱାସ୍ଥ୍ୟ ପ୍ରତି
ବିପଜ୍ଜନକ



ତମାଖୁ ଓ ତମାଖୁ ଉତ୍ପାଦ ବିକ୍ରିବୃଦ୍ଧି ଅପକୌଶଳର ପର୍ଦ୍ଦାଫାଶ କରିବା, ଜନ ଆବେଦନର ଶୁଣାଣି କରିବା

ଆସନ୍ତୁ, ଏକ ତମାଖୁ ମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତେ ସାମିଲ୍ ହୋଇ ସୁସ୍ଥ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ।

ତମାଖୁ ବର୍ଜନ, ସୁସ୍ଥ ଜୀବନ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR: 10003/13/0193/2526

DSPL-88

ଓଡ଼ିଶା ସରକାର

ରତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ
୨୮ ମଇ ୨୦୨୫

"କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ରତୁସ୍ରାବ ସମୟରେ ପରିଚ୍ଛନତା ଅତ୍ୟନ୍ତ ଜରୁରୀ । "ଖୁସି" ଯୋଜନାରେ ସରକାରଙ୍କ ତରଫରୁ କିଶୋରୀମାନଙ୍କୁ ଦିଆଯାଉଥିବା ସାନିଟାରୀ ପ୍ୟାଡ୍‌ର ସଦୁପଯୋଗ କରନ୍ତୁ ।"

ରତୁସ୍ରାବ ପରିଚ୍ଛନ୍ନତା ସମ୍ପର୍କିତ କିଛି ସରଳ ଉପାୟ

- ପ୍ରତିଦିନ ସ୍ନାନ କରନ୍ତୁ ଓ ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ ।
- ସାନିଟାରୀ ପ୍ୟାଡ୍ ବ୍ୟବହାର କରନ୍ତୁ ଓ ୪-୬ ଘଣ୍ଟା ଅନ୍ତରରେ ତାହାକୁ ବଦଳାନ୍ତୁ ।
- ରକ୍ତସ୍ରାବର ଭରଣା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲୌହସାର ଓ ଫଲିକ ଏସିଡ୍ ବଟିକା ଖାଆନ୍ତୁ ।
- ଅନିୟମିତ କିମ୍ବା ଅତ୍ୟଧିକ ସ୍ରାବ ହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରନ୍ତୁ ।

ଅଧିକ ସୂଚନା ପାଇଁ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR: 10003/13/0194/2526

# ଅନୁଗୋଳରେ ବିକଶିତ କୃଷି ସଙ୍କଳ୍ପ ଅଭିଯାନ ଯୋଜନାର ଶୁଭାରମ୍ଭ



ଅନୁଗୋଳ, (ସବ୍ୟୁ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବିକଶିତ କୃଷି ସଙ୍କଳ୍ପ ଅଭିଯାନ ଯୋଜନାର ସଚେତନତା ରଥଗୁଡିକୁ ଜିଲ୍ଲାପାଳ ଅବଳ ମହମଦ ଅଖତର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରମା ଶଙ୍କର ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼.ଦେବାଶିଷ ମିଶ୍ର, ଉପ- ନିର୍ଦେଶକ ଉଦ୍ୟାନ ଅଜୟ କୁଜୁର, ମୃତ୍ତିକା ସରଂକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷଣଙ୍କର ପ୍ରଧାନ, କୃଷି ଜିଲ୍ଲା ଅଧିକାରୀ (ଅନୁଗୋଳ) ପ୍ରମୋଦ କୁମାର ପଣ୍ଡା, ଉପ ପ୍ରକଳ୍ପ ନିର୍ଦ୍ଦେଶିକା ପ୍ରଭାତି ରାମ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଓ କୃଷି ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ ।

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ କୃଷି ବିଭାଗର ମିଳିତ ଆନୁକୁଲ୍ୟରେ ଚାଷୀ ମାନଙ୍କ ପାଖରେ ପହଞ୍ଚିବା ପାଇଁ ବିକଶିତ କୃଷି ସଙ୍କଳ୍ପ ଅଭିଯାନ ଆରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମ ଅଧୁନରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହିତ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀମାନେ ଚିହ୍ନଟ ହୋଇଥିବା ଗ୍ରାମ ପରିଦର୍ଶନ କରିବେ ଓ ଚାଷାମାନଙ୍କ ମଧ୍ୟରେ ନୂତନ ଫସଲ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ଖରିଫ ୨୦୨୫ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ସଚେତନତା ସୃଷ୍ଟି ପାଇଁ କୃଷକ ବୈଜ୍ଞାନିକ ପାରସ୍ପରିକ ଆଲୋଚନା କରିବେ । ଏହି ଅଭିଯାନ ଜିଲ୍ଲା ସ୍ତରରେ କୃଷି ଓ କୃଷକ ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି ୩ଟି କୃଷି ରଥର ବ୍ୟବସ୍ଥା କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ର, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସରଂକ୍ଷଣର ୪ ରୁ ୫ ଜଣ ସଦସ୍ୟଙ୍କୁ ନେଇ ୩ଟି ଦଳ ଗଠନ କରାଯାଇଛି । ଏହି ଦଳ ପ୍ରତ୍ୟେକ ଦିନ ଜିଲ୍ଲାର ବିଭିନ୍ନ ବ୍ଲକରେ ଅତି କମରେ ୨ଟି ଗ୍ରାମରେ ବୈଠକ କୃଷକ ବୈଜ୍ଞାନିକ ପାରସ୍ପରିକ ଆଲୋଚନା କରିବେ । ଏହିପରି ୧୦ ଦିନ ମଧ୍ୟରେ ୨୦ଟି ଗ୍ରାମ ହିସାବରେ ୩ ଟି ଦଳ ୬୦ଟି ଗ୍ରାମରେ ବୈଠକ କରିବେ । ପ୍ରତ୍ୟେକ ଦଳ ପ୍ରତି ଗ୍ରାମ ବୈଠକରେ ୨୫୦ ଜଣ ଚାଷୀଙ୍କୁ ନେଇ ବୈଠକ କରିବେ ।

ଚାଷୀମାନଙ୍କୁ ଫସଲ ପରିଚାଳନା ପ୍ରଯୁକ୍ତି ବିଦ୍ୟା, ମୃତ୍ତିକା, ସ୍ୱାସ୍ଥ୍ୟ କାର୍ଡ ବ୍ୟବହାର ଉପରେ ବିଶେଷ ଧ୍ୟାନ ଦେଇ କୃଷି କ୍ଷେତ୍ର ସହିତ ଜଡିତ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକ୍ରମ ବିଷୟରେ ସଚେତନତା ଉପରେ ଲିଫ୍ଲେଟ୍ ଯୋଗାଇ ଦିଆଯିବ । ତୃଣମୂଳ ସ୍ତରୀୟ ଭଲ ବନ ଏବଂ ଆବଶ୍ୟକୀୟ ପ୍ରଯୁକ୍ତି ବିଦ୍ୟା ହସ୍ତକ୍ଷେପ ଉପରେ ଚାଷାମାନଙ୍କ ମତାମତ ସଂଗ୍ରହ କରାଯିବ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ଦ୍ୱାରା ସର୍ବଳନ ଓ ବିଶ୍ଳେଷଣ କରାଯିବ । କୃଷକମାନଙ୍କ ପ୍ରଶ୍ନର ଉପଯୁକ୍ତ ସମାଧାନ ପାଇଁ ଏହି ବୈଜ୍ଞାନିକ ମାନେ ଯନ୍ମାନ ହେବେ।

## ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା ଜନିତ ମୃତ୍ୟୁକୁ ନେଇ ଜିଲ୍ଲାପାଳଙ୍କ ଉଦ୍‌ବେଗ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭା ଗୃହ ଠାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଅଛି। ନିର୍ମାଣାଧୀନ ଜାତୀୟ ରାଜପଥରେ ଅଧିକ ଦୁର୍ଘଟଣା ଓ ମୃତ୍ୟୁ ଘଟୁଥିବାରୁ ଜିଲ୍ଲାପାଳ ଉଦବେଗ ପ୍ରକାଶ କରିଥିଲେ । କେଉଁଠ ବାଉପାସ, କଣ୍ଢାନାଳୀ ଛକ, କୋର୍ଟ ଛକ ଏବଂ କାମାକ୍ଷାନଗର ଛକଠାରେ ଜନସାଧାରଣଙ୍କ ଯାତାୟାତକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ରୋଡ଼ ସାଇନେଜ ଲଗାଇବାକୁ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଜନସାଧାରଣଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବାରୁ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବାକୁ କହିଥିଲେ ।

ଅବୈଧ ରାସ୍ତା କଟିଂ କରିବା ଓ ରାସ୍ତା ନିର୍ମାଣର କୌଣସି କାର୍ଯ୍ୟରେ ସ୍ଥାନୀୟ ଲୋକେ ଅଯଥା ପ୍ରତିବନ୍ଧକ ସୃଷ୍ଟି କଲେ ପୋଲିସ ପ୍ରଶାସନ କଡ଼ା ପଦକ୍ଷେପ ଗ୍ରହଣ କରିବ ବୋଲି ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର କହିଛନ୍ତି । ପ୍ରାରମ୍ଭରେ ରାସ୍ତା ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ପ୍ରସାଦ ନାୟକ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବାକିଥିବା ୪ଟି ହାଇମାକ୍ସ ଲାଇଟ ସ୍ଥାପନ ହେବା, ଅଣ୍ଡର ବାଇପାସ ନିର୍ମାଣ କାର୍ଯ୍ୟ ଅଗ୍ରଗତି,ବେଆଇନ ରାସ୍ତା କଟିଂ ବନ୍ଦ, ସମସ୍ତ ସ୍କୁଲ ସମ୍ମୁଖରେ ସାଇନେଜ ସ୍ଥାପନ, ରୋଡ଼ ସାଇନେଜ ସ୍ଥାପନ, ହାଟ ଚଳାପଥ କାର୍ଯ୍ୟ, ଟାଟା ଷ୍ଟିଲ ନିକଟସ୍ଥ ଜାତୀୟ ରାଜପଥ ପାର୍ଶ୍ୱରେ ଭାରିଯାନ ପାର୍କିଂ ବ୍ୟବସ୍ଥା , କଲରାମ ପ୍ରଭାବ କ୍ଷେତ୍ର ମରାମତି, ସର୍ଭିସ ରୋଡ଼ ମରାମତି କାର୍ଯ୍ୟ ଆଦି ସଂପର୍କରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଥିଲେ । ଏହି ବୈଠକରେ ଉପ- ଜିଲ୍ଲାପାଳ ବିଭୂଧ ଗଡ଼ନାୟକ, ରାପିଡ଼ ରେସ୍ପନ୍‌ସ ଟିମର ସଂଯୋଜକ ବିଜୟ ନାରାୟଣ ପାଣି, କମିଟିର ସଦସ୍ୟ ଗଗନ କୁମାର ନାୟକ ଏବଂ ପ୍ରଦ୍ୟୁମ୍ନ ରଥ, ଜାତୀୟ ରାଜପଥ ପ୍ରାଧିକରଣର କର୍ମକର୍ତ୍ତା, ଏନ୍‌ଜିଓ ପ୍ରୟାସର କର୍ମକର୍ତ୍ତା, ସବ ମାଲିକ ସଂଘର କର୍ମକର୍ତ୍ତା ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟ ଯେ, ଗତ ବର୍ଷ ଜାନୁଆରୀରେ ଦୁର୍ଘଟଣାରେ ୨୨ଜଣ ମୃତ୍ୟୁ ବରଣ କରିଥିବା ବେଳେ ଚଳିତ ବର୍ଷ ୧୯ ଜଣ, ଗତବର୍ଷ ଫେବୃଆରୀରେ ୧୬ଜଣ ମୃତ୍ୟୁ ବରଣ କରି ଥିବା ବେଳେ ଚଳିତ ବର୍ଷ ୧୩ ଜଣ , ଗତବର୍ଷ ମାର୍ଚ୍ଚ ମାସରେ ୨୨ ଜଣ ମୃତ୍ୟୁ ବରଣ କରି ଥିବାବେଳେ ଚଳିତ ବର୍ଷ ୧୮ ଜଣ ଏବଂ ଗତ ଏପ୍ରିଲ ମାସରେ ୧୮ ଜଣ ମୃତ୍ୟୁବରଣ କରିଥିଲାବେଳେ ଚଳିତବର୍ଷ ସେହିଭଳି ୭ ଜଣ ମୃତ୍ୟୁବରଣ କରିଛନ୍ତି । ଚଳିତ ବର୍ଷ ଦ୍ରୁତ ଗାଡ଼ି ଚାଳନା ଅଧିକ ଯାଞ୍ଚ ଯୋଗୁଁ ପୂର୍ବବର୍ଷ ଅପେକ୍ଷା ୨୧ ଜଣ କମ୍ ମୃତ୍ୟୁବରଣ କରିଛନ୍ତି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ସୂଚନା ପ୍ରଦାନ କରିଥିଲେ ।

# ଆର୍ଥିକ ସମନ୍ୱୟ କମିଟି ବୈଠକ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଆକାଂକ୍ଷା ବ୍ଲକ କଙ୍କଡାହାଡ ସମ୍ମିଳନୀ କକ୍ଷରେ ବିଡ଼ିଓ ଯଶୋବନ୍ତ ଦେହୁରୀଙ୍କ ଅଧ୍ୟକ୍ଷତାରେ ଏକ ଆର୍ଥିକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ପଞ୍ଚାୟତ ସମିତିର ଅଧ୍ୟକ୍ଷା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମୁଖ୍ୟ ବ୍ୟାଙ୍କ ପ୍ରବନ୍ଧକ, ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ, ସମସ୍ତ ବ୍ୟାଙ୍କ ପ୍ରବନ୍ଧକ, ଏମବିକେ, ବ୍ୟାଙ୍କ ମିତ୍ର, ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ସଂଯୋଜକ, ବିପିଏମ–ଓଏଲମ, ବିପିସି– ମିଶନ ଶକ୍ତି, ପିରାମଲ ଫାଉଣ୍ଡେସନର ପ୍ରତିନିଧି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଏବିଫ ସନ୍ଦୀପ୍ତା ସାହୁ ସଂଯୋଜନା କରିଥିଲେ, ବିଡ଼ିଓ ଏହି ବୈଠକର ଆବଶ୍ୟକତା ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ପରେ ପିରାମଲ ଫାଉଣ୍ଡେସନର ନେହା ମୋରୀୟା ସ୍କୁଲରେ ପିଲାମାନେ କିପରି ବିଭିନ୍ନ ଛାତ୍ର ବୃତ୍ତି ପାଇଁବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ଉପରେ ଆଲୋଚନା କରିବା ସହିତ ଆର୍ଥିକ ସାକ୍ଷରତା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ବ୍ୟାଙ୍କ ପ୍ରବନ୍ଧକ ସମସ୍ତଙ୍କ ସହିତ ଏହାର ଉପଯୋଗୀତା ଏବଂ ସମ୍ଭାବନା ଉପରେ ପ୍ରଶ୍ନ ଓ ଉତ୍ତର ମଧ୍ୟମରେ ଆଲୋଚନା କରିଥିଲେ । ସେଥି ମଧ୍ୟରେ ବ୍ୟାଙ୍କିଂ ଟଚ୍ ପଏଣ୍ଟରେ ଡାଟା ଅସଙ୍ଗତି ପାଇଁ ଗ୍ୟାପ୍ ବିଶ୍ଲେଷଣ ଏବଂ ଆଇପିବିପି ପଏଣ୍ଟ ଓ ସେମାନଙ୍କର ସ୍ଥିତି ଅର୍ଥାତ୍ କାର୍ଯ୍ୟକ୍ଷମ ଏବଂ ଏଜେଣ୍ଟଙ୍କ ଯୋଗାଯୋଗ ନମ୍ବର ସହିତ ଗ୍ରାମ ପଞ୍ଚାୟତ ଗୁଡ଼ିକରେ ବ୍ୟାଙ୍କ ପଏଣ୍ଟ ଖୋଲିବା ପାଇଁ ଆଲୋଚନା କରାଯାଇଥିଲା । ସର୍ବଶେଷରେ ମାନସ ପ୍ରଧାନ ଧନ୍ୟବାଦ ଅର୍ପଣ କରି ଆଗାମୀ କାଯ୍ୟକ୍ରମ ବିଷୟରେ କହି ସଭା ସାଙ୍ଗ କରିଥିଲେ ।

# ବଇଣ୍ଡାରେ ଆମ ପୋଲିସ ସମିତି ବୈଠକ

ଠାକୁରଗଡ, (ସବ୍ୟୁ): କିଶୋରନଗର ବ୍ଲକ ହଣ୍ଡପା ପୋଲିସ ପକ୍ଷରୁ ବଇଣ୍ଡା ଠାରେ ଶୁକ୍ରବାର ଦିନ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବରେ ହଣ୍ଡପା ଆଇଆଇସି ନମିତା ନାୟକ ଯୋଗଦେଇ କିଭଳି ପୋଲିସ ସହ ସମ୍ପର୍କ ରଖି ଅପରାଧ ନିୟନ୍ତ୍ରଣ କରି ପାରିବେ ସେ ନେଇ କହିଥିଲେ।

ଏଥିସହ ଚୋରା କାରବାରରୁ ନିବୃତ୍ତ ରହିବା ସହ କାହାରକୁ ନିଜର ବ୍ୟାଙ୍କ ଆକାଉଣ୍ଟର ଓଟିପି ନଦେବାକୁ ପରାମର୍ଶ ଦେଇଥିଲେ । ଅନେକ ନିରୀହ ଲୋକେ ସାଇବର ଦ୍ୱାରା କ୍ଷତିଗ୍ରସ୍ତ ହୋଇ ବହୁ ଟଙ୍କା ଠକାମିର ଶିକାର ହେଉଛନ୍ତି । ଅନ୍ୟ ପଟରେ ହଣ୍ଡପା ଅଞ୍ଚଳରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଥିଲେ । ଏଥିରେ ଅବସରପ୍ରାପ୍ତ ଆଇଆଇସି ଅର୍ଜୁନ କୁମାର ସାହୁ , ଜିତେନ୍ଦ୍ର ବେହେରା, ଧୋବେଇ ବେହେରା, ମାଧବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ପର୍ଯ୍ୟଟକଙ୍କୁ ଅପହରଣ ଓ ଆକ୍ରମଣ କରି ଲୁଟ୍

# ୪ ପର୍ଯ୍ୟଟକ ଖସି ଆସିଥିବାବେଳେ ଜଣେ ନିଖୋଜ

ବଅଁରପାଳ, (ସବ୍ୟୁ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ମୂଷାପାପୁଲି ଅଞ୍ଚଳରେ ସକାଳ ୭ .୩୦ ମି. ସମୟରେ ବେଳେ ଅପହରଣ କରିବା ସହ ପର୍ଯ୍ୟଟକଙ୍କୁ ମାଡ ମାରି ଦୃବର୍ତ୍ତମାନେ ଲୁଟି ନେଲେ ସୁନା ଚେନ୍, ଫୋନ, ଟଙ୍କା ଓ ଗାଡି । ସୂଚନାଯେ, ଗତକାଲି ରାତିରେ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଅଞ୍ଚଳର ୫ ଜଣ ସାଙ୍ଗ ଏକ ବୋଲେରୋ ଗାଡ଼ି ଯୋଗେ ସୁବୁନ କୁମାର ନାୟକ, ସରୋଜ ଜେନା, ବିନୋଦ ସେଠି, ଚିନ୍ମୟ ଦାସ, ଦେବାଶିଷ ବିଶ୍ୱାଳ ସାଙ୍ଗ ହୋଇ ସମ୍ବଲପୁର ଜିଲ୍ଲାକୁ ବୁଲିବାକୁ ବାହାରିଥିଲେ। ଆଜି ସକାଳ ୭.୩୦ ବେଳେ ମୂଷା ପାପୁଲି ଠାରେ ଜଳଖିଆ ଖାଇବା ପାଇଁ ବୋଲେରୋ ଗାଡ଼ି ଅଟକାଇ ଥିଲେ। ଜଳଖିଆ ଖାଇ ସାରି ବାହାରିବା ବେଳେ ବାଇକରେ ଦୃବୃର୍ତ୍ତ ଯୁବକ ଆସି ବନ୍ଧୁକ ଦେଖାଇ ବୋଲେରୋ ଗାଡ଼ି ସହ ୫ ଜଣ ସାଙ୍ଗଙ୍କୁ ଡ୍ୟାମ୍ ନିକଟକୁ ନେଇ ଯାଇଥିଲେ । ସେଠାରେ ଆଉ ୬ ଜଣ ଦୁର୍ବୃତ୍ତ ରହିଥିଲେ। ୯ ଜଣ ଦୁର୍ବୃତ୍ତ ମିଶି କରି ୫ ଜଣ ପର୍ଯ୍ୟଟକଙ୍କୁ ମାଡ ମାରିଥିଲେ। ପାଞ୍ଚ ଜଣଙ୍କ ଠାରୁ ଫୋନ, ଟଙ୍କା, ବୋଲେରୋ ଗାଡ଼ି ସହ ପିନ୍ଧିଥିବା ସୁନା ଚେନ, ବ୍ରେସଲେଟ, ଲକେଟ ମୁଦି ଛଡ଼ାଇ ନେଇଥିଲେ । ପରେ ପାଞ୍ଚ ଜଣ ସାଙ୍ଗ ମାନଙ୍କ ମଧ୍ୟରୁ ଦୁଇ ଜଣ ପ୍ରାଣ ବିକଳରେ ଦୌଡ଼ି ପଳାଇ ଯାଇଥିଲେ। ରହି ଯାଇଥିବା ତିନି ଜଣ ସାଙ୍ଗ ମାନଙ୍କୁ ମାଡ ମାରି ଲହୁଲୁହାଣ କରିଥିଲେ। ଦୁର୍ବୃତ୍ତ ମାନେ ଟଙ୍କା ଘରୁ ମଗାଅ ବୋଲି କହି ଘରକୁ ଫୋନ କରାଇଥିଲେ। ଘର ଲୋକ ସଦର୍ ପୋଲିସକୁ ଖବର ଦେବାରୁ ଦୁର୍ବୃତ୍ତ ମାନେ ତିନି ଜଣ ସାଙ୍ଗଙ୍କୁ ଛାଡି ପଳାଇଥିଲେ। ତିନି ଜଣ କିଛି ବାଟ ଚାଲିଚାଲି ଆସିବା ପରେ ଏକ ଅଟୋ ଯୋଗେ ସଦର ଥାନାକୁ ପହଁଞ୍ଚିଥିଲେ। ସଦର ପୋଲିସ ସଙ୍ଗେସଙ୍ଗେ ଚାରି ସାଙ୍ଗଙ୍କୁ ଗୁରୁତ୍ତର ଭାବେ ପୋଲିସ ଗାଡିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇ ଥିଲେ। ଅନ୍ୟଜଣେ ଯୁବକ ନିଖୋଜଥିବା ନେଇ ସୂଚନା ଦେଇଛନ୍ତି ଗୁରୁତର ଯୁବକ। ଏପଟେ ସଦର ପୋଲିସ ତଦନ୍ତ ଆରମ୍ଭ କରି ଦେଇଥିବା ଜଣା ପଡିଛି।

# ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବୈଠକ ଗୃହରେ ଆଗାମୀ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଉକ୍ତ ବୈଠକରେ ଉପଜିଲ୍ଲାପାଳ ଉପେନ୍ଦ୍ର କୁମାର ଲୁହା ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ତହସିଲଦାର ଦେବାଶିଷ ରଣା, ଅତିରିକ୍ତ ତହସିଲଦାର ଆର ଭେଙ୍କଟେଶ୍ୱର ରାଓ ଓ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତନ୍ମୟ ରଞ୍ଜନ ପାତ୍ର ମଞ୍ଚାସିନ ଥିଲେ । ପ୍ରଥମରେ ପୂର୍ବ ବର୍ଷ ରଥଯାତ୍ରାର ବିବରଣୀ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପାତ୍ର ପାଠ କରିଥିଲେ। ଆସନ୍ତା ରଥଯାତ୍ରାକୁ ଶୃଙ୍ଖଳିତ ଢଙ୍ଗରେ କିପରି ପାଳନ କରାଯିବ ବିଦ୍ୟୁତ ସମସ୍ୟା, ବଡ଼ଦାଣ୍ଡ ସଫେଇ ଓ ଶୃଙ୍ଖଳିତ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ, ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ସାମଲ, ଦେବତର ସହାୟକ ନଗେନ ରାଉତ, ପହଣ୍ଡିଆ କମିଟି ସଭାପତି ସନ୍ତୋଷ ତ୍ରିପାଠୀ, ସମ୍ପାଦକ ନବ କିଶୋର ତ୍ରିପାଠୀ, ଦେଉର କମିଟି ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଅସିତ ରଞ୍ଜନ ଦେଓ, ପୀତବାସ ସାହୁ, ଦେବଉର ପୂଜକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, ଚିତ୍ତରଞ୍ଜନ ପାଣିଗ୍ରାହୀ, ସ୍ୱେଚ୍ଛାସେବୀ ରବୀନ୍ଦ୍ର କୁମାର ଦାସ, କୃତିବାସ ଅଗ୍ରୱାଲ, ଆଇନଜୀବୀ ରାଜେଶ ମିଶ୍ର, ରେଞ୍ଜର ସୁନୀଲ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ । ଶେଷରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରେଙ୍ଗାଳି ଜଳଭଣ୍ଡାରରେ ୮ଲକ୍ଷ ମାଛ ଯାଆଁଳ ଛାଡ଼ିଲା ମତ୍ସ୍ୟ ବିଭାଗ



କଣିହାଁ, (ସବ୍ୟୁ): କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ଜଳଭଣ୍ଡାରରେ ମତ୍ସ୍ୟ ସଂପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମିତ୍ତ ବିଭାଗ ପକ୍ଷରୁ ମାଛ ଜାଆଁଳା ଛଡାଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ରେଙ୍ଗାଳି ଜଳ ଭଣ୍ଡାରର ଉପର ପାଖରେ ଥିବା ଖିଣ୍ଡୋ ଜଳଭଣ୍ଡାରରେ ପ୍ରଥମ ପର୍ଯ୍ୟାୟରେ ୮ଲକ୍ଷ ମାଛ ଜାଆଁଳ ଛଡାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଳଭଣ୍ଡାରରେ ମାଛ ଜାଆଁଳା ଛାଡି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେଠାରେ ଆୟୋଜିତ ଏକ ସଭାରେ ଯୋଗଦେଇ ବିଧାୟକ ଶ୍ରୀ ମହାନ୍ତି ଓଡିଶାରେ ମତ୍ସ୍ୟ ଚାଷ ଉତ୍ପାଦନ ବୃଦ୍ଧି କରାଯିବ । ମାଛ ପାଇଁ ରାଜ୍ୟବାସୀ ବାହାର ରାଜ୍ୟର ମାଛ ଉପରେ ନିର୍ଭର କରିବେ ନାହିଁ ବୋଲି କହିଥିଲେ । ମତ୍ସ୍ୟଜିବି ମାନଙ୍କ ଆର୍ଥିକ ବିକାଶ ପାଇଁ ମାଛ ମାରିବା ପାଇଁ ଆବଶ୍ୟକୀୟ ଉପକରଣ ଯୋଗାଇଦେବା, ରେଙ୍ଗାଳି ଠାରେ ରାମେଶ୍ୱର ମତ୍ସ୍ୟଜୀବୀ ସେବା ସମବାୟ ସମିତିର ଏକ କାର୍ଯ୍ୟାଳୟ ଖୋଲିବା ସହ ରେଙ୍ଗାଳି ଜଳ ଭଣ୍ଡାରରେ ଏକ ଜଳ ପର୍ଯ୍ୟଟନ ଖୋଲିବା ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ ବିଧାୟକ । ସମ୍ମାନୀତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ ଯୋଗଦେଇ ମାଛଚାଷର ବିକାଶ ହେଲେ ମତ୍ସ୍ୟଜୀବି ଉପକୃତ ହୋଇପାରିବେ ବୋଲି କହିଥିଲେ । ଅନୁଗୋଳ ଜିଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣଗ୍ରାହୀ ଯୋଗଦେଇ ରେଙ୍ଗାଳି ଜଳ ଭଣ୍ଡାରରେ ସମୁଦାୟ ୩୭ ଲକ୍ଷ ମାଛ, ୩ଲକ୍ଷ ଚିଙ୍ଗୁଡି ମାଛ ଯାଆଁଳା ଛାଡିବା ପାଇଁ ଲକ୍ଷ୍ୟ ରଖା ଯାଇଛି । ଆଜି ପ୍ରଥମ ଦିନରେ ୭ଲକ୍ଷ ବିଭିନ୍ନ ପ୍ରକାର ମାଛ ଯାଆଁଳା ଓ ୧ଲକ୍ଷ ଚିଙ୍ଗୁଡି ମାଛ ଜାଆଁଳା ଏପରି ସମୁଦାୟ ୮ଲକ୍ଷ ମାଛ ଜାଆଁଳା ଛଡା ଯାଇଥିବା ପ୍ରକାଶ କରିଥିଲେ। ମତ୍ସ୍ୟ ଚାଷର ବିକାଶ ପାଇଁ ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଉପରେ ଶ୍ରୀ ପାଣିଗ୍ରାହୀ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଭରତ ଚନ୍ଦ୍ର ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ଶୁଭସ୍ମିତା ଘଡେଇ, ବ୍ଲକ ମତ୍ସ୍ୟ ଅଧିକାରୀ କଳ୍ପନା ହେମ୍ବ୍ରମ, ରାମେଶ୍ୱର ପ୍ରାଥମିକ ମତ୍ସ୍ୟ ସେବା ସମବାୟ ସମିତି ପ୍ରମୁଖ ଉପସ୍ଥିତ ଥିଲେ ।

# କିଶୋରନଗରରେ ମେଧା ପ୍ରତିଭା ସମ୍ମାନ ସମାବେଶ



ଠାକୁରଗଡ, (ସବ୍ୟୁ): କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଠାରେ କିଶୋର ସାହିତ୍ୟ ସଂସଦ ସହ ମିଳିତ ଆନୁକୂଲ୍ୟରେ ଏକ ମେଧା ପ୍ରତିଭା ସମ୍ମାନ ସମାବେଶ କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଭାପତି ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ କିଶୋରନଗର ତହସିଲଦାର ବିକ୍ରମ କେଶରୀ ନାୟକ, ସମ୍ମାନିତ ଅତିଥିରୂପେ ସୁରେନ୍ଦ୍ର ନାରାୟଣ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇ ଦଶମ, ଯୁକ୍ତ ଦୁଇ ଓ ସ୍ନାତକ ସ୍ତରରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା ।

ମାଟ୍ରିକରେ ଶତକଡା ୯୦ରୁ ଅଧିକ ନମ୍ବର ରଖିଥିବା ଅଙ୍ଗପଡା ଉଚ୍ଚ ବିଦ୍ୟାଳୟର ଲୋପାମୁଦ୍ରା ସାହୁ, ଆମ୍ରପାଳ ଉଚ୍ଚ ବିଦ୍ୟାଳୟର ଏଲିନା ମହାପାତ୍ର ଏବଂ କିଶୋରନଗର ଉଚ୍ଚ ବିଦ୍ୟାଳୟର ପ୍ରଥମ ଛାତ୍ରୀ ବିଜୟ ଲକ୍ଷ୍ମୀ ସାହୁ, ଝରାବେରେଣୀ ଉଚ୍ଚ ବିଦ୍ୟାଳୟର ଶୁଭମ ପ୍ରଧାନ, ବାମୁର ଉଚ୍ଚ ବିଦ୍ୟାଳୟର ଦୀପିକା ପ୍ରିୟଦର୍ଶନୀ ପ୍ରଧାନ, ଜଏରାଟ ଉଚ୍ଚ ବିଦ୍ୟାଳୟର ମୋନାଲିସା ପ୍ରଧାନ ହିମିତିରା ଉଚ୍ଚ ବିଦ୍ୟାଳୟର ବିଘ୍ନେଶ୍ୱର ପ୍ରଧାନ, ଯୁକ୍ତ ଦୁଇରେ କିଶୋର ନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାଜଲ ସାହୁ ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ପ୍ରଥମ ଦଶ ଜଣ ଓ ସବୁ ଅନର୍ସରେ ପ୍ରଥମ ଛାତ୍ରଛାତ୍ରୀ ପ୍ରିୟବ୍ରତ ପ୍ରଧାନ, ଅପରାଜିତା ପ୍ରଧାନ, ଭେଙ୍କଟେଶ୍ୱରୀ ବେହେରା, ବବଲୀ ବାରିକ, ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ, ଲବଣ୍ୟବତୀ ସାହୁ, ପୂଜାରାଣୀ ବେହେରା, ପ୍ରିୟଦର୍ଶିନୀ ସାହୁ, ସୁବାସିନୀ ରଣା ଆଦିଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଧାନ ଶିକ୍ଷକ ରଂଜିତ ସାହୁ, ପବିତ୍ର ମୋହନ ପ୍ରଧାନ ତରଣୀସେନ ସାହୁ, ଚିନ୍ମୟୀ ମହାପାତ୍ର, ସୁଦାମ ଚରଣ ପ୍ରଧାନ ତଥା ଅନେକ ଅଭିଭାବକ ଯୋଗ ଦେଇଥିଲେ। ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି ବୈଠକ

ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନର ବାର୍ଷିକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଜିଲ୍ଲା ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛ । ବୈଠକରେ ଅନୁଗୋଳ ଜିଲ୍ଲା ଘରୋଇ ବିଦ୍ୟାଳୟ ଫେଡେରେସନର ଉପଦେଷ୍ଟାବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ସଭାପତି ମନୋରଞ୍ଜନ ଗଡନାୟକ, କାର୍ଯ୍ୟକାରୀ ସଭାପତି ଶୁମନ୍ତ କୁମାର ବିଶ୍ୱାଳ, ଉପସଭାପତି ଅଜିତ କୁମାର ମିଶ୍ର, ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ, ଯୁଗ୍ମ ସାଧାରଣ ସମ୍ପାଦକ କ୍ଷମାସିନ୍ଧୁ ସାହୁ, ସହସଂପାଦକ ପ୍ରଶାନ୍ତ କୁମାର ସିଂହସାମନ୍ତ, କୋଷାଧକ୍ଷ କୈବଲ୍ୟ ବଝଡ଼ିଆ, ସଂଯୋଜକ ହରେକୃଷ୍ଣ ପ୍ରଧାନ ଏବଂ ଆଠଟି ବ୍ଲକର ବ୍ଲକ ସଦସ୍ୟ ମାନଙ୍କ ଉପସ୍ଥିତରେ ବିଭିନ୍ନ ଆଲୋଚନା ହୋଇଥିଲା ।

ଜିଲ୍ଲାର ଏହି ପ୍ରଥମ ବାର୍ଷିକ ସାଧାରଣ ସମ୍ମିଳନୀର ଏବଂ ସମ୍ବର୍ଦ୍ଧନା ଉତ୍ସବକୁ ସମସ୍ତ ଘରୋଇ ବିଦ୍ୟାଳୟର ସହଯୋଗ ଓ ସଦିଚ୍ଛା ଯୋଗୁଁ ସମ୍ଭବ ହୋଇ ପାରିବ ବୋଲି ସମସ୍ତ ସଦସ୍ୟ ଆଜି ପ୍ରକାଶ କରିଛନ୍ତି । ଏହି ଉତ୍ସବରେ ଅନୁଗୋଳ ଜିଲ୍ଲା ଏବଂ ଓଡିଶାର ଶିକ୍ଷାବିତ୍ ତଥା ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଉତ୍ସବ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଅନୁଗୋଳ ଜିଲ୍ଲାର ସମସ୍ତ ଘରୋଇ ବିଦ୍ୟାଳୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବୋର୍ଡରେ ବୃତ୍ତି ପରୀକ୍ଷା କିମ୍ବା ବ୍ଲକ, ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ କୃତକାର୍ଯ୍ୟ ସମସ୍ତ ଘରୋଇ ବିଦ୍ୟାଳୟର ଜଣେ ଛାତ୍ର ଓ ଛାତ୍ରୀଙ୍କୁ ଉକ୍ତ ଉତ୍ସବରେ ସମ୍ମାନିତ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି ।

ଉକ୍ତ ଉତ୍ସବ ଚଳିତ ଜୁନ୍ ମାସ ୧୨ତାରିଖ ଦିନ ଅନୁଗୋଳ ଜିଲ୍ଲା ସଭାଘର ଠାରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଜିଲ୍ଲାର କିଛି ସ୍ୱତନ୍ତ୍ର ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯିବ । ଉକ୍ତ ଉତ୍ସବରେ ଜିଲ୍ଲାର ଆଠଟି ବ୍ଲକର ନୂତନ ପଞ୍ଜୀକୃତ ବିଦ୍ୟାଳୟ ମାନଙ୍କୁ ଫେଡେରେସନ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯିବା ସହିତ ସାର୍ଟିଫିକେଟ ପ୍ରଦାନ କରାଯିବ । ଉକ୍ତ ସାସ୍କୃତିକ କାର୍ଯ୍ୟକ୍ରମରେ ସଂଗୀତ ଓ ନୃତ୍ୟର ପରିବେଷଣ ନିମନ୍ତେ ଆଗ୍ରହୀ ଶିକ୍ଷାନୁଷ୍ଠାନ ମାନେ ସଂଘ ପରିବାର ସହିତ ତା ୦୫/୦୬/୨୦୨୫ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ । ବୈଠକ ଶେଷରେ ଉପସ୍ଥିତ ସମସ୍ତ ସଦସ୍ୟ ମାନେ କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ଅନୁରୋଧ ଜଣାଇଛନ୍ତି ।

# ଟ୍ରକ ଧକ୍କାରେ ଜଣେ ଗୁରୁତର

ଠାକୁରଗଡ, (ସବ୍ୟୁ): କଟକ – ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଲୁହାମୁଣ୍ଡା ଠାରେ ଏକ ଟ୍ରକ ଧକ୍କାରେ କଣ୍ଟେଇକୋଲିଆ ଗ୍ରାମର ଉଦୟ ଗୋଛାୟାତ ନାମକ ଜଣେ ବ୍ୟକ୍ତି ଗୁରୁତର ଆହାତ ହୋଇଛନ୍ତି । ଏନେଇ ତାଙ୍କ ବଡ ଭାଇ ଗୁରୁବାର ଦିନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୧୯୭/୨୫ ରେ ଏକ ମାମଲା ରୁଜୁ କରିଛି ।ପୋଲିସ କହିଛି ଯେ ଉଦୟ ଚାଲି ଚାଲି ଘରକୁ ଯାଉଥିବା ବେଳେ ପଛ ପଟରୁ ଆସୁଥିବା ଏକ ନମ୍ବର (ଏମଏଚ ୩୪ ବିଜେଡ୍ ୧୯୯୧)ତାଙ୍କୁ ଧକ୍କା ଦେଇଥିଲା ।ଫଳରେ ସେ ଗୁରୁତର ଆହାତ ହୋଇ ପଡ଼ିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ମେଡ଼ିକାଲରେ ଭର୍ତ୍ତି କରାଯାଇଛି ।

# ବିନା ଲାଇସେନ୍ସରେ ମାଳମାଲ ଟ୍ରାକ୍ଟର ଡ୍ରାଇଭର

ଗୋଡିବନ୍ଧ,(ସବ୍ୟୁ) : ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ଦିନଠାରୁ ଗୃହ ବିଭାଗ ରାଜସ୍ୱ ମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ସରକାରୀ ଜମି ଜବରଦଖଲ ଉଚ୍ଛେଦ ନିମନ୍ତେ ନିର୍ଦ୍ଦେଶ ଦେବା ସହ ରାଜସ୍ୱ ବିଭାଗର ଅନେକ ଜମିବାଡ଼ି ସମ୍ବନ୍ଧୀୟ ନୂଆ ଆଇନ୍ ଘୋଷଣା କରିଛନ୍ତି। ସରକାରୀ ଜମି ଜବରଦଖଲ ଉଚ୍ଛେଦ ନିମନ୍ତେ କଣିହାଁ ତହସିଲ ପ୍ରଶାସନ କିଛିବି ପଦକ୍ଷେପ ନେଇନାହିଁ। କାଶ ଔଷଧ ଓ ବାଲି ମାଫିଆ ମାସିକିଆ ବଟି ଦେଇ ପ୍ରଭାବଶାଳୀ ବ୍ୟକ୍ତି ଭାବେ ନିଜର ପତିଆରାକୁ ବଜାୟ ରଖିଛନ୍ତ। ଅନେକ ଲିଖିତ ଅଭିଯୋଗ ଏହି ଜବରଦଖଲକାରୀଙ୍କ ବିରୁଦ୍ଧରେ ଥିବାବେଳେ କଣିହାଁ ତହସିଲର ନାଲିଫିତା ତଳେ ଚାପି ହେଇ ରହିଛି । ସମଲ ଥାନାର ରାସ୍ତା କଡ଼ରେ ଅନେକ ନିଶା ମାଫିଆ ନାମମାତ୍ର ଜଳଖିଆ ଦୋକାନ ଦେଇ ନିଶା କାରବାର ବର୍ଷ ଧରି କରୁଥିବା ନଜରକୁ ଆସିଛି । ଅନେକ ଥର ଜିଲାପାଳ, ତହସିଲ ପ୍ରଶାସନକୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଉଚ୍ଛେଦ ହୋଇନାହିଁ। ରାଜନୈତିକ ଛକାପଞ୍ଝାରେ ନୀରିହ ଲୋକଙ୍କୁ ନାଲିଆଖି ଦେଖାଇ ସରକାରୀ ଜମି ଜବରଦଖଲ ଇଛେଦ କାର୍ଯ୍ୟ ଚାଲୁ ରହିଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଟ୍ରାକ୍ଟର ମାଲିକ ମାନେ ୧୮ବର୍ଷରୁ କମ ଓ ବିନା ଲାଇସେନ୍ସ ଡ୍ରାଇଭର ରଖି ଚୋରା ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ କରୁଛନ୍ତି। ସ୍ଥାନୀୟ ପରିବହନ ଅଧିକାରୀଙ୍କୁ ଏବିଷୟରେ ବହୁବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଅଦ୍ୟାବଧି ଏହାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କିଏ ଯଦି ଗାଡ଼ିର ଫୋଟ ଓ ସୂଚନା ଦେଇ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଞ୍ଚଳିକ ପରିବହନ ଅଧିକାରୀ ନେବେ ବୋଲି ପରିବହନ ମନ୍ତ୍ରୀ କହିଥିବା ବେଳେ ଏହାକୁ ଫୁ କରି ଦିଆଯାଉଛି। ଏହି ସରକାରୀ ନିୟମ ଗୁଡ଼ିକୁ କଡାକଡି ସରକାରୀ ଅଧିକାରୀ ପାଳନ କରିବାକୁ ସାଧାରଣରେ ଦାବି ହେଉଛି ।

# ରାଜସ୍ୱ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଆଠମଲ୍ଲିକ ବିଧାୟକ

ଠାକୁରଗଡ, (ସବ୍ୟୁ): ଆଠମଲ୍ଲିକ ବ୍ଲକ ଲୁହାସିହା ପଞ୍ଚାୟତ ତେନ୍ତୁଳିପଥର ଗ୍ରାମରେ ମାର୍ଚ୍ଚ ୬ ତାରିଖରେ ହୋଇଥିବା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ପରିବାର ମଧ୍ୟରୁ ୮ ଟି ପରିବାରକୁ ରାଜ୍ୟ ସରକାର ଅନୁକମ୍ପା ସାହାଯ୍ୟ ଯୋଗାଇ ଦେବେ। ରାଜସ୍ୱ ବିଭାଗ ପକ୍ଷରୁ ପ୍ରତ୍ୟେକ ପରିବାରକୁ କ୍ଷତି ପୂରଣ ପାଇଁ ସେମାନେ ଘର ନିର୍ମାଣ କରିବା ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଯୋଗାଇ ଦିଆଯିବ ବୋଲି ଅର୍ଥ ମଞ୍ଜୁର ହୋଇଥିବା ଶୁକ୍ରବାର ଦିନ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି । ଏଥିସହ କଂସା ବାସନ କିଣିବା ପାଇଁ ୫ ହଜାର ଟଙ୍କା ଲେଖାଏ ଯୋଗାଇ ଦିଆଯିବ ବୋଲି ସରକାର ନିଷ୍ପତି ନେଇଛନ୍ତି । ଏହି ଅଗ୍ନି କାଣ୍ଡ ଘଟିବା ପରେ କ୍ଷତିଗ୍ରସ୍ତଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ତା ୮/୩/୨୦୨୫ ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଶୀଘ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସାହାଯ୍ୟ ଯୋଗାଇ ଦେବା ପାଇଁ ନିଷ୍ପତି ନିଆଯାଇଥିବା ଯୋଗୁଁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କୁ ଆଠମଲ୍ଲିକ ବିଧାୟକ କୃତଜ୍ଞତା ଜଣାଇଛନ୍ତି ।

# ବିକାଶ ଖୋଜୁଛି ତାଳଚେର ରାଣୀପାର୍କ ବସ୍‌ଷ୍ଟାଣ୍ଡ





ତାଳଚେର, (ସବ୍ୟୁ): ଶିଳ୍ପନଗରୀ କଳାହୀରା ସହର ତାଳଚେର ରାଜ୍ୟରେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି । ଖଣିଖାଦାନ, ଶିଳ୍ପ ଓ ପର୍ଯ୍ୟଟନ ସବୁଥିରେ ନିଜର ପାରଦର୍ଶୀତା ଲାଭ କରିପାରିଛି । ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଲୋକ ପରିବାର ଚଳାଇବା ପାଇଁ ତାଳଚେର ସହରକୁ ଆସିଥାନ୍ତି । ଖଣିଖାଦାନ ଥିବା ବେଳେ ଦେଶର ବିଭିନ୍ନ ସ୍ଥାନକୁ ଏଠାରୁ ଖଣିଜ ପଦାର୍ଥ ମଧ୍ୟ ରପ୍ତାନୀ ହୋଇଥାଏ । ହେଲେ ଯୋଗାଯୋଗ ମୁଖ୍ୟ ଆଧାର ପାଲଟିଥିବା ତାଳଚେର ବସଷ୍ଟାଣ୍ଡର ବ୍ୟବସ୍ଥା ରୂପ ଦେଖିଲେ ମନେ ହୁଏ, ବିକାଶରୁ ବହୁ ଦୂରରେ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡ ।

ରାଜ୍ୟ ଓ କେନ୍ଦ୍ରକୁ ସର୍ବାଧିକ ରାଜସ୍ୱ ଦେଉଥିବା ତାଳଚେର ଆଜି ତାର ମୌଳିକ ଅଧିକାରରୁ ବଂଚିତ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଦିଗରୁ ଦେଖିବାକୁ ଗଲେ ଆଖପାଖ ଅଂଚଳରୁ ଏଠାକୁ ଗମନା ଗମନ ଉପରେ ନିର୍ଭର କରୁଥିବା ରୋଜଗାର ପନ୍ଥାର ଏହି ବାଟ ଏତେ ସହଜ ହୋଇ ପାରୁନି । ହେଲେ ଗମନାଗମନର ପ୍ରମୁଖ ମାର୍ଗଭାବେ ରାଣୀପାର୍କ ବସଷ୍ଟାଣ୍ଡର ବ୍ୟବସ୍ଥା ସେତେଟା ଆଖିଦୃଶିଆ ସମସ୍ୟାର ସମାଧାନ ହୋଇ ପାରିନି । ତାଳଚେର ସହରବାସୀଙ୍କ ପାଇଁ ଓ ବାହାର ଲୋକଙ୍କ ପାଇଁ ଏହି ବସଷ୍ଟାଣ୍ଡଟିର ଉନ୍ନତି ହୋଇ ପାରୁନଥିବା ଏକ ଦୁର୍ଭାଗ୍ୟ ଜନକ ବିଷୟ ହୋଇ ପଡ଼ିଛି ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରୁଛନ୍ତି । ଏବଂ ଏହି ରାଣୀପାର୍କ ବସଷ୍ଟାଣ୍ଡ ଆସିବାକୁ ହେଲେ ବହୁ ବାଧାବିଘ୍ନ ଯାତ୍ରୀମାନଙ୍କୁ ସହ୍ୟ କରିବାକୁ ପଡୁଛି । ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଜାତୀୟ ରାଜପଥ ଉପରେ ଶହଶହ ସଂଖ୍ୟକ କୋଇଲା ବୋଝେଇ ଟ୍ରକ, ଲମ୍ବା ଲାଇନ୍, ଟ୍ରାଫିକ ସମସ୍ୟା, ଧୂଳି, ଧୂଆଁ, କୋଇଲା ଗୁଣ୍ଡରେ ଲୋକେ ଅତିଷ୍ଠ, ଯିବେ କୁଆଡ଼େ, ବାସ୍ ସେଇ ଗୋଟିଏ ଉପାୟ, ଗୋଟିଏ ବିକଳ୍ପ! ଚର୍ତୁଦିଗରୁ ରାଣୀପାର୍କ ବସଷ୍ଟାଣ୍ଡକୁ ସଂଯୋଗ କରୁଛି ଏକ ମାତ୍ର ତାଳଚେର ସହରର ଜାତୀୟ ରାଜପଥ । ତାଳଚେରବାସୀ ଓ ତାଳଚେରକୁ ଆସୁଥିବା ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯାତ୍ରୀ ଏବଂ ଅଂଚଳବାସୀ ଯେମିତି ଭୋଗ କରୁଛନ୍ତି ଯମଯନ୍ତ୍ରଣା ଏଥିରୁ କେବେ ମିଳିବ ନିସ୍ତାର ସେନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ନିର୍ବାଚିତ ଲୋକପ୍ରତିନିଧି ନା ସ୍ଥାନୀୟ ପ୍ରଶାସନ ନା ଜିଲ୍ଲା ପ୍ରଶାସନ କେହି ହେଲେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଉ ନାହାନ୍ତି ବୋଲି ପ୍ରାୟ ସମୟରେ ଶୁଣିବାକୁ ମିଳେ । ଏତେଶୟ ରାଜସ୍ୱ ପ୍ରଦାନ କରୁଥିଲେ ମଧ୍ୟ ତାଳଚେର ଏକ ଅଭିଶପ୍ତ ଅବସ୍ଥାରେ ଗତି କରୁଛି ବୋଲି ଲୋକେ ମତ ରଖୁଛନ୍ତି । ରାଣୀପାର୍କ ବସଷ୍ଟାଣ୍ଡକୁ ସମୟରେ ନପଂହଚି ପାରିଲେ କିମ୍ବା କୌଣସି ସମସ୍ୟାରୁ ଗାଡ଼ି ନମିଳିଲେ ଯିବା ସମ୍ଭବପର ହୋଇନଥାଏ । ଜାତୀୟ ରାଜପଥର ପ୍ରତ୍ୟେକ ସମୟରେ ଜାମ ରହୁଥିବାରୁ ଲୋକେ ତାଳଚେରରୁ ଢ଼େଙ୍କାନାଳ, କଟକ, ଭୁବନେଶ୍ୱର, ପୁରୀ, ଝାରସୁଗୁଡ଼ା, କେନ୍ଦୁଝର, ରାଉରକେଲା ଏମିତିକି ଆଖପାଖ ଅଂଚଳକୁ ଯିବା ଆସିବା ନିମନ୍ତେ ବହୁବାର ହଇରାଣ ହରକତ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି । ତେବେ ତାଳଚେର ବସଷ୍ଟାଣ୍ଡକୁ ଯାତ୍ରୀମାନେ ଆସିବାକୁ ଯେଉଁ ଜାତୀୟ ରାଜପଥଟି ପଡ଼ିଛି ତାହା ସବୁ ସମୟରେ ଭାରୀଯାନ ଚଳାଚଳ, ଟ୍ରାଫିକ ସମସ୍ୟା ଏବଂ ଅନେକ ସମୟରେ ଦୁର୍ଘଟଣା ଗ୍ରସ୍ତ ହେଉଥିବା ଯୋଗୁଁ ସଠିକ୍ ସମୟରେ ପଂହଚିବା ସମ୍ଭବପର ହେଉନାହିଁ ।

ଭିନ୍ନକ୍ଷମ ଓ ବରିଷ୍ଠ ନାଗରୀକ ଯାତାୟତ ପାଇଁ ଯଥେଷ୍ଟ ସୁବିଧା ହୋଇନି । ଯାହାକି ବରିଷ୍ଟନାଗରୀକ, ରୋଗୀ ଓ ଭିନ୍ନକ୍ଷମ ମାନେ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଅପରପକ୍ଷେ ଯାତ୍ରୀମାନେ ବସକୁ ଅପେକ୍ଷା କରି ରହୁଥିବା ବେଳେ ସେମାନଙ୍କ ପାଇଁ ବିଶ୍ରାମ କକ୍ଷ କିମ୍ବା ଚେୟାର ନଥିବାରୁ ସେମାନେ ଏଣେତେଣେ ଘୂରି ବୁଲୁଛନ୍ତି ଏବଂ ବସଷ୍ଟାଣ୍ଡରେ ଯେଉଁ କେତୋଟି ପିଣ୍ଡି ନିର୍ମିତ ହୋଇଛି ତାହା ଯାତ୍ରୀଙ୍କ ତୁଳନାରେ ବହୁତ କମ ଓ ବିଶେଷ କଥା ହେଉଛି ପ୍ରାୟ ସମୟରେ ଯାତ୍ରୀମାନଙ୍କର ମନିପର୍ସ, ମୋବାଇଲ, ଟଙ୍କା ମଧ୍ୟ ଚୋରି ହେଉଥିବା ଅନେକ ସମୟରେ ଅଭିଯୋଗ ହୋଇ ଆସୁଛି ।

ବସଷ୍ଟାଣ୍ଡରେ ନିର୍ମାଣ କରାଯାଇଥିବା ନୂତନ ଶୌଚାଳର ରକ୍ଷଣାବେକ୍ଷଣା ଅଭାବରୁ ସେଗୁଡ଼ିକ ଅପରିଷ୍କା ଅବସ୍ଥାରେ ପଡ଼ି ରହିଛି । ପରିଶ୍ରା କରି ଯିବାକୁ ମହିଳା ଯାତ୍ରୀମାନେ ହଇରାଣ ହରକତ ହେଉଥିବା ମଧ୍ୟ ନଜିର ରହିଛି । ଅନୁଗୋଳ ସହରର ନୂତନ ବସଷ୍ଟାଣ୍ଡ ଏତେ ସରସ ସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ବେଳେ ତାଳଚେର ପ୍ରତି ଏତେ ବୈମାତୃକ ମନୋଭାବ ଅଂଚଳବାସୀଙ୍କ ମନକୁ କ୍ଷୁବ୍ଧ କରିଛି । ତେଣୁ ତାଳଚେର ରାଣୀପାର୍କ ବସଷ୍ଟାଣ୍ଡର ବିକାଶ ଦିଗରେ ବର୍ତମାନର ସରକାର ଦୃଷ୍ଟି ଦେଇ ଏସବୁ ସମସ୍ୟାର କେମିତି ସମାଧାନ କରାଯାଇ ଯାତ୍ରୀଙ୍କ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରେ ଦାବି ହେବା ସହ ତାଳଚେର ଅଂଚଳବାସୀ ମଧ୍ୟ ଏହାକୁ ନେଇ ଅନେକାଂଶରେ ମତ ପୋଷଣ କରୁଛନ୍ତି ଏବଂ ରାଣୀପାର୍କ ବସଷ୍ଟାଣ୍ଡ ବିକାଶ ଦିଗରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଦୃଷ୍ଟି ପଡୁନି କାହାର ।

## ଫାଲକନାମା ଟ୍ରେନରେ ଲାଗିଲା ନିଆଁ
# ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ବାହାନଗା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଷ୍ଟେସନ ନିକଟରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।ଘଟଣା ଅନୁସାରେ ଆଜି ମଧ୍ୟାହ୍ନ ୨ଘଟିକା ସମୟରେ ହାଓଡ଼ାରୁ ସିକନ୍ଦ୍ରାବାଦ ଯାଉଥିବା ବେଳେ ଖନ୍ତାପଡ଼ା ଷ୍ଟେସନରେ ଫାଲକନାମା ଟ୍ରେନର ପଛବଗିରେ ନିଆଁ ଲାଗିଥିବା ଜଣା ପଡ଼ିଥିଲା।ଟ୍ରେନ ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏହାକୁ ଜାଣିପାରି ଗାଡ଼ିକୁ ଅଟକାଇବା ସହିତ ନିଆଁକୁ ଆୟତ୍ତ କରିଥିଲେ।ଏଥିରେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସହିତ ଟ୍ରେନଟି ଗନ୍ତବ୍ୟ ସ୍ଥଳକୁ ଯାତାୟତ କରିଥିଲା।ଅଗ୍ନିକାଣ୍ଡର କାରଣ ବାବଦରେ କିଛି ଜଣାପଡ଼ି ନାହିଁ।

# ଏନ୍‌ଏଚ୍ ଠିକାସଂସ୍ଥାକୁ ୪୦ ଲକ୍ଷ ଜରିମାନା

କେନ୍ଦୁଝର (ସ୍ୱପ୍ର) : ୨୦ନଂ ଜାତୀୟ ରାଜପଥର ଶାଳପଡ଼ାଠାରେ ଆରମ୍ଭ ହୋଇଥିବା ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଦୁଇ ପାର୍ଶ୍ୱରେ ସର୍ଭିସ ରୋଡ୍ ପ୍ରଭାବିତ ହେଉଛି । ଅସରାଏ ବର୍ଷାରେ ଅଣ୍ଟାଏ ପାଣି ଜମି ରହୁଥିବାରୁ ଯାତାୟତ ସମ୍ପୂର୍ଣ୍ଣ ଠପ ହୋଇପଡ଼ୁଛି । ଏହି ସମସ୍ୟା ବର୍ଷେ ଧରି ଲାଗି ରହିଥିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଏ ନେଇ ପ୍ରଶାସନ ପକ୍ଷରୁ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପରେ ଆଜି ଏକ ବୈଠକରେ ତାଗିଦ କରାଯାଇଛି । ନିର୍ମାଣ କାରୀ ଠିକା ସଂସ୍ଥାକୁ ବିଳମ୍ବିତ ପ୍ରକ୍ରିୟା ପାଇଁ ୪୦ଲକ୍ଷ ଟଙ୍କା ଜରିମାନା କରାଯାଇଛି । ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ଅଧ୍ୟକ୍ଷତାରେ ଏନ୍ ଏଚ୍ ଯନ୍ତ୍ରୀ ଅଶୁତୋଷ କୁମାର ଦାସ ଓ ମେଘା ପ୍ରକଳ୍ପ କର୍ତ୍ତୃପକ୍ଷ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ତେବେ ଜୁଲାଇ ମାସ ଶେଷ ସୁଦ୍ଧା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପ୍ରଶାସନର ତାଗିଦରେ କର୍ତ୍ତୃପକ୍ଷ ସମ୍ମତି ପ୍ରକାଶ କରିଛନ୍ତି । ଗତ ୨୦୨୪ ମସିହା ଜୁଲାଇ ମାସରୁ ଅଣ୍ଡରପାସ୍ ନିର୍ମାଣ ଆରମ୍ଭହୋଇଛି । ହେଲେ ଏହା ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ୨୦ନଂ ଜାତୀୟ ରାଜପଥ ବନ୍ଦ ରହିଥିବାରୁ ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ଶାଳପଡ଼ା ବଜାର ନିକଟରେ ଜାତୀୟ ରାଜପଥ ଅତିକ୍ରମ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି । ଆଇଟିଆଇ ନିକଟରେ ରହିଥିବା ଛକ ଉପରେ ଶାଳପଡ଼ା ସହିତ ସେହି ପାର୍ଶ୍ୱରେ ଥିବା ୪ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି । ରାସ୍ତାର ଅପରପାର୍ଶ୍ୱରେ ଜଳସମ୍ପଦ ବିଭାଗ, ଗ୍ରାମ୍ୟଜଳ ଯୋଗାଣ, ଗ୍ରୀଡ଼, କନକମଞ୍ଜରୀ ମହାବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ,ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ , ଜଳସମ୍ପଦ ଅତିଥି ଭବନ, କଲ୍ୟାଣମଣ୍ଡପ, ଆଏମ୍ସି, ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟ, ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ, ଜଗନ୍ନାଥ ମନ୍ଦିର, ପେଟ୍ରୋଲ ପମ୍ପ, ଗ୍ରାମ୍ୟ ନ୍ୟାୟାଳୟ ରହିଥିବାବେଳେ ଲୋକମାନଙ୍କ ଯାତାୟତରେ ବଡ଼ ସମସ୍ୟା ସୃଷ୍ଟି ହୋଇଛି । ଏଣୁ ଯଥାଶୀଘ୍ର ଏହି ଅଧାପନ୍ତରିଆ ରାସ୍ତା ଓ ଶାଳପଡ଼ା ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଘରେ ନଥିବାର ସୁଯୋଗ ଉଣ୍ଡି କଳାକନା ବୁଲାଇଲା ଦୁର୍ବୃତ୍ତ

ନୀଳଗିରି, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଘୋଷଣିକା ଗ୍ରାମରେ ଘରେ କେହି ନଥିବାର ସୁଯୋଗନେଇ ଲୁଟେରା ସର୍ବସ୍ୱ ଲୁଟି ନେଇଛନ୍ତି। ସୂଚନାଯୋଗ୍ୟ ଘୋଷଣିକା ଗ୍ରାମର ସ୍ୱର୍ଗତ ଜଗନ୍ନାଥ ବାରିକଙ୍କ ସ୍ତ୍ରୀ ମଞ୍ଜୁଲତା ଦେହ ଅସୁସ୍ଥଥିବାରୁ ସୋମବାର ଭୁବନେଶ୍ୱରରେ ରହୁଥିବା ତାଙ୍କ ପୁଅ ପାଖକୁ ଯାଇଥିଲେ।ଡାକ୍ତର ଦେଖାଇ ଗୁରୁବାର ରାତିରେ ଘରକୁ ଫେରିଥିବା ବେଳେ ଘରେ ତାଲାଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ଘରେ ଲାଗିଥିବା ସିସି କ୍ୟାମେରା ସବୁ ଉପରକୁ ହୋଇଥିବା ବେଳେ ଘରେ ଥିବା ଇନଭେଟର,ଏଲଇଡି,କମ୍ପୁଟର ଆଦି ରହିଥିବା, ଏବଂ ଆଲମାରୀ ଭାଙ୍ଗି ସୁନା ଗହଣା ଓ ଟଙ୍କା ନଥିବାର ଦେଖିବାକୁ ପାଇଥିଲେ।ଆଖପାଖର ସବୁ ବିଭାଗ ଖୋଜ ପଡ଼ିଥିବା ବେଳେ ଚୋର ଘର ପଛପଟେ ନେଇ ଆସିଥିବା ସିସି ଡିଭିଆର ଜଣାପଡ଼ିଥିବାବେଳେ ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ଅଜଣା ଗାଡ଼ି ଧକ୍କାରେ ଟ୍ରକ୍ ଚାଳକ ଗୁରୁତର

ସୋର, (ସବ୍ୟୁ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବରପଦା ଛକ ଓଭରବ୍ରିଜ ଉପରେ ଏକ ପାର୍କିଂ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଟ୍ରକ ଚାଳକ ଗୁରୁତର ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ପୋଲ ଉପରେ ଏକ ପାର୍ଶ୍ୱ ରାସ୍ତାରେ ଗାଡ଼ି ଚଳାଚଳ ହେଉଛି। ଶୁକ୍ରବାର ମଧ୍ୟାହ୍ନରେ ଏଚଆର ୫୫ ଏଆର ୭୮୬୫ ନମ୍ବର ବିଶିଷ୍ଟ ଟ୍ରକ ଟି ରାସନ ସାମଗ୍ରୀ ବୋହିନେଇ କରି ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଏହି ସ୍ଥାନରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡ଼ି ଉକ୍ତ ଟ୍ରକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଟ୍ରକ ଚାଳକ ଉତ୍ତରପ୍ରଦେଶ ଅଂଚଳର ହ୍ରିଦେଶ ଆଦିକ (୨୭) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିନ୍ତୁ ୧୦୮ ଆମ୍ବୁଲାନ୍ସ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ପହଂଚିବାରୁ ସୋର ପୁଲିସ ୧୧୨ ଗାଡ଼ିରେ ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ।

## ଏକାସାଙ୍ଗେ ଚୋରି ୧୭ ଛେଳି

ଆନନ୍ଦପୁର ,(ସବ୍ୟୁ) :ମାଡ଼ିଛନ୍ତି ଲୁଟେରା,ଏକାସଙ୍ଗେ ନେଇଗଲେ ୧୭ଟି ଛେଳି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଜଗନ୍ନାଥପୁରଠାରେ ଗ୍ରାମର କେହିବ ଦେହେରାଙ୍କ ଘର ଗାଈ ଭାଙ୍ଗି ଗୁରୁବାର ବିଳମ୍ବିତ ରାତ୍ରିରେ ଲୁଟେରା ୧୭ଟି ଛେଳି ନେଇଯାଇଥିବା ଜଣାପଡ଼ିଛି । ପରିବାର ଲୋକ ସକାଳୁ ଛେଳି ଛୁଆ ଏଣେତେଣେ ବୁଲୁଥିବା ଦେଖିବା ପରେ ଛେଳି ଘର କବାଟ ଖୋଲା ପଡ଼ିଥିବା ଜାଣିବାକୁ ପାଇଥିଲେ । ଛେଳି ଘରୁ ଛୁଆ ଛେଳିଙ୍କୁ ଛାଡ଼ି ୧୭ଟି ବଡ଼ ଛେଳି ଏକ ସଙ୍ଗରେ ଲୁଟିନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଘର ଅଗଣାକୁ ଏତେ ପରିମାଣରେ ଛେଳି ଲୁଟ ହୋଇଥିବାରୁ ପୁରା ପରିବାର ଲୋକ ସାମାନ୍ୟମାନ ଦୁଃଖରେ ପାଇଯାଇଥିବା କହିଛନ୍ତି । କେଶବ ନିହାତି ଗରିବ ,ଛେଳି ବିକ୍ରି କରି ଯାହା ଦିନଚଳା ମିଳେ ସେଥିରେ ପରିବାର ଚଳେ । ଏକା ସାଙ୍ଗରେ ୧୭ଟି ଛେଳି ଚୋରି ହେବା ପରେ ପୁରା ପରିବାର ବେସାହାରା ହୋଇ ପଡ଼ିଛନ୍ତି । ମା'ଛେଳି ଚୋରି ଯାଇଥିବାରୁ ଛୁଆ ଛେଳିଙ୍କୁ ବଞ୍ଚାଇବାକୁ ଅମୂଲ କ୍ଷୀର ପ୍ୟାକେଟ କିଣି ପିଇବାକୁ ଦେଇ ବଞ୍ଚାଇବାକୁ ପ୍ରୟାସ କରୁଛନ୍ତି ପରିବାର ଲୋକ । ଛେଳି ଚୋରି ଅଭିଯୋଗ ହେବା ପରେ ଗାମଦପୁରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିବା ସହ ରାସ୍ତା କଡ଼ରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଥିବା ଜଣାପଡ଼ିଛି ।

## ମଦ ପାଇଁ ଚାଲିଗଲା ଯୁବକଙ୍କ ଜୀବନ

ସୋର, (ସବ୍ୟୁ) : ସୋର ବ୍ଲକ ମାଣ୍ଡରୀ ପଞ୍ଚାୟତ କଞ୍ଚିଆ ଗ୍ରାମରେ ମଦ ପିଇବା କାରଣରୁ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଯୁବକ ଜଣଙ୍କ ହେଲେ ସୋର ଥାନା ମାଣ୍ଡରୀ ପଞ୍ଚାୟତ କଞ୍ଚିଆ ଗ୍ରାମର ରମାକାନ୍ତ ମହାନ୍ତି (୪୪)। ରମାକାନ୍ତ ଙ୍କ ସ୍ତ୍ରୀ ମମତାଙ୍କ କହିବା ଅନୁସାରେ ରମାକାନ୍ତ ଜଣେ ପଥର କାରିଗର ଅଟନ୍ତି ସେ ବାହାରେ ରହି ପଥର ମୂର୍ତ୍ତି କାମ କରୁଥିବା ବେଳେ ଦେହ ଅସୁସ୍ଥ କାରଣରୁ ଗତ ମାସକ ହେଲେ ଘରକୁ ଫେରିଥିଲେ। ମାଣ୍ଡରୀ ସହ ଆଖପାଖ ଗାଁରେ ମଦ ବ୍ୟବସାୟ ଜୋରଦାର ଥିବା ବେଳେ ରମାକାନ୍ତ ପ୍ରତିଦିନ ମଦ ପିଇ ଘରକୁ ଫେରିଥାନ୍ତି। ଗତକାଲି ରାତିରେ ମଧ୍ୟ ସେ ମଦ ପିଇ ଘରକୁ ଫେରିବା ସହ ଖାଇପିଇ ଶୋଇଥିଲେ। ମାତ୍ର ସକାଳେ ଉଠିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଉଠାଇ କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଂଚି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ବାଲେଶ୍ୱର, (ସବ୍ୟୁ) : ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ସହ ସ୍ୱାସ୍ଥ୍ୟ କେନ୍ଦ୍ର, ବାଲେଶ୍ୱର ରୋଟାରୀ କ୍ଲବ ଓ ସମ୍ବାଦାନ୍ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ନୂଆପାଡ଼ୀ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବିରାଟ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏହି ସ୍ୱାସ୍ଥ୍ୟ ଶିବିରର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଥିଲା ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ନୂଆପାଡ଼ୀ ଠାରେ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଭିନ୍ନ ସମୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଆସୁଛି। ଚଳିତଥର ଏହି ସ୍ୱାସ୍ଥ୍ୟ ଶିବିରରେ ବାଲେଶ୍ୱର ଓ ଭୁବନେଶ୍ୱରର ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ଉପସ୍ଥିତ ରହି ଚକ୍ଷୁ, ଦନ୍ତ, ଜେଜିଲ, ଅସ୍ଥିରୋଗ, ହୃଦରୋଗ ଆଦିର ପରୀକ୍ଷା କରିଛନ୍ତି। ଏହି ଦିନିକିଆ ସ୍ୱାସ୍ଥ୍ୟ ଶିବିରରେ ୧୨୦ ରୁ ଉର୍ଦ୍ଧ୍ୱ ସ୍ଥାନୀୟ ଜନସାଧାରଣ ନିଜ ସ୍ୱାସ୍ଥ୍ୟ ପରୀକ୍ଷଣ ସହ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ଗ୍ରହଣ କରିବାର ସୁଯୋଗ ଲାଭ କରିଥିଲେ।ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ମାର୍ଗଦର୍ଶନ ଓ ସେକ୍ରେଟେରୀ ଡ଼କ୍ଟର ଦେବଦତ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ମୋହନ ମହାପାତ୍ର ଓ ସହକାରୀ ମାନଙ୍କ ସହଯୋଗ ରେ ଏହି ସ୍ୱାସ୍ଥ୍ୟ ସେବାର ସଫଳ ରୂପାୟନ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ଡକ୍ଟର ସୌମ୍ୟରଞ୍ଜନ, ଡକ୍ଟର ଗୌରବ, ଡକ୍ଟର ଦୀପକ, ଡକ୍ଟର ବିନିତା ପ୍ରଧାନ, ଡକ୍ଟର ସୌମ୍ୟାଶ୍ରୀ ଓ ଡକ୍ଟର ରମେଶ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷଣ କରିଥିଲେ। ଏଥିସହିତ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦର ସଭ୍ୟ ଓ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହିଥିଲେ।

## ଆଜି ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ
# ରାଜରାଜେଶ୍ୱର ବେଶରେ ଦର୍ଶନ ଦେବେ ମଣିବାବା

ଆରଡି, (ସବ୍ୟୁ) : ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ପାଇଁ ଉତ୍ସବମୁଖର ଆରଡିପୀଠ । ଶନିବାର ବିବାହ ବନ୍ଧନରେ ବାନ୍ଧି ହେବେ ଦେବ ଦମ୍ପତି । ବୈଦିକ ରୀତିନୀତି ଓ ଲୋକାଚାରରେ ମାନବୀୟ ଲୀଳାରେ ଭାବେ ଶୁକ୍ରବାର ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ମଣିବାବାଙ୍କ କନିଷ୍ଠପ୍ରତିମା ହର ଓ ମାତା ପାର୍ବତୀଙ୍କ ଚଳନ୍ତିପ୍ରତିମା ଗୌରୀଙ୍କୁ ଘଣ୍ଟକିଆଣ, ଛତ୍ର ଆଲଟ ଚାମର ଦ୍ୱାରା ଏକ ସୁସଜ୍ଜିତ ପାଲିଙ୍କିରେ ନେବା ପରେ ତଦର୍ଥ ମହିଳାଙ୍କ ଦ୍ୱାରା ହଳଦୀ, ପଞ୍ଚାମୃତରେ ମଙ୍ଗଳକୃତ୍ୟ ନୀତି କରାଯାଇଥିଲା । ପରେ ଢାଲ ତରବା ଯିବା ସହ ହରଗୌରୀଙ୍କୁ ସୁସଜ୍ଜିତ କରାଯାଇ ଲୋକ ଅର୍ପଣ କରାଯାଇଥିଲା । ଶନିବାର ସକାଳ ୧୦ଟାରେ ବରଧରା ଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଅପରାହ୍ଣରେ ମଣିବାବା ଓ ମାତା ପାର୍ବତୀ ରାଜରାଜେଶ୍ୱର ଓ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେବେ ଭକ୍ତଙ୍କୁ । ସଂଧ୍ୟା ୭ଟାରେ ବରାନୁଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ମଧ୍ୟରାତ୍ରରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ । ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀଧାମର ସାହିମେଢ ନୃତ୍ୟ, ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ, ପଶ୍ଚିମବଙ୍ଗ ମେଦିନପୁରର ମୟୁରଚୂଳିଆ ବାଦ୍ୟ ଦଳଙ୍କ ସହ ବ୍ରହ୍ମପୁରର ଯୋଡିଶଙ୍ଖ ନୃତ୍ୟ ଦଳ ପୀଠ ପହଁଚିଯାଇଛନ୍ତି । ବାଜା, ବାଣ ରୋଷଣୀ ସହ ଲକ୍ଷାଧିକଭକ୍ତଙ୍କ ଗହଣରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବ ବୋଲି ମନ୍ଦିରର ସେବାୟତ କହିଛନ୍ତି ।

## କ୍ୟାଲେଣ୍ଡର ଭଦ୍ରକ ଗୌରବ
# ଜିଲ୍ଲାପାଳ ଭଦ୍ରକଙ୍କ ଦ୍ୱାରା ଉନ୍ମୋଚିତ

ଭଦ୍ରକ, (ସବ୍ୟୁ) : ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଓଡ଼ିଶାର ବରପୁତ୍ରମାନଙ୍କୁ ନେଇ ସଂକଳିତ ଟେବୁଲ କ୍ୟାଲେଣ୍ଡର,ଭଦ୍ରକ ଗୌରବ( ସନ୨୦୨୫-୨୬) ଜିଲ୍ଲାପାଳ ଭଦ୍ରକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି କ୍ୟାଲେଣ୍ଡରରେ ଭଦ୍ରକ ଜିଲ୍ଲାର ବରପୁତ୍ରମାନେ ଯଥା ବାଞ୍ଛାନିଧି ମହାନ୍ତି,ବଂଶିବଲ୍ଲଭ ଗୋସ୍ୱାମୀ,ନିତ୍ୟାନନ୍ଦ ମହାପାତ୍ର,ବିପ୍ଲବୀ ଚକ୍ରଧର ବେହେରା,ଗୋକୁଳାନନ୍ଦ ମହାନ୍ତି,ମହମ୍ମଦ ହନିଫ,ମୁରଲୀଧର ଜେନା,କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର,ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ,ବିଦ୍ୟୁତପ୍ରଭା ଦେବୀ,ଲୋକକବି ଜଗନ୍ନାଥ ପାଣି,କବି ଶେଖର ଚିନ୍ତାମଣି ମହାନ୍ତି ପ୍ରମୁଖଙ୍କ ସଚିତ୍ର ଓଡ଼ିଆ ପଞ୍ଜିକା ରୁପରେ ପ୍ରକାଶ ପାଇଥିଲା। ବୁଦ୍ଧିଜୀବୀ ମହଲରେ ଜିଲ୍ଲା ପ୍ରଶାସନର ଏପରି ପ୍ରୟାସକୁ ଭୂରିଭୂରି ପ୍ରଶଂସା କରାଯାଇଥିଲା। ପ୍ରକାଶିତ ହେବା ଦିନ ଠାରୁ ଅଦ୍ୟାବଧି ସରକାରଙ୍କର ବିଭିନ୍ନ ବିଭାଗକୁ,ବୁଦ୍ଧିଜୀବିଙ୍କୁ ଏବଂ ଆଜି ଜିଲ୍ଲାପାଳଙ୍କ କରକମଳରୁ ଭଦ୍ରକର ସମସ୍ତ ଗଣମାଧ୍ୟମ ପ୍ରତନିଧିମାନଙ୍କୁ ଏହାର ଏକକିତା ସଚିତ୍ର କ୍ୟାଲେଣ୍ଡର ପ୍ରଦାନ କରାଯାଇଥିଲା।

# ଆଗରପଡ଼ା-ବରପଦା : ପୁଣି ମୁଖ୍ୟରାସ୍ତାରେ ପ୍ୟାଚ କାର୍ଯ୍ୟ

ଆଗରପଡ଼ା,(ସବ୍ୟୁ) : ଆଗରପଡ଼ା-ବରପଦା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାରେ ପୁଣି ପ୍ୟାଚ ପକା କାର୍ଯ୍ୟ ଆରମ୍ଭ ହୋଇଥିବାର ଦେଖିବାକୁ ମିଳୁଛି। ପୂର୍ବରୁ ବହୁବାର ଏହିପରି କାର୍ଯ୍ୟ ହୋଇଛି ପୁଣି ମାସେ,ଦୁଇମାସ ପରେ ଖାଲଖମାରେ ଭର୍ତ୍ତି ହୋଇଛି ରାସ୍ତା। କେବଳ ଠିକାଦାର ଲାଭବାନ ହେଉଛନ୍ତି,ଲୋକମାନଙ୍କୁ କିଛି ସୁବିଧା ମିଳିପାରୁନାହିଁ। ୨୦୧୫ ମସିହାରେ ୧୯କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହୋଇଥିଲା,ଏହା ବି ବେଶୀ ଦିନ ଗଲାଣି। ମାଟିର ଆଦ୍ରତା ଯୋଗୁଁ ଏହି ସମସ୍ୟା ହେଉଛି ବୋଲି ବିଭାଗୀୟ ନିର୍ବାହୀଯନ୍ତ୍ରୀ କହିବା ସହ ରାସ୍ତା ଓସାର ୭ମିଟର ବୃଦ୍ଧି କରାଯିବା ସହିତ ୪୪କୋଟି ଟଙ୍କାର ଏଷ୍ଟିମେଟ କରାଯାଇଛି ବୋଲି ସେତେବେଳେ ସୂଚନା ଦେଇଥିଲେ। ମାତ୍ର ଇତିମଧ୍ୟରେ ବର୍ଷାଧିକ କାଳ ଅତିକ୍ରମ କରିଥିଲେ ସୁଦ୍ଧା କାର୍ଯ୍ୟରେ କୌଣସି ଅଗ୍ରଗତି ହୋଇପାରିନି। ସୂଚନାଯୋଗ୍ୟ,ଏହି ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ଓ ବ୍ୟସ୍ତବହୁଳ ରାସ୍ତା ଅଟେ। ରାସ୍ତା ଶୋଚନୀୟ ଭାବେ ଖରାପ ହୋଇପଡ଼ି ଖାଲଖମା ଭର୍ତ୍ତି ଯୋଗୁଁ ଦୁର୍ଘଟଣାମାନ ଘଟୁଛି। ଅନୁରୂପ ଭାବେ ଆଗରପଡ଼ା-ବନ୍ତ ଓ କୁପାରୀ ରାସ୍ତା ମଧ୍ୟ ଖରାପ ହୋଇ ପଡ଼ିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଜନସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି।

# ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ରଣଜିତ ରାଜସ୍ୱ ସର୍କଲ ଅନ୍ତର୍ଗତ ରାମଚନ୍ଦ୍ରପୁର ରାଜସ୍ୱ ଗ୍ରାମର ଜବରଦଖଲ ହୋଇଥିବା ୧.୩୦ଏକର ଜମିକୁ ଉଚ୍ଛେଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ଗ୍ରାମର ଖାତା ନଂ ୧୭୫ ଅଧିନ ପ୍ଲଟ ନଂ ୧୧୧, ୧୧୨ ଓ ୧୧୩ ନଂରେ ଥିବା ଜଳାଶୟ ଓ ବସ୍ତିଯୋଗ୍ୟ କିସମ ଜମି ଜନୈକ ବ୍ୟକ୍ତି ଦ୍ୱାରା ଜବରଦଖଲ ହୋଇଛି। ଏଥି ଯୋଗୁଁ ଜଳ ନିଷ୍କାସନ ପଥ ଅବରୋଧ ହେବା ଫଳରେ ରାମଚନ୍ଦ୍ରପୁର, ସଂପୋଇ ଓ କୁଲଣା ଦଳିତ ସାହିର ଶହ ଶହ ଏକର ଚାଷ ଜମିରେ ଉଦବୃତ୍ତ ଜଳ ଜମି ରହି ଫସିଲ ନଷ୍ଟ କରୁଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଜବରଦଖଲ ବହୁବର୍ଷ ଧରି ହୋଇଥିଲେ ବି ଉଚ୍ଛେଦ ପାଇଁ ହେଉଥିବା ବିଭିନ୍ନ ସମୟର ଦାବିକରୁ ତହସିଲ କର୍ତ୍ତୃପକ୍ଷ ଟାଳି ଦେଉଥିଲେ। ମାତ୍ର ଚଳିତ ବର୍ଷ ଏହାକୁ ଉଚ୍ଛେଦ ମୁକ୍ତ କରି ଚାଷକୁ ସୁରକ୍ଷା ଦେବାକୁ ସୁନନ୍ଦ ସ୍ୱାଇଁ, ଶଙ୍କର୍ଷଣ ଦାସ, ଅଭୟ କୁମାର ରାଉତ, ନିରଞ୍ଜନ ବେହେରା, ବାବାଜି ବେହେରା, ମହେଶ୍ୱର ପଣ୍ଡା, ବସନ୍ତ ନାୟକ ପ୍ରମୁଖ ତହସିଲଦାରଙ୍କ ନିକଟରେ ଗତ ୧୯ ତାରିଖରେ ଅଭିଯୋଗ କରିଥିଲେ। ତହସିଲଦାର ରଣଜିତ ରାଜସ୍ୱ ନିରୀକ୍ଷକଙ୍କୁ ଅଭିଯୋଗ ସମ୍ପର୍କରେ ରିପୋର୍ଟ ପ୍ରଦାନ ପାଇଁ ବାରମ୍ବାର ତାଗିଦ କରିବା ସତ୍ତ୍ୱେବ ସେ ଉଦାସୀନ ରହୁଛନ୍ତି ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ମାତ୍ର ଚଳିତ ବର୍ଷାରତୁ ପୂର୍ବରୁ ଉଚ୍ଛେଦ କରାନଗଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

# ବଜ୍ରପାତରେ ଯୁବଚାଷୀ ମୃତ

ତିହିଡି, (ସବ୍ୟୁ) : ତିହିଡି ଥାନା ଅଧିନ କାଁପଡା ପଂଚାୟତ ର ତଳକାଁପଡା ଗାଁରେ ଆଜି ଅପରାହ୍ନରେ ବଜ୍ରପାତରେ ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଦେବେନ୍ଦ୍ର ମଲ୍ଲିକ (୨୬) । ସୂଚନାନୁଯାୟୀ, ଆଜି ଦେବେନ୍ଦ୍ର ନିଜ ବିଲ୍‌ରେ ଟ୍ରାକ୍ଟର ଯୋଗେ ଚାଷ ହେବା ପାଇଁ ଯାଇଥିଲେ । ତେବେ ଅପରାହ୍ନ ୪ଟା ବେଳେ ହଠାତ ବଜ୍ରପାତରେ ସେ ତଳେ ଟଳି ପଡିଥିଲେ । ତାଙ୍କୁ ତୁରନ୍ତ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ

# ବିଳମ୍ବିତ ରାତିରେ ଝରକା ଭାଙ୍ଗି ସୁନା ଅଳଙ୍କାର ଲୁଟ

ଆନନ୍ଦପୁର , (ସବ୍ୟୁ) : ଆନନ୍ଦପୁର ଝରକା ଭାଙ୍ଗି ବିଳମ୍ବିତ ରାତିରେ ଟଙ୍କା ସୁନାରୂପା କଳାକନା ବୁଲେଇଲେ ଚୋର । ଆନନ୍ଦପୁର ଥାନା ନନ୍ଦିପଦା ଥାନାରେ ବାରମ୍ବାର ଚୋରି ହେବା ଅଭିଯୋଗ ହେଉଥିଲା ବେଳେ ଆଜି ୭୨ଘଣ୍ଟା ନ ପୂରୁଣୁ ଆନନ୍ଦପୁର ଥାନା ବଞ୍ଚଟେ ଗ୍ରାମର ମାର୍କଣ୍ଡ ଓଝାଙ୍କ ସାନ ପୁଅ ସୁବାସଙ୍କ ତଳଘରୁ ଝରକା ଭାଙ୍ଗି ପାଞ୍ଚ ଲକ୍ଷ ଟଙ୍କା ସୁନା ରୂପା ଟଙ୍କା ଚୋରି କରିଛନ୍ତି । ଗୋଟିଏ ନୁହେଁ କି ଦୁଇଟି ନୁହେଁ ମାଳ ମାଳ ଅଭିଯୋଗ ଯେଉଁଠି କି ଆଜି ପର୍ଯ୍ୟନ୍ତ କୌଣସି ଚୋରକୁ ଧରିବାରେ ପୋଲିସ ବିଫଳ ହୋଇଛନ୍ତି । ନନ୍ଦିପଦା ଏବଂ ସୋସୋ ଆନନ୍ଦପୁର ଏରିଆରେ ଧଳାଜହର ଠାରୁ ଆରମ୍ଭ କରି ଗଞ୍ଜେଇ ବେପାରୀ ସକ୍ରିୟ ଥିଲାବେଳେ ବାରମ୍ବାର ଚୋରମାନଙ୍କୁ ଧରିବାରେ ପୋଲିସଙ୍କ ନିଷ୍କ୍ରିୟତା ନେଇ ଚର୍ଚ୍ଚା ଜୋର ଧରିଛି । ଘଟଣା ସ୍ଥଳରେ ଆନନ୍ଦପୁର ଥାନା, ନନ୍ଦିପଦା ଥାନା ,ଘସିପୁରା ଥାନା ଅଧିକାରୀଙ୍କ ସହ ଆନନ୍ଦପୁର ଏସଡି ପିଓ ଏବଂ ଆଡିସିନାଲ ଏସପି ଉପସ୍ଥିତ ରହି କେଉଁଝରରୁ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁରକୁ ନେଇ ଯାଞ୍ଚ ପକ୍ରିୟା ତଦନ୍ତ ଚଳାଇଛନ୍ତି ।

BAJAJ FINSERV

## ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି

**ବଜାଜ ଫାଇନାନ୍ସ ଲିମିଟେଡ**

**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ୍ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ୍ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;

(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ଲେବଲିଙ୍କକୁ ଯାଇ ପାରିବେ: http://172.30.1.235:3000/?W0UB2QG9W

(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅନ୍‌ଲାଇନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;

(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ

(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।

(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।

(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ପୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

**(11-06-25): ଅନୁଗୋଳ ଗାନ୍ଧୀ ରୋଡ୍ I: PJD6SGL11743791. ଆଠଗଡ଼-ବୀରକିଶୋରପୁର GL: PCQ8SGL10940247, 10991577, 11459375, 11477855, 11495193, 11618815, 11707743. ବଲାଙ୍ଗୀର - ଗୋପାଳଜୀ ରୋଡ୍ I; PJD7SGL11512681, 11529905, 11551926, 11791170, 11801160. ବାଲେଶ୍ୱର-ପୋଲିସ୍ ଲାଇନ ସ୍କୋୟାର୍ GL: PEI4SGL11392277, 11514975, 11515617, 11527053, 11554846, 11650459, 11670898, 11690625, 11694379, 11685687, 11697560, 11784128. ବାଲୁଗାଁ-ମେନ୍ ରୋଡ GL: PCQ9SGL9864197, 10355598, 11460342, 11460243, 11800958. (12-06-25) ବରଗଡ଼ - ଖାରେଜଟୀ ଛାକା GL: PGC3SGL11383550, 11400728, 11409657, 11431539, 11430964, 11430113, 11510206, 11529642, 11529951, 11565552, 11574616, 11565023, 11569341, 11579972, 11602646, 11599927, 11615112, 11624955, 11618742, 11659948, 11671628, 11673552, 11691576, 11761810, 11765411, 11789954, 11784097, 11799927, 11800422. ବାରିପଦା - KC ସର୍କଲ; P4C7SGL11443067, 11690547, 11685703, 11732087, 11775403. ବାସୁଦେବପୁର - AB କଲେଜ ଚୌକ I; PJE1SGL11516143, 11725010, 11745313, 11772212. ବ୍ରହ୍ମପୁର GL: PB63SGL11286182, 11359775. ଭଦ୍ରକ ସାଲାଣ୍ଡି ବାଇପାସ୍ GL; PCR1SGL11767410, 11783527. (13-06-25) ଭବାନୀପାଟଣା BGL; PU41SGL11364431, 11384957, 11379545, 11414181, 11411993, 11548295, 11565763, 11620330, 11639909, 11694776, 11685968, 11709135, 11715488, 11773407, 11793997. ଭୁବନେଶ୍ୱର ଜଗାମରା GL; PER5SGL11484819, 11557606, 11600018, 11607561, 11636315, 11726516, 11722394. ଭୁବନେଶ୍ୱର BGL: P423SGL11382013, 11393790, 11528755, 11636485, 11730642, 11729366, 11742630, 11805741, 11805246. ବୁର୍ଲା-ମେନ୍ ରୋଡ: P09QSGL11169660, 11306735, 11410434, 11414626, 11448355, 11460888, 11512982, 11529540, 11568172, 11586518, 11600582, 11616203, 11689899, 11690868, 11727481, 11782027, 11800899, 11805797. କଟକ ମଧୁ ପାଟଣା କଲୋନି GL: PGG9SGL11459102, 11636774. (16-06-25) ଜଗତସିଂହପୁର - ଦୁର୍ଗାବଜାର; PU42SGL10743847, 11384634, 11413336, 11412522, 11528756, 11616891, 11672566, 11714726, 11708489, 11731486, 11724296, 11728279, 11741377, 11770423. ଜଯାଜପୁର ଟାଉନ୍ ଶୀତଳେଶ୍ୱର I; PJU7SGL11571430. ଜଟଣୀ ହାଇନ୍ ଜଣ୍ଟେଲ୍ GL: PCR2SGL10518673, 11399174, 11448218, 11481907, 11486217, 11496924, 11527230, 11567508, 11563290, 11713014, 11728709, 11745037, 11785527. ଜୟପୁର-ଏମ.ଜି ରୋଡ୍ GL; PGH2SGL11396593, 11428141, 11440874, 11460474, 11547921, 11568866, 11565592, 11582042, 11598073, 11653702, 11672365, 11768358, 11782963, 11782269. ଝାରସୁଗୁଡ଼ା GL; PG62SGL11514334, 11587480, 11583703, 11615019, 11639238, 11655511, 11721397, 11724277, 11745365. (17-06-25) କଣିହା BGL; PV26SGL10774945, 11170236, 11249606, 11418081, 11441175, 11481587, 11573830, 11674559. କେନ୍ଦ୍ରାପଡ଼ା-କଲେଜ ସ୍କୋୟାର୍ I; PGT6SGL11632694, 11671372, 11743084, 11787476. କେନ୍ଦୁଝର-ମାଇନିଂ ରୋଡ GL; PCQ7SGL11408323, 11497314, 11530139, 11553099, 11553210, 11581742, 11689915, 11771845, 11761382, 11784390. ଖୋର୍ଦ୍ଧା ମେନ୍ ଟାଉନ୍ GL; PDA3SGL11272889, 11414327, 11413176, 11517754, 11636642, 11649637. କୋରାପୁଟ; PU40GOL1795171, L1907865, L1978648, L1978763, L2077146, L2100620, L2105465, L2124323, L2146945, L2178010, L2181380, L2223347, L2249781, L2265307, L2384260, L2388107, L2395787, L2394394, L2426118, L2452533, L2461479, L2772140, L2823224, L2877091, L2919271. (18-06-25) କୁଚିଣ୍ଡା BGL; P93KSGL11383173, 11396825, 11430643, 11503824, 11526477, 11533085, 11551489, 11677163, 11721741, 11800559. ନବରଙ୍ଗପୁର - ପଟେଲ୍ ମାର୍ଗ GL; PCR3SGL11380468, 11377635, 11374803, 11393589, 11428322, 11480351, 11553336, 11548784, 11564518, 11574183, 11619095, 11660404, 11656016, 11676924, 11686333, 11687626, 11744787, 11768567, 11761416, 11783280, 11789254, 11781069, 11800989, 11801854, 11805632. ନିମାପଡ଼ା - ଗଣେଶ ବଜାର୍ I; PJE2SGL11165457, 11396016, 11399407, 11399969, 11499012, 11527304, 11746997, 11789807, 11781868, 11804840. ନୂଆପଡ଼ା BGL; P86HSGL11579998, 11641332, 11713538, 11726141, 11741122. ଫୁଲବାଣୀ BGL; P93ASGL11430721, 11431953, 11461467, 11487118, 11535070, 11548804, 11710457. (19-06-25) ପିପିଲି - ଢାବା ଚୌକ I; PGE1SGL10669105, 10742864, 11572087. ପୁରୀ ଭି.ଆଇ.ପି ରୋଡ୍ GL; PEK3SGL11376743, 11382625, 11481297, 11532320, 11530191, 11558895, 11564473, 11579778, 11599752, 11616907, 11619048, 11656073, 11663463, 11706492, 11721531. ରାଜଗାଙ୍ଗପୁର ମେନ ରୋଡ; P504SGL11137372, 11233982, 11550634, 11605685, 11623604, 11695401, 11752055, 11772024, 11794155, 11802841. ରାୟଗଡ଼-ଗି.ଏସ୍.ଆର୍ ରୋଡ GL; PCR4SGL10937099, 11116059, 11427112, 11479852, 11548553, 11564475, 11616406, 11691367, 11772849, 11787055, 11791444. ରାଉରକେଲା-କୋଏଲ ନଗର GL; PER3SGL11429423, 11547820, 11589982, 11694330. (20-06-25) ସାଲେପୁର ମାଳୁଆଟି GL; PGN9SGL11365993, 11459472, 11526883, 11635873, 11800562. ସୁନ୍ଦରଗଡ଼ ହସ୍ପିଟାଲ୍ ରୋଡ୍ I; PJU9SGL11727833, 11783556. ତାଳଚେର - ହଟାଚୋରା ଛକ I; PJU8SGL11410616, 11556182, 11774684, 11762662, 11786514, 11801326. ଟାଙ୍ଗୀ-ମେନ ରୋଡ GL; PG01SGL11381646, 11376982, 11395962, 11481360, 11532261, 11569536, 11620264, 11637358, 11638261, 11687199, 11764289. ଉମରକୋଟ - ଗୁଳିପାଟଣା I; PJE3SGL11230749, 11527761, 11584748, 11747104, 11766685.**

**ବଜାଜ ଫାଇନାନ୍ସ ଲିମିଟେଡ୍**

## ମୁକୁନ୍ଦପୁର ବଳଦେବଜୀଉ ମନ୍ଦିରକୁ ଠାକୁର ମାହାଲର ଅସହଯୋଗ
# ଆସନ୍ତା ୩ରେ ଧାରଣା ସହ ଅନଶନରେ ବସିବେ ମନ୍ଦିର ଟ୍ରଷ୍ଟି

ନୀଳଗିରି, (ସବ୍ୟୁ) : ନୀଳଗିରି ଠାକୁରମାହାଲ ଅଧୀନରେ ତୃତୀୟ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଏବଂ ନୀଳଗିରି ଅଞ୍ଚଳର ବହୁ ମନ୍ଦିର,ମଠ ଓ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ଓ ପରିଚାଳନା ହେଉଥିବା ବେଳେ ଔପଦା ବ୍ଲକ କାଣ୍ଡଗରଡି ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ତନ୍ମଧ୍ୟରୁ ଅନ୍ୟତମ। ଉକ୍ତ ମନ୍ଦିରର ବାର୍ଷିକ ନୀତିକାନ୍ତି ଏବଂ ରଥଯାତ୍ରା ପ୍ରତି ଠାକୁରମାହାଲ ଅସହଯୋଗ କରୁଥିବା ନେଇ ଗତ ୧୩ ତାରିଖରେ ମନ୍ଦିର ଟ୍ରଷ୍ଟ ତରଫରୁ ବିଭିନ୍ନ ସମସ୍ୟା ନେଇ ଏକ ଅଭିଯୋଗ ପତ୍ର ଠାକୁରମହାଲ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର କୌଣସି ସନ୍ତୋଷ ଜନକ ଉତ୍ତର ମିଳିନଥିବା ଟ୍ରଷ୍ଟ ତରଫରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ ପ୍ରତିବର୍ଷ ଠାକୁରମହାଲ ତରଫରୁ ୨୦ହଜାର ଟଙ୍କା ଅନୁଦାନ ମିଳୁଥିବା ବେଳେ ଏଥିରେ ମନ୍ଦିରର ନୀତିକାନ୍ତି , ଯାନିଯାତ୍ରା କରିବା ଅସମ୍ଭବ ହୋଇପଡୁଛି। ଏପରିକି ମନ୍ଦିରର ପୂଜକ ନିଜର ପାରିଶ୍ରମିକ ନପାଇବା ଫଳରେ ପୂଜାକାର୍ଯ୍ୟରେ ବିମୁଖ ରହୁଛନ୍ତି। ଦୀର୍ଘ ତିନିବର୍ଷ ଧରି ରଥନିର୍ମାଣ ପାଇଁ କାଠପ୍ରଦାନ କରାଯାଇନାହିଁ। ତେଣୁ ରଥରେ ଆବଶ୍ୟକ ହେଉଥିବା କାଠର ଅଭାବ ଦେଖାଦେଇଛି। ଏପରିକି ଚଳିତବର୍ଷ ରଥନିର୍ମାଣ ପାଇଁ ୪ଟି ଚକ



ଏବଂ ୨ଟି ଅଖ ପାଇଁ କାଠର ଆବଶ୍ୟକତା ରହିଛି। କାଠଯୋଗାଇ ଦିଆନଗଲେ ରଥନିର୍ମାଣ ହୋଇପାରିବ ନାହିଁ ବୋଲି କ୍ଷୋଭର ସହ ମନ୍ଦିର ଟ୍ରଷ୍ଟ ପକ୍ଷରୁ କିଛି ସଦସ୍ୟ ଅଭିଯୋଗ କରିଛନ୍ତି। ଠାକୁରମାହଲ କେବଳ କାଠର ତଦାରଖ କରାଯାଉଥିବା ବେଳେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ଠାକୁରମହାଲ ଅଧିକାରୀ ତଥା ତହସିଲଦାର ସୋନମ୍ ଦାସ ମନ୍ଦିରର ଆବଶ୍ୟକତାକୁ ଉପଲବ୍ଧି କରି ତୁରନ୍ତ ପଦକ୍ଷେପ ନେବାକୁ ମନ୍ଦିରର ସମ୍ପାଦକ ସୁରେନ୍ଦ୍ର ରାଉଳ,ସଦସ୍ୟ ଶରତ ଚନ୍ଦ୍ର ଦାସ, ଶ୍ରୀରାମ ଚନ୍ଦ୍ର ବାରିକଙ୍କ ସମେତ ମୁକୁନ୍ଦପୁର, ସିକିଡ଼ିଆ, ଚିନ୍ତାମଣିପୁର, ବଉଳଗଡିଆ ଅଞ୍ଚଳର ବହୁ ଜଗନ୍ନାଥ ପ୍ରେମୀ ଭକ୍ତ ଦାବି କରିଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୬/୦୪)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ)

**ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।**
**ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ! ସମ୍ପଦମାସୁରୀମ୍ ।।୪।।**

ଆସୁରୀ ସମ୍ପଦ ପ୍ରାପ୍ତ ହୋଇ ଜାତ ହୋଇଥିବା ବ୍ୟକ୍ତିର ଦମ୍ଭ, ଧନବିଦ୍ୟାଦି ନିମିତ୍ତ ଗର୍ବ, ଅଭିମାନ, କ୍ରୋଧ, ନିଷ୍ଠୁରତା ଓ ଅଜ୍ଞାନ ଇତ୍ୟାଦି ଗୁଣମାନେ ହୁଅନ୍ତି ।।୪।।

# ହାଇକୋର୍ଟ ଓ ଆଇନଜୀବୀଙ୍କ ବଦାନ୍ୟତା

## ସମ୍ପାଦକୀୟ

ନୂଆଦିଲ୍ଲୀର ଗୋଟିଏ ଘଟଣା । ଜଣେ କର୍କଟ ରୋଗାକ୍ରାନ୍ତ ପିତା ଓ ଭାରତ ବାହାରେ ଅଧ୍ୟୟନରତ ତାଙ୍କ ପୁତ୍ରର ଦୁର୍ଦ୍ଦଶାକୁ ଦିଲ୍ଲୀ ହାଇକୋର୍ଟ, ସଲିସିଟର ଜେନେରାଲ ଓ ହାଇକୋର୍ଟ ପକ୍ଷରୁ ନିଯୁକ୍ତ ଜଣେ ଆମିକସ୍ କ୍ୟୁରି (ଅଦାଲତଙ୍କ ସହଯୋଗୀ) ଉପଲବ୍ଧି କରି ଉଦାହରଣ ସୃଷ୍ଟି କରିଛନ୍ତି ।

ଘଟଣାଟି ଏହିପରି । ଜଣେ କର୍କଟ (କ୍ୟାନସର) ରୋଗୀ ଯିଏ କି ଦୀର୍ଘଦିନ ଧରି ଚିକିତ୍ସାଧୀନ ଅଛନ୍ତି, ତାଙ୍କର ପୁତ୍ର ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ 'ବ୍ୟବସାୟିକ ବିଶ୍ଳେଷଣ' ବିଭାଗରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନରତ । ଏଥିପାଇଁ ତାଙ୍କ ପିତା କାନାରା ବ୍ୟାଙ୍କରୁ ପ୍ରାୟ ୫୫ ଲକ୍ଷ ଟଙ୍କାର ଅଧ୍ୟୟନ-ଋଣ କରି ସାରିଥିଲେ । ମାତ୍ର ପୁତ୍ରର ପାଠ ପଢ଼ା ସାରିବାକୁ ଆଉ ଦଶ ଲକ୍ଷ ଟଙ୍କାର ଋଣ ଦରକାର ହେବାରୁ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଋଣ ପାଇଁ ଆବେଦନ କରିଥିଲେ । ବ୍ୟାଙ୍କ ଆଉ ଋଣ ଦେବାକୁ ନାହିଁ କରିଦେବାରୁ ପିତା ଜଣକ ଅଗତ୍ୟା ଦିଲ୍ଲୀ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ । ଉଲ୍ଲେଖନୀୟ ଯେ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳି ଅନୁଯାୟୀ ଏହି ଘଟଣାରେ ୫୮ ଲକ୍ଷ ଟଙ୍କାର ସମୁଦାୟ ଋଣ ବ୍ୟାଙ୍କ କର୍ତ୍ତୃପକ୍ଷ ମଞ୍ଜୁର କରିପାରିବେ ନାହିଁ । ବିଦେଶରେ ଅଧ୍ୟୟନ ଲାଗି ଏହି ଋଣ ମଞ୍ଜୁର କରିବାକୁ ହେଲେ ୧୫ ପ୍ରତିଶତର ମାର୍ଜିନ ମନି (ପ୍ରାନ୍ତୀୟ ମୁଦ୍ରା) ମଧ୍ୟ ଋଣ ଗ୍ରହୀତାଙ୍କୁ ଦେବାକୁ ପଡିଥା'ନ୍ତା । ପିତାଙ୍କ ମୁଖରୁ ସ୍ୱର ନିର୍ଗତ ହେଉଥିବା ପ୍ରତ୍ୟଙ୍ଗଟିକୁ କର୍କଟ ଚିକିତ୍ସା ସମୟରେ ବାହାରକୁ କାଢ଼ି ଦିଆଯାଇଥିଲା । ସେ ମଧ୍ୟ ଦିଲ୍ଲୀ ଅନ୍ତର୍ଗତ ତାଙ୍କର ରୋହିଣୀ ଡିଡିଏ ଫ୍ଲାଟକୁ ବନ୍ଧକ ରଖି ଏହି ଶେଷ ଋଣ ନେବାକୁ ସ୍ଥିର କରିଥିଲେ ।

ଦିଲ୍ଲୀ ହାଇକୋର୍ଟର ବିଚାରପତି ଶ୍ରୀ ବିକାଶ ମହାଜନ ଏହି ଆବେଦନର ବିଚାର ପ୍ରକ୍ରିୟା ଆରମ୍ଭ କରି ବରିଷ୍ଠ ଆଇନଜୀବୀ ଶ୍ରୀ ନଳିନୀ କୋହଲିଙ୍କୁ ଆମିକସ୍ କ୍ୟୁରି (ଅଦାଲତଙ୍କ ସହଯୋଗୀ) ଭାବେ ନିଯୁକ୍ତ କରି ଏହି ଋଣ ସମସ୍ୟାର ସମାଧାନ କରାଇବାକୁ ଚାହିଁଥିଲେ । ପିତାଙ୍କୁ ଆଇନଜୀବୀ ଶ୍ରୀ କୋହଲି ସାକ୍ଷାତ କରିବାରୁ ସେ ତାଙ୍କର ଦୁର୍ଦ୍ଦଶା ବିଷୟ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଅତି ବେଶୀରେ ସେ ମାତ୍ର ଦୁଇ ଲକ୍ଷ ଟଙ୍କା ଯୋଗାଡ଼ କରି ପାରିବେ ବୋଲି ଜଣାଇଥିଲେ । ଆଇନଜୀବୀ ଶ୍ରୀ କୋହଲି ଆଉ ଦୁଇଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସେତକ ଅର୍ଥ ମଧ୍ୟ ଯଥେଷ୍ଟ ନ ଥିଲା । ପରିବାର ଲୋକେ ଦୁଶ୍ଚିନ୍ତା ମଧ୍ୟରେ ରହିଥିଲେ । ଆଇନଜୀବୀ ଶ୍ରୀ କୋହଲି ଆମିକସ୍ କ୍ୟୁରି ଭାବେ ପିତା ଓ ପୁତ୍ରଙ୍କୁ ସାହାଯ୍ୟ କରିପାରିଲେ ନାହିଁ ବୋଲି ବିଚଳିତ ହୋଇପଡ଼ିଲେ । ମାତ୍ର ସୁପ୍ରିମକୋର୍ଟର ଦ୍ୱାରଦେଶରେ ଆଇନଜୀବୀ ଶ୍ରୀ କୋହଲି ହତାଶ ହୋଇ ଯାଉଥିବାବେଳେ ସଲିସିଟର ଜେନେରାଲ ଶ୍ରୀ ତୁଷାର ମେହେଟ୍ଟାଙ୍କୁ ଏ ବିଷୟ ଜଣାଇଥିଲେ । ଶ୍ରୀ କୋହଲି ସେହି ପରିବାରର ଦୁର୍ଦ୍ଦଶା ସଂପର୍କରେ ଯାହା ବର୍ଣ୍ଣନା କଲେ, ତାହା ଶୁଣିବା ପରେ ତତ୍‌କ୍ଷଣାତ୍ ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ନିଜ ପକ୍ଷରୁ ଦଶଲକ୍ଷ ଟଙ୍କା ଦେଇଦେବେ ଓ ପୁତ୍ର ପୁନୀତ ସିଂହ ତାଙ୍କର ଡିଗ୍ରୀ ତଦ୍ୱାରା ହାସଲ କରି ପାରିବ ବୋଲି ଆଶା ପ୍ରକାଶ କରିଥିଲେ । ଏହା ପରେ ଶ୍ରୀ କୋହଲି ଏ କଥା ତାଙ୍କ ପରିବାର ଲୋକଙ୍କ ନିକଟରେ ପ୍ରକାଶ କରିଥିଲେ ଏବଂ କର୍କଟ ରୋଗୀ ଭାବେ ଜୀବନ ସହିତ ଅବିରତ ସଂଗ୍ରାମ କରି ଆସୁଥିବା ପିତାଙ୍କ ଦୁଶ୍ଚିନ୍ତା ଦୂର ହେବ ବୋଲି ମଧ୍ୟ ଆଶା ପ୍ରକାଶ କରିଥିଲେ ।

ଏହିପରି ବହୁତ ଘଟଣା ଅନାଲୋଚିତ ଭାବେ ଅନ୍ଧାରରେ ରହିଯାଇଛି । କେବଳ ସରକାରୀ ଇଂଜିନିଅରିଂ କଲେଜ ବା ମେଡିକାଲ କଲେଜରେ ବା ବିଶ୍ୱବିଦ୍ୟାଳୟମାନଙ୍କରେ ପଢ଼ିବା ଲାଗି ଓଡ଼ିଶା ସରକାର ଅଳ୍ପ ସୁଧହାରରେ ଅଧ୍ୟୟନ ଋଣ (ଷ୍ଟଡି ଲୋନ୍)ର ସୁବିଧା କରିଥାନ୍ତି । ମାତ୍ର ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ କର୍ତ୍ତୃପକ୍ଷ ବିଭିନ୍ନ ବ୍ୟାଙ୍କ ସହିତ ଅଧ୍ୟୟନ ଋଣ ବିଷୟରେ ଚୁକ୍ତି କରିଥା'ନ୍ତି ।

ସେହି ସବୁ ଋଣର ସୁଧ ହାର ଅତ୍ୟନ୍ତ ଅଧିକ ଥାଏ । ଅଧ୍ୟୟନ ପରେ ଚାକିରି କରି ନଥିଲେ ପ୍ରାର୍ଥୀ ବା ପ୍ରାର୍ଥୀଙ୍କ ଗ୍ୟାରେଣ୍ଟିଅର ପିତାଙ୍କ ସୁଧ ହାର ବଢ଼ି ବଢ଼ି ଚାଲିଥାଏ । ସରକାରଙ୍କର ଏହି ସୁଧ ହାର ହ୍ରାସ ପାଇଁ ବା ସୁଧ ହାର ଆଦୌ ନ ନେବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ବ୍ୟାଙ୍କଗୁଡ଼ିକ ସେ ସବୁ ନିୟମ ନ ମାନି ମନଇଚ୍ଛା ସୁଧ ସହ ଋଣ ରାଶି ଆଦାୟ କରନ୍ତି । ଏପରିକି ଲୋକ ଅଦାଲତର ରାୟକୁ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଟାଳି ଦେବାର ଅନେକ ଦୃଷ୍ଟାନ୍ତ ରହିଛି ଏଇ ଭୁବନେଶ୍ୱରରେ ।

ବ୍ୟାଙ୍କ ଅତ୍ୟଧିକ ଋଣ ଦେବା ବିଷୟରେ ଓ ସବ୍‌ସିଡି ଛାଡ଼ ନ କରିବା ବିଷୟରେ ଜଣେ ପିତା, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ୨୦୧୬ରେ ଜଣାଇବା ପରେ, ବ୍ୟାଙ୍କ କର୍ତ୍ତୃପକ୍ଷ ଜଣେ ଛାତ୍ରଙ୍କ ଋଣ ସମସ୍ୟାର ସମାଧାନ କରିଥିଲେ ଏବଂ ନିଜ କାର୍ଯ୍ୟରେ ତ୍ରୁଟି କରିଥିବା ଜଣେ ବ୍ୟାଙ୍କ ଅଫିସରଙ୍କର ବଦଳି ମଧ୍ୟ ହୋଇଥିଲା । ମାତ୍ର ସବୁ ସମୟରେ ଅଧିକାଂଶ ବ୍ୟକ୍ତି ଏପରି ଅଭିଯୋଗ କରି ପାରନ୍ତି ନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ଅଭୁଲା ଅତୀତ

# ସେହି ସବୁ ଦିନ ଶାନ୍ତିନିକେତନ-୩



ମନୋରମା ବିଶ୍ୱାଳ ମହାପାତ୍ର

ସ୍ୱର୍ଗୀୟ କୁଞ୍ଜବିହାରୀ ଦାଶ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ପୁରାତନ କେନ୍ଦ୍ର ପାଠାଗାରର ଉପର ମହଲାରେ ସେତେବେଳେ 'ବିଦ୍ୟାଭବନ' ଥାଏ । ସଂସ୍କୃତ ଓ ହିନ୍ଦୀ ବିଭାଗ ଥାଏ ହିନ୍ଦୀଭବନରେ । 'ହଲ୍ ଓ୍ୱାସିଆ ଟ୍ରଷ୍ଟ' ସହାୟତାରେ ୧୯୩୬ରେ ଏଇ ଭବନ ନିର୍ମିତ ହୋଇଥିଲା । ପ୍ରଖ୍ୟାତ ହିନ୍ଦୀ ଲେଖକ ଡକ୍ଟର ହଜାରୀ ପ୍ରସାଦ ଦ୍ୱିବେଦୀ ଏହି ବିଭାଗରେ ପ୍ରାୟ କୋଡ଼ିଏ ବର୍ଷ କାର୍ଯ୍ୟ କରିଥିଲେ । ପାଖ କୋଠରୀରେ ବସୁଥିଲେ ଆଚାର୍ଯ୍ୟ କ୍ଷିତିମୋହନ ସେନ୍ ଭାରତୀୟ ସନ୍ଥସାହିତ୍ୟ ସଂପର୍କରେ ଦୁଇ ସୁଧୀଙ୍କର ସଂଳାପ ବଡ଼ ପ୍ରୀତିପ୍ରଦ ବୋଧ ହେଉଥିଲା । ବିଦ୍ୟାଭବନର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ ଚନ୍ଦ୍ର ବାଗ୍ଚୀ ଚୀନା ଭବନରେ ବସୁଥିଲେ, ମଧ୍ୟେ ମଧ୍ୟେ ଆସି ବିଦ୍ୟାଭବନର କାର୍ଯ୍ୟ ତନଖି କରୁଥିଲେ । ବଙ୍ଗଳା ବିଭାଗ ବିପୁଳ ଆକାର ଧାରଣ କରୁଥିଲା । ବିଦ୍ୟା ଭବନର ଗୋଟିଏ କୋଠରୀରେ ବସୁଥିଲେ ପଞ୍ଚାନନ ମଣ୍ଡଳ, ଭୂର୍ଜପତ୍ରରେ ଲେଖା ପ୍ରାଚୀନ ବଙ୍ଗଳା ପାଣ୍ଡୁଲିପି ମେଳାଇ । ଅନ୍ୟ ଏକ କୋଠରୀରେ ଗବେଷଣା କରୁଥିଲେ ଏଫ୍.ଏମ୍. ଆସିରି, ଘାଲିବଙ୍କ କବିତା ଉପରେ । ଗବେଷଣା ହିଁ ବିଦ୍ୟାଭବନର ମୁଖ୍ୟ କାର୍ଯ୍ୟ ଥିଲା ।

ପାଠାଗାରର ଉପର ମହଲାରେ ପଠନାଳୟ । ପୃଥିବୀର ବହୁ ସମ୍ବାଦପତ୍ର ଓ ପତ୍ରପତ୍ରିକା ଏଠାକୁ ଆସେ । ସାହିତ୍ୟ, ଇତିହାସ, ଦର୍ଶନର ପତ୍ରିକା, ବିଭିନ୍ନ ବୟସୋପଯୋଗୀ ପତ୍ରିକା-ଫରାସୀ, ଜର୍ମାନୀ, ଇଂରାଜୀ, ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ, ମରହଟ୍ଟୀ, ପତ୍ରିକା-କେବଳ ଛବିପତ୍ରିକା-ଏସବୁ ଗଡ଼ାଉ ଗଡ଼ାଉ ସମୟ ଚାଲିଯାଏ । ଏହାଛଡ଼ା ଚମତ୍କାର ଖୋଳରେ ଚୀନ୍ ଭାଷାର ପୁସ୍ତକମାନ ଚୀନା ଭବନରେ ସଜ୍ଜିତ ହୋଇ ରହିଥିଲା । କଳା ଓ ସଙ୍ଗୀତ ଭବନର ସ୍ୱତନ୍ତ୍ର ପାଠାଗାର ଥିଲା । **ହିନ୍ଦୀ ଭବନ ସ୍ୱତନ୍ତ୍ର ଭାବରେ ଚଳୁଥିଲା । ହିନ୍ଦୀ, ବଙ୍ଗଳା ପାଠାଗାର ପରି ଓଡ଼ିଆ ପାଠାଗାର ବୃଦ୍ଧି ଲାଭ କରି ପାରୁନଥିଲା, ପ୍ରତିବର୍ଷ ଓଡ଼ିଆ ପାଠାଗାର ଲାଗି ଯେତେ ଟଙ୍କା ମିଳୁଥିଲା ତାକୁ ଖର୍ଚ୍ଚ କରିବା ଆମ ପକ୍ଷରେ କାଠିକର ପାଠ ହେଉଥିଲା । ପ୍ରତିବର୍ଷ ତିନି ଚାରି ହଜାର ଟଙ୍କା ନେଲେ ବି ବଙ୍ଗଳା ବିଭାଗୀୟ ମୁଖ୍ୟ କହନ୍ତି- ଆହୁରି ଦିଅ । ଆମେ ନୀରବ ରହୁ । ଜାତୀୟ ସାହିତ୍ୟର ଦାରିଦ୍ର୍ୟ ବାହାରେ ଦେଖାଇବାକୁ ଲଜ୍ଜା ଲାଗେ ।**

**୧୯୪୭ରୁ ବିଦ୍ୟାଭବନ ଅନ୍ତର୍ଗତ ଓଡ଼ିଆ ବିଭାଗଟି ଆମ ଭାଷା ଓ ସାହିତ୍ୟ ଗବେଷଣାର ଗୌରବାବହ ଅନୁଷ୍ଠାନ ରୂପେ କାର୍ଯ୍ୟ କଲା । ସେତେବେଳେ ବିଦ୍ୟାଭବନ ପାଠାଗାରରେ ଗବେଷକ ଚିତ୍ତରଂଜନ ଦାସ, ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ଗବେଷଣା କରୁଥିଲେ । କୁଞ୍ଜବିହାରୀ ଦାଶଙ୍କ ଥିବା ସମୟରେ ଦଶ ଖଣ୍ଡ ଗବେଷଣା ପୁସ୍ତକ ପ୍ରକାଶିତ ହୋଇଥିଲା** - ୧) ଓଡ଼ିଆ ଲୋକଗୀତ କାହାଣୀ, କବି ଲିପି, ଆଧୁନିକ କାବ୍ୟଧାରା, ଅଚ୍ୟୁତାନନ୍ଦ ଓ ପଞ୍ଚସଖା, ସମାଲୋଚନା ଇତ୍ୟାଦି । **ପରେ ପରେ ଅନ୍ନଦା ଶଙ୍କର ରାୟଙ୍କର ସବୁଜ ଅକ୍ଷର ଏବଂ ଆଧୁନିକ ଓଡ଼ିଆ ସାହିତ୍ୟର 'ଭୂମି ଓ ଭୂମିକା' - ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା । ସେତେବେଳେ ବିଦ୍ୟାଭବନର ଅଧ୍ୟକ୍ଷ କାଳିଦାସ ଭଟ୍ଟାଚାର୍ଯ୍ୟ ବିଶ୍ୱଭାରତୀକୁ ପ୍ରଥମେ କୁଞ୍ଜ ବିହାରୀ ଦାଶଙ୍କ ସାଂସ୍କୃତିକ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲେ ।**

'କଳାଭବନ' ଶାନ୍ତିନିକେତନର ସର୍ବାପେକ୍ଷା ମର୍ଯ୍ୟାଦାବନ୍ତ ଅନୁଷ୍ଠାନ । ଶିଳ୍ପୀଗୁରୁ ଅବନୀନ୍ଦ୍ରନାଥ ଠାକୁରଙ୍କର 'ଆଉରଙ୍ଗଜେବ୍' ଓ ଶିଳ୍ପୀ ନନ୍ଦଲାଲ୍ ବୋଷଙ୍କର 'ଉମାଙ୍କ ତପସ୍ୟା' ଭଳି ଅନେକ ଚିରସ୍ମରଣୀୟ ଛବି ଏଠାରେ ସଂରକ୍ଷିତ । **ଓଡ଼ିଶାର ବିଶିଷ୍ଟ ଶିଳ୍ପୀଗଣ ଯଥା ଅଜିତ କେଶରୀ ରାୟ ଓ ବିନୋଦ ରାଉତରାୟ ପ୍ରଭୃତି କଳାଭବନର ଛାତ୍ର ଥିଲେ ।**

କଳାଭବନ ନିକଟରେ ସଂଗୀତ ଭବନ । ସର୍ବଦା ସଂଗୀତର ସୁଲଳିତ ସୁର ଅଥବା ନୃତ୍ୟର ଛନ୍ଦ ଶୁଭୁଥାଏ । ରବୀନ୍ଦ୍ର ସଂଗୀତ ଓ ନାଟ୍ୟ ଛଡ଼ା ଭାରତନାଟ୍ୟମ୍, ମଣିପୁରୀର ବହୁଳ ପ୍ରଚଳନ ଅଛି । ଶାନ୍ତିଦେବ ଘୋଷ ଥିଲେ ରବୀନ୍ଦ୍ର ସଂଗୀତ ସାଧନାର କିମ୍ବଦନ୍ତୀ ପୁରୁଷ । ସାନଭାଇ ଦେଶ ପତ୍ରିକାର ସୁବିଖ୍ୟାତ ସମ୍ପାଦକ ସାଗରମୟ ଘୋଷ । ଆଉ ଜଣେ କାନିକା ବନ୍ଦ୍ୟୋପାଧ୍ୟାୟ । ସଂଗୀତ ଭବନକୁ ମଝିରେ ମଝିରେ ଆସନ୍ତି ପୃଥିବୀ ବିଖ୍ୟାତ ସଂଗୀତଜ୍ଞମାନେ । ପଣ୍ଡିତ ରବିଶଙ୍କର ମଧ୍ୟ କିଛି ଦିନ ଶାନ୍ତିନିକେତନରେ ଅବସ୍ଥାନ କରିଥିଲେ । ତାଙ୍କ ସୀତାରରେ ରାଗ ମାଲ୍‌କୋସ୍ ଏବଂ ରାଗ ବିହାଗ୍ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା । ରାତି ବାରଟା ପରେ ଏହି ଉଚ୍ଚାଙ୍ଗ ସଙ୍ଗୀତର ମୂର୍ଚ୍ଛନା ସିଂହ ସଦନର ଚତ୍ୱରକୁ ଅନୁରଣିତ କରୁଥିଲା ।

**୧୯୫୧ରେ ଭାରତ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେବା ପରେ ବିଶ୍ୱଭାରତୀକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ପ୍ରଦାନ କରାଗଲା । ଭାରତୀୟ ସମ୍ବିଧାନରେ ସ୍ୱତନ୍ତ୍ର ବିଶ୍ୱଭାରତୀ ନିୟମାବଳୀ (Visva Bharati Act) ପ୍ରଣୟନ କରାଯାଇଥିଲା ।**

ବିଶ୍ୱଭାରତୀର ଐତିହ୍ୟ ଆଲୋଚନା କଲାବେଳେ ଅନେକ କଥା ମନକୁ ଆସେ । ରବୀନ୍ଦ୍ରନାଥଙ୍କ ଭାଷାରେ କେବଳ ଗୋଟିଏ କଥା କହିବି,

*'ଆମ୍‌ରା ଯେଥାଏ ମୋରୀ ଘୁରେ,*
*ସେ ଯେ ଯାଏନା କଭୁ ଦୂରେ,*
*ମନେର୍ ମାଝେ ପ୍ରେମେର୍*
*ସୀତାର୍ ବାଜାଏ ଯେ ତାର୍ ସୁରୋ।*
*ଆମ ଭିତରେ ପ୍ରତି ମୂହୁର୍ତ୍ତରେ*
*ଅନୁରୁଣୀତ ହୋଇଥାଏ*
*ଆମାଦେର୍ ଶାନ୍ତିନିକେତନ,*
*ଆମାଦେର୍ ସବ୍ ହୋତେ ଆପନ୍।'*

'ଭାଲୋବାସା ଯଦି ଅପରାଧ ହଏ ଆମି ଅପରାଧି ତବେ, ଜାନି ତାରଲାଗିଜୀବନ ଆମାର୍ ସୁନ୍ଦରତର ହବେ'- ଜୀବନକୁ ଅଧିକ ସୁନ୍ଦର କରିବାରେ ପ୍ରେମ ହିଁ ବିଶଲ୍ୟକରଣୀ । ଏଇ ଅନୁଭବ ରବୀନ୍ଦ୍ରନାଥଙ୍କ କବିତାରେ ଉତ୍‌କୀର୍ଣ୍ଣ ହୋଇ ରହିଥିଲା ଶାନ୍ତିନିକେତନରେ ।

**ଶାନ୍ତିନିକେତନରେ ମୁଁ ଏମ୍.ଏ ପଢ଼ିବି- ଏଇ ସ୍ୱପ୍ନ ସେଦିନ ମୋ ଭିତରେ ମୁଁ ନିଜେ ରୋପଣ କରିଥିଲି । କବି କମଳାକାନ୍ତ ଲେଙ୍କା, ପ୍ରଫେସର କୃଷ୍ଣଚରଣ ବେହେରା ଏଇ ଶାନ୍ତିନିକେତନ ସ୍ୱପ୍ନକୁ ଅଧିକ ସାକାର କରିବାରେ ସାହାଯ୍ୟ କରିଥିଲେ । କବିଗୁରୁ ରବୀନ୍ଦ୍ରନାଥଙ୍କର ସ୍ୱପ୍ନର ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ । ସପ୍ତପର୍ଣ୍ଣୀର ସବୁଜ ଭୂଖଣ୍ଡ, ଆମ୍ରକୁଞ୍ଜର ତିଳ ତଣ୍ଡୁଳିତ ଛାଇ ସବୁ ଆଜି ଗୋଟି ଗୋଟି ହୋଇ ମନେପଡୁଛି ।**

ପୃଥିବୀର ବିଭିନ୍ନ ଦେଶର ପିଲାମାନଙ୍କର ସମାହାର ଏଠି । ଚୀନ୍, ଜାପାନ୍, ସିଂହଳ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ ଏବଂ ଆମେରିକା, କାନାଡା ଆଦି ସ୍ଥାନରୁ ଛାତ୍ରମାନେ ଶାନ୍ତିନିକେତନ ଆସିଛନ୍ତି ଜ୍ଞାନ ଆହରଣ ପାଇଁ । କିଏ ଗୀତରେ, କିଏ ନାଚରେ ଆଉ କେଉଁମାନେ ଗବେଷଣା କରିବା ପାଇଁ । ଜ୍ଞାନର ଅସରନ୍ତି ଝରଣା ଯେମିତି ଅନବରତ ଏଠି ଝରି ଚାଲିଛି । ବେଶ, ପୋଷାକ ଉପରେ ଏଠାରେ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ଧଳା ପାଇଜାମା, ଗେରୁଆ ରଙ୍ଗର କାମିଜର ୟୁନିଫର୍ମ । ବାହାରର ଚାକଚକ୍ୟକୁ ଶାନ୍ତିନିକେତନ ଘୃଣା କରେ । ସବୁ ପ୍ରକାର ସ୍ୱାତନ୍ତ୍ର୍ୟ ଭିତରେ ଶାନ୍ତିନିକେତନ ବାରିହୋଇ ପଡ଼େ । ଯେମିତି ଶାନ୍ତିନିକେତନର ଛାତ୍ରଛାତ୍ରୀ ଯେଉଁଠି ବି ରୁହନ୍ତୁ, ସେମାନଙ୍କର ସ୍ୱାତନ୍ତ୍ର୍ୟ ବାରିହୋଇ ପଡ଼େ । କେତେ ନମ୍ର ଏବଂ ଭଦ୍ରୋଚିତ ବ୍ୟବହାର । ଶାନ୍ତିନିକେତନର ଘରଗୁଡ଼ିକର ନାଁ ମଧ୍ୟ ସେହିପରି କାବ୍ୟିକ । ରବୀନ୍ଦ୍ରନାଥଙ୍କ ଘର ପରିସରର ନାଁ ଉତ୍ତରାୟଣ । ଉତ୍ତରାୟଣ ଭିତରେ ଉଦୟନ, ଉଦିଚୀ, ପୁନଶ୍ଚ, ଶ୍ୟାମଳୀ ଏବଂ କୋଣାର୍କ । ଶିଳ୍ପୀ ରାମକିଙ୍କର ବେଜ୍‌ଙ୍କ ପଥର ନିର୍ମିତ ମୂର୍ତ୍ତିର ଅଦ୍ଭୁତ କାରୁକଳା । ଉତ୍ତରାୟଣ ଭିତରେ ଲତାୟିତ ମାଧବୀ କୁଞ୍ଜ । ମାଧବୀ କୁଞ୍ଜର ଦୁଇ ପାଖରେ ବସିବା ପାଇଁ ସିମେଣ୍ଟ ବେଞ୍ଚ୍ ।

ସବୁଠାରେ କବିତାର ଜୟଗାନ କରାଯାଇଛି । ସେ ପାଖକୁ ଗୋଲାପ ବଗିଚା-ଭିନ୍ନ ଭିନ୍ନ ଗୋଲାପର ସମାହାର । ସପେଟା ଏବଂ ପିଜୁଳି ଗଛକୁ ଲତାୟିତ କରି ଲୁହା ତାରରେ ମଡ଼ାଇ ଦିଆଯାଇଛି । ତା' ପାଖରେ ରବୀନ୍ଦ୍ରନାଥ ବ୍ୟବହାର କରୁଥିବା କଳାରଙ୍ଗର ଅଷ୍ଟିନ୍ କାର । ବହୁ ଆଗରୁ ଓଡ଼ିଆ ବିଭାଗର ଲାଇବ୍ରେରୀ ସେଠାରେ ଥିଲା । ମୁଁ ଶାନ୍ତିନିକେତନରେ ପଢ଼ିବା ବେଳେ ଦେଖିଛି ଲାଇବ୍ରେରୀରେ ଅସଂଖ୍ୟ ଦୁର୍ଲଭ ବହି । ଆମର ଶେଷ ବର୍ଷ ଏହି ଲଇବ୍ରେରୀ ସେଣ୍ଟ୍ରାଲ୍ ଲାଇବ୍ରେରୀକୁ ଉଠିଗଲା । ଲାଇବ୍ରେରୀ ଭିତରକୁ ପଶିଲା ମାତ୍ରେ କିପରି ଏକ ମଧୁର ଗନ୍ଧ ଆସି ନାକରେ ବାଜେ । ତାହା ଥିଲା କବିତାର ବାସ୍ନା ।

ଓଡ଼ିଆ ଲାଇବ୍ରେରୀ ଭିତରେ ବିଶ୍ୱକବିଙ୍କର ସୃଜନଶୀଳତାର ବାସ୍ନା । ଆମ ଭିତରେ ବିଶ୍ୱାୟନ ଭାବର ଉଦ୍ରେକ ହେଉଥିଲା । ଭାରି ଭଲ ଲାଗୁଥିଲା । ମୋ ଛାତ୍ର ଜୀବନରେ ଶାନ୍ତିନିକେତର ଶେଷ ଦୁଇବର୍ଷ ମୋ ପାଇଁ ସୁବର୍ଣ୍ଣ ସମୟ ଥିଲା । ସଙ୍ଗୀତ ଆଉ କବିତାର ମାୟା ସରୋବର ଭିତରେ ମୁଁ ପ୍ରତିମୁହୂର୍ତ୍ତରେ ଅବଗାହନ କରୁଥିଲି । ସ୍ୱପ୍ନ ଉଦ୍ୟାନର ବର୍ଣ୍ଣିଳ ପ୍ରକୃତି ଭିତରେ ମୁଁ ଯେମିତି ଏକ ଉତ୍ତରିତ ଚେତନାରେ ରୂପାନ୍ତରିତ ହୋଇ ଯାଇଥିଲି । ଗୋଏଙ୍କା ହଷ୍ଟେଲ୍‌ର ଛାତ୍ରୀ ନିବାସର ଉପର ମହଲାର ଏକ କୋଠରୀରେ ମୁଁ ରହୁଥିଲି । ହଷ୍ଟେଲ୍ ବାହାରେ ରାସ୍ତାର ଦୁଇଧାରରେ ଥିଲା ସୁନାଝରି ଫୁଲ ଆଉ ମାଳତୀ ଫୁଲର ବାସ୍ନାମୟ ପୃଥିବୀ । ଝରକା ବାଟେ ବାହାରକୁ ଅନାଇଲେ ଦେଖାଯାଉଥିଲା ସଙ୍ଗୀତ ଭବନର ପିଲାମାନଙ୍କର ସମ୍ମିଳିତ କଣ୍ଠରେ ରବୀନ୍ଦ୍ର ସଙ୍ଗୀତର ମନ ମତାଣିଆ ସ୍ୱର - ସେଇ ମୁହୂର୍ତ୍ତରେ ମୋର ଇଚ୍ଛା ହେଉଥିଲା ସେମାନଙ୍କ ସ୍ୱର ସାଙ୍ଗରେ ମୋ ସ୍ୱର ମିଶାଇ ଦେଇ ଗାଆନ୍ତି ।-

*'ଚୈତ୍ର ପବନେ, ମମ ଚିତ୍ତବନେ,*
*ବାନିମଞ୍ଜରୀସଞ୍ଚଲିତା ଅଗୋ ଲଲିତା ।'*

କେତେ ବେଶୀ ମାଦକତା ଥିଲା ସେ ସ୍ୱରରେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଆଜି । କେତେ ଆତ୍ମୀୟତା ଥିଲା ସେଥିରେ । ଶାନ୍ତିନିକେତନ ଛାଡ଼ି ଆସିଲା ପରେ ଜୀବନ କେମିତି ଗୋଟାଏ ଧୁ ଧୁ ମରୁଭୂମି ହୋଇଗଲା ଯେମିତି । ସ୍ୱପ୍ନ ସବୁ ଅଧା ରହିଗଲା- ଅଧା ଲେଖା ଚିଠି ପରି ।

ଶାନ୍ତିନିକେତନର ଦୁଇଟା ଅନୁଭବ ମୋତେ ଖୁବ୍ ପ୍ରଭାବିତ କରିଥିଲା । ପ୍ରଥମଟା ଥିଲା ହଷ୍ଟେଲ୍‌ର ସମବେତ ସନ୍ଧ୍ୟା ପ୍ରାର୍ଥନା ଏବଂ ଅନ୍ୟଟି ଥିଲା ସକାଳର ବୈତାଳିକ । 'ଆକାଶଭରା ସୂର୍ଯ୍ୟତାରା ବିଶ୍ୱଭରା ପ୍ରାଣ' ଭିତରେ ମୋର ଅସ୍ମିତା ହଜି ଯାଉଥିଲା । ବିଶ୍ୱ ଭାରତୀର ବିଶ୍ୱାୟନ ଭାବନା ମୋ ଭିତରୁ ସବୁ ପ୍ରକାର ସଙ୍କୀର୍ଣ୍ଣତାକୁ ଦୂରକୁ ଠେଲି ଦେଉଥିଲା ଯେମିତି, ଆମ ହଷ୍ଟେଲ୍‌ରେ ରହୁଥିବା ମରିସସ୍‌ର ଝିଅ ଦମୟନ୍ତୀ । ମଣିପୁରର ରାଧେଷ୍ଟା ଭିକ୍ଟୋରିଆ ଏବଂ ସର୍ବୋପରି ଆମ ଓଡ଼ିଆ ପିଲା ଯିଏକି ଦର୍ଶନରେ ଏମ୍.ଏ କରୁଥିବା କରୁଣାକର, ସମସ୍ତେ ଆଜି ସମୟ ସୁଅରେ ଦୂରକୁ ଦୂରକୁ ଠେଲି ହୋଇ ଚାଲିଯାଇଛନ୍ତି । ତଥାପି ଅନେକ ସମୟରେ ମୋ ସ୍ମୃତିର ଗନ୍ତାଘର ଭିତରୁ ସେମାନେ ଉଙ୍କିମାରନ୍ତି ସମୟ ଅସମୟରେ । ଦମୟନ୍ତୀକୁ ଚିଠିଲେଖେ ପୁରୁଣା ଠିକଣାରେ । ଚିଠି ଫେରିଆସେ । ଦମୟନ୍ତୀ ମରିସସ୍‌ରେ ଅଛି ମୁଁ ଜାଣେ । ଦିନେ ନା ଦିନେ ତା ସହିତ ଦେଖାହେବ ଏଇ ବିଶ୍ୱାସ ମୋ ଭିତରେ ଆଜି ବି ଦିକିଦିକି ହୋଇ ଜଳୁଛି ।

ଶାନ୍ତିନିକେତନ ଓଡ଼ିଆ ବିଭାଗର ବିଜ୍ଞାପନ । ପ୍ରଫେସର୍ ପାଇଁ ମୁଁ ଦରଖାସ୍ତ କଲି । ଇଣ୍ଟରଭ୍ୟୁ ମଧ୍ୟ ହେଲା । ବିଚାରକମାନଙ୍କ ମଧ୍ୟରେ ଅନେକ ଦ୍ୱନ୍ଦ୍ୱ । ବିଶ୍ୱଭାରତୀର କୁଳପତି ଚାହୁଁଛନ୍ତି ନିର୍ଦ୍ଦିଷ୍ଟ ଜଣଙ୍କୁ ପ୍ରଫେସର କରିବା ପାଇଁ । ସେଥିରେ ମୁଁ ଆଶ୍ଚର୍ଯ୍ୟ ହୋଇନାହିଁ । ଭାରତବର୍ଷର ପ୍ରମୁଖ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ବିଶ୍ୱଭାରତୀ ମୁଖ୍ୟ ସ୍ଥାନ ଲାଭ କରିଛି । ପ୍ରଚୁର ଅନୁଦାନ ଆସେ କେନ୍ଦ୍ରରୁ । **ଓଡ଼ିଶାର ପ୍ରଖ୍ୟାତ ଗବେଷକ ପ୍ରଫେସର ନଟବର ସାମନ୍ତରାୟଙ୍କ ପରି ବହୁ ବିଦ୍ୱାନ୍‌ମାନଙ୍କୁ ଶାନ୍ତିନିକେତନର ଓଡ଼ିଆ ବିଭାଗ ଅଯୋଗ୍ୟ ବୋଲି ଘୋଷଣା କରି ଅତୀତରେ ପ୍ରଫେସର ନିର୍ବାଚନରୁ ବଞ୍ଚିତ କରିଥିଲା । ଭାଷାତତ୍ତ୍ୱବିତ୍ ପ୍ରଫେସର ଗଗନେନ୍ଦ୍ର ନାଥ ଦାସଙ୍କୁ ମଧ୍ୟ ଶାନ୍ତିନିକେତନରେ ରହିବାର ସୁଯୋଗ ଦିନେ ମିଳିନଥିଲା ।**

ମୋ ପ୍ରିୟ ଶାନ୍ତିନିକେତନର ଅବସ୍ଥା ଯାହା ହେଉ ପଛକେ ସ୍ୱପ୍ନର ଭୂଖଣ୍ଡ ଭିତରେ ଆଗପରି ସେ ମାୟାସରୋବର ହୋଇ ଚିରଦିନ ରହିଥିବ। ଶାନ୍ତିନିକେତନ ମୋ ପାଇଁ ତୀର୍ଥଭୂଇଁ ।

ଶାନ୍ତିନିକେତନ ମୋ ପାଇଁ ଦୂର ଆକାଶର ନକ୍ଷତ୍ର ସଦୃଶ ସବୁଦିନ ରହିଥାଉ ।

**୧୨୫,ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ମୋ-୦୯୪୩୭୦୧୧୦୦୩**

# ଶୀତଳ ଷଷ୍ଠୀ-ଶିବ ଓ ଶକ୍ତିଙ୍କ ମହାମିଳନ

ବୈଷ୍ଣବ ଚରଣ ଦାଶ

ଓଡ଼ିଶାରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଆଗମନ ପରେ ଶୈବ ଧର୍ମର ଅଭ୍ୟୁଦୟ ହୋଇଥିବା ଇତିହାସ କହେ । ତା ପର ଠାରୁ ବିଭିନ୍ନ ଅଞ୍ଚଳରେ ଶିବ ମନ୍ଦିରମାନ ନିର୍ମାଣ କରାଯାଇ ଶିବ ଆରାଧନା କରାଯାଉଛି । ଶିବ ହେଉଛନ୍ତି ମଙ୍ଗଳମୟ । ପାର୍ବତୀଙ୍କ ବିନା ଶିବଙ୍କ ଉପାସନା ବ୍ୟର୍ଥ । ତେଣୁ କୁହାଯାଇଛି, 'ଶିବ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃପ୍ରଭବିତୁମ୍' । ଶିବ ଏବଂ ଶକ୍ତି ମିଳିତ ହୋଇ ଏକତ୍ର ପୂଜା ପାଆନ୍ତି, ଯାହା ଅନ୍ୟ ଠାରେ ଦେଖାଯାଏ ନାହିଁ । ଓଡ଼ିଶାର ଅନେକ ସ୍ଥାନରେ ଭଗବାନ ଶିବ ଓ ପାର୍ବତୀଙ୍କ ମୂର୍ତ୍ତି ଏକତ୍ର ପୂଜା ପାଆନ୍ତି ।

ଚଳନ୍ତି ବିଗ୍ରହକୁ ଚନ୍ଦ୍ରଶେଖର କୁହାଯାଏ । ଯେଉଁ ମନ୍ଦିରରେ ଚଳନ୍ତି ବିଗ୍ରହ ଥାଆନ୍ତି, ସେଠି ଶୀତଳ ଷଷ୍ଠୀ ଯାତ୍ରା ହୋଇଥାଏ । ଅନେକଙ୍କ ମନର ଧାରଣା ଯେ ଶିବ ବିବାହକୁ ଶୀତଳ ଷଷ୍ଠୀ କୁହାଯାଏ । କିନ୍ତୁ ବାସ୍ତବିକ୍ ତାହା ନୁହେଁ, ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଶିବ ବିବାହ ହୁଏ, ତା' ପର ଦିନ ହୋଇଥାଏ ଶୀତଳ ଷଷ୍ଠୀ । ବୈଶାଖର ରୌଦ୍ର ତାପ ପରେ ନବ ମେଘ ଆଚ୍ଛାଦିତ ଆକାଶରୁ ଝରିପଡେ ଅବାରିତ ବାରିଧାରା । ଶିବ ଓ ପାର୍ବତୀଙ୍କ ମିଳନରେ ସମଗ୍ର ବିଶ୍ୱ ଶୀତଳ ହେଉଥିବାରୁ ଏହାର ନାମକରଣ ଏପରି ହୋଇଥିବା ଅନୁମିତ ହୁଏ ।

ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷ ପ୍ରଜାପତି ପାର୍ବତୀଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି । ପାର୍ବତୀଙ୍କ ବିବାହ ବୟସ ହେବା ଉତ୍ତାରୁ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ମଶାନଚାରୀ ଶିବଙ୍କୁ ସେ ବିବାହ କରନ୍ତି । ଏଥିରେ କ୍ଷୁବ୍ଧ ହୋଇ ଦକ୍ଷ ପ୍ରଜାପତି ନିଜେ ଆୟୋଜନ କରୁଥିବା ଏକ ଯଜ୍ଞକୁ ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରନ୍ତି ନାହିଁ । ମହାଦେବଙ୍କ ଅନିଚ୍ଛା ସତ୍ତ୍ୱେ ଦେବୀ ପାର୍ବତୀ ପିତ୍ରାଳୟ ଯାଆନ୍ତି । ଯଜ୍ଞ ସ୍ଥଳରେ ଦକ୍ଷ ପ୍ରଜାପତି ଶିବଙ୍କୁ ଅପମାନ କଲାପରି କଥା ପାର୍ବତୀଙ୍କୁ କହିବାରେ ଏହାକୁ ସହ୍ୟ କରିନପାରି ସତୀ ଯଜ୍ଞ କୁଣ୍ଡରେ ଝାସ ଦିଅନ୍ତି । ସତୀଙ୍କ ଯଜ୍ଞ କୁଣ୍ଡରେ ଝାସଦେବା ଶୁଣି ମହାଦେବ ଯଜ୍ଞ ସ୍ଥଳକୁ ଧ୍ୱଂସ କରିଦିଅନ୍ତି ଏବଂ ସେଠାରୁ ସତୀଙ୍କ ଶବକୁ କାନ୍ଧରେ ପକାଇ ଚାରିଆଡେ ଘୁରି ବୁଲନ୍ତି ।

ଏହାପରେ ଭଗବାନ ବିଷ୍ଣୁ ଚକ୍ରଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଶିବଙ୍କ ଠାରୁ ଅଲଗା କରିଦିଅନ୍ତି । ପରବର୍ତ୍ତୀ ସମୟରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ତାରକାସୁର ଅତ୍ୟାଚାର କରେ । ତାରକାସୁରର ଅତ୍ୟାଚାରରେ ଦେବତାମାନେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ଶରଣ ପଶନ୍ତି । ମାତ୍ର ଶିବଙ୍କ ଔରସରୁ ଜନ୍ମିତ ସନ୍ତାନ ତାରକାସୁରକୁ ବଧ କରିବ ବୋଲି ବ୍ରହ୍ମା କହିବା ପରେ ଦେବତାମାନେ ଆଦିଶକ୍ତି ମାତା ପାର୍ବତୀଙ୍କୁ ତପସ୍ୟା କରନ୍ତି । ଦେବାଦେବୀଗଣଙ୍କ କଠୋର ତପସ୍ୟା ଯୋଗୁଁ ମାତା ପାର୍ବତୀ ପର୍ବତରାଜ ହିମାଳୟଙ୍କ ଘରେ ଆର୍ବିଭାବ ହୁଅନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ । ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ଶାନ୍ତ ଏବଂ ଶୀତଳ ହୋଇଯାଆନ୍ତି । ଦେବଦମ୍ପତିଙ୍କ ଏହି ମହାମିଳନକୁ ଶୀତଳଷଷ୍ଠୀ ଭାବେ ପାଳନ କରାଯାଇଥାଏ । ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରର ଜଗମୋହନର ଦକ୍ଷିଣଦ୍ୱାରଠାରେ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବର ଏକ ସୁନ୍ଦର ଦୃଶ୍ୟ ଖୋଦିତ ହୋଇଛି ।

ପୁରୀ ଲୋକନାଥ ମନ୍ଦିର ସମେତ ପଞ୍ଚ ମହାଦେବ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ବିଭିନ୍ନ ଶିବମନ୍ଦିରମାନଙ୍କରେ ଶୀତଳ ଷଷ୍ଠୀ ଉତ୍ସବ ବହୁ ଜାକଜମକରେ ପାଳନ କରାଯାଏ । ପୁରୀରେ ଏହି ପରିକ୍ରମା ଉତ୍ସବକୁ 'ଗୁଆଲି ଯାତ୍ରା' ବୋଲି କୁହାଯାଏ । ଏତଦ୍ ଭିନ୍ନ ପୁରୀ ଓ ଗଞ୍ଜାମ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ଏହି ଯାତ୍ରା ଖୁବ୍ ଆଡମ୍ବର ସହକାରେ ପାଳନ ହୁଏ । ଏଥିପାଇଁ ପ୍ରସ୍ତୁତି ପ୍ରାୟ ଏକ ମାସ ପୂର୍ବରୁ କରାଯାଏ । ଗଛ ଗଣ୍ଡି ଆଣି ସେଥିରେ ଦାରୁ ପ୍ରସ୍ତୁତ ହୋଇ ବାଣ ତିଆରି କରାଯାଏ । ଏହି ଯାତ୍ରାର ପ୍ରମୁଖ ଆକର୍ଷଣ ବାଣ । ଗ୍ରାମର ଆବାଳ ବୃଦ୍ଧବନିତା ସମସ୍ତେ ଏହି ଯାତ୍ରାରେ ସାମିଲ୍ ହୁଅନ୍ତି ।

ସମ୍ବଲପୁରରେ ପତରପେଣ୍ଡିରୁ ଶୀତଳଷଷ୍ଠୀ ଉତ୍ସବର ଶୁଭାରମ୍ଭ ହୋଇ, ତତ୍ ପରଦିନ ଦେବ ନିମନ୍ତ୍ରଣ, ଚତୁର୍ଥୀ ତିଥିରେ ସମସ୍ତ ମନ୍ଦିରରୁ ଦେବାଧିଦେବଙ୍କ ବରଯାତ୍ରା, ପରଦିନ କନ୍ୟାପିତାଙ୍କ ଗୃହରେ ରାତ୍ରିରେ ବିବାହୋତ୍ସବ ଏବଂ ତା'ପରଦିନ ମଧ୍ୟାହ୍ନରେ ଶିବପାର୍ବତୀଙ୍କ ବାହୁଡା ଆଡ଼ମ୍ବରପୂର୍ଣ୍ଣ ଦିବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ସ୍ୱ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନର କାର୍ଯ୍ୟକ୍ରମ ବେଶ୍ ମନୋଜ୍ଞ ଓ ମନୋମୁଗ୍ଧକର ।

ପ୍ରତ୍ୟେକ ସହରର ଭାଗ୍ୟଶାଳୀ ବିଭିନ୍ନ ଦମ୍ପତି କନ୍ୟାପିତା ଭାବରେ ଦେବାଧିଦେବଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନ କରିଥାନ୍ତି । ନୈସର୍ଗିକ ବିଧିବିଧାନ, ପରମ୍ପରା ଓ ପ୍ରକରଣରେ ନବଦମ୍ପତିଙ୍କର ବିବାହୋତ୍ସବ ଅନୁଷ୍ଠିତ ହୋଇ କନ୍ୟାଦାନ ସହିତ ଅଳଙ୍କାର, ବାସନକୁସନ ଓ ଅନ୍ୟାନ୍ୟ ଯାନିଯୌତୁକ ସାଧ୍ୟମତେ ପ୍ରଦାନ କରାଯାଏ । ବିବାହୋତ୍ସବରେ ସାଧାରଣତଃ ଆନନ୍ଦ, ଚିତ୍ତବିନୋଦନ ପ୍ରାଧାନ୍ୟ ଲାଭ କରିଥାଏ । ସମ୍ବଲପୁରର ଯାତ୍ରାରେ କିନ୍ନରମାନେ ନୃତ୍ୟ କରିଥାନ୍ତି । ବିଶ୍ୱାସ ରହିଛି ଯେ ଶିବ ପାର୍ବତୀଙ୍କ ବିବାହରେ ନିଜକୁ ସାମିଲ କଲେ କିନ୍ନର ଜନ୍ମରୁ ମୁକ୍ତି ପାଇଥାନ୍ତି ।

ଓଡ଼ିଆ ସଂସ୍କୃତିର ଏକ ପ୍ରମୁଖ ପର୍ବ ଭାବେ ମଧ୍ୟ ଶୀତଳଷଷ୍ଠୀ ପରିଗଣିତ । ଓଡ଼ିଆ ଗୃହିଣୀମାନେ ନିଜ ସ୍ୱାମୀ ତଥା ସନ୍ତାନମାନଙ୍କ ଶୁଭ ଓ ମଙ୍ଗଳ ମନାସି ଶିବ ଓ ପାର୍ବତୀଙ୍କ ଉପାସନା କରିଥାନ୍ତି ଓ ଉପବାସ ରହିଥାନ୍ତି । ଧୁଆମୁଗ ସହ ଆମ୍ବ, ପଣସ, ନଡିଆ, ତାଳ, ସପୁରୀ ଆଦି ଫଳ ପୂଜା କରି ଖାଇଥାନ୍ତି । ଶିଳ ଗୁଡାରେ ହଳଦୀରେ ଶିବ ପାର୍ବତୀଙ୍କ ମୁଖ କରି ବିବିଧ ଅଳଙ୍କାର, ପୁଷ୍ପରେ ସଜାଇ ପୂଜା କରାଯାଇଥାଏ ।

ଯୁଗେ ଯୁଗେ କି ମନୁଷ୍ୟ, ଦେବତାମାନେ ମଧ୍ୟ ସୃଷ୍ଟିରେ ସ୍ଥିରତା ଆଣିବା ପାଇଁ ସଂସାରର ମଙ୍ଗଳ ପାଇଁ ଦେବ ଦେବ ମହାଦେବଙ୍କୁ ଆରାଧନା କରିଥାନ୍ତି । ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ବିଷ ପାନ କରି ନିଜେ ନୀଳକଣ୍ଠ ସାଜି ଆଶୁତୋଷ ଶିବ ଯେପରି ସୃଷ୍ଟିକୁ ରକ୍ଷା କରିଥିଲେ, ସେପରି ଶିବଙ୍କ ଔରସରୁ ଜନ୍ମିତ ପୁତ୍ର ଦ୍ୱାରା ତାରକାସୁରର ବିନାଶ ଜାଣି ପାର୍ବତୀଙ୍କୁ ବିବାହ କରି କାର୍ତ୍ତିକେୟଙ୍କୁ ଜନ୍ମ ଦେଇ ସୃଷ୍ଟି ରକ୍ଷା କରିଥିଲେ । କେବଳ ଧାର୍ମିକ ଦୃଷ୍ଟିରୁ ନୁହେଁ, ଜ୍ୟେଷ୍ଠ ମାସରୁ ବର୍ଷାର ଆଗମନରେ ପୃଥିବୀ ରୌଦ୍ର ତାପରୁ ପ୍ରଶମିତ ହୋଇ ଶୀତଳ ହେଉଥିବାରୁ ଏହି ପର୍ବର ଗୁରୁତ୍ୱ ରହିଆସିଛି ଶୀଳତଷଷ୍ଠୀ ଭାବରେ ।

**ବୀରଧନଞ୍ଜୟ ପୁର**
**ବୁଗୁଡ଼ା, ଗଞ୍ଜାମ**
**ମୋ-୯୭୭୬୫୩୪୯୩୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାସୁଦ୍..

କାର୍ଯ୍ୟକଳାପ ହୁଏ ତେବେ ତାହାର ଜବାବ ଦିଆଯିବ। ପାକିସ୍ତାନ ମାଟିରେ ଭାରତ ବିରୋଧୀ କାର୍ଯ୍ୟ ଚାଲିଛି। ଭାରତ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୂର୍ଣ୍ଣ ମୁକ୍ତ। ଭାରତ ନାଗରିକଙ୍କୁ ଆତଙ୍କବାଦ ବିରୋଧରେ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ପାକିସ୍ତାନ ନିଜ ମାଟିରେ ଚାଲିଥିବା ଆତଙ୍କବାଦର ନର୍ସରିକୁ ପ୍ରଥମେ ଧ୍ୱଂସ କରୁ। ହାଫିଜ ସୟଦ ଓ ମାସୁଦ୍ ଆଝାର ଏମାନେ କେବଳ ଭାରତର ନୁହେଁ, ମୋଷ୍ଟ ୱାଣ୍ଟେଡ୍ ଟେରୋରିଷ୍ଟ ତାଲିକାରେ ଅଛନ୍ତି। ଜାତିସଂଘ ଏମାନଙ୍କୁ ଆତଙ୍କବାଦୀ ବୋଲି ଚିହ୍ନଟ କରିଛି। ମୁମ୍ବାଇ ଆକ୍ରମଣରେ ହାଫିଜ ସୟଦ ଦୋଷୀ। ଏହି ଅପରାଧ ପାଇଁ ନ୍ୟାୟ ଦିଆଯିବ। ଯଦି ପାକ୍ ସହ ଆଲୋଚନା ହୁଏ ତେବେ ତାହା କେବଳ ଆତଙ୍କବାଦ ଓ ପିଓକେକୁ ନେଇ ହେବ।

## ସିକିମରେ...

ପୁଅ ଓ ପୁତୁରା ଓ ଝିଆରି ସିକିମ୍‌ରେ ଥିଲେ। ସେମାନେ କାଳାପଥର ଓ ଅନ୍ୟାନ୍ୟ ସ୍ଥାନ ବୁଲିଥିଲେ। ବୁଲାବୁଲି କରି ରାତି ପ୍ରାୟ ୮ଟା ବେଳେ ଦୁଇ ଗାଡିରେ କିଛି ଅଣ ଓଡ଼ିଆ ପର୍ଯ୍ୟାଟକଙ୍କ ସହ ଲାଚୁଙ୍ଗରୁ ଫେରିଥିଲେ। ଗାଡ଼ିରେ ୧୦ ଲେଖାଏଁ ପର୍ଯ୍ୟଟକ ଓ ଡାଇଭର ଥିଲେ। ଆଗ ଗାଡିରେ ୫ ଜଣ ଓଡ଼ିଆ ଥିବା ବେଳେ ପଛ ଗାଡିରେ ୬ ଜଣ ଓଡ଼ିଆ ଥିଲେ। କିଛି ବାଟ ଯିବା ପରେ ଆଗ ଗାଡିର ଲୋକ ପଛ ଗଡିରେ ଲୋକ ଆସୁନଥିବା ଦେଖି ଦୀର୍ଘ ସମୟ ଅପେକ୍ଷା କଲେ ପରେ ପୋଲିସ୍‌କୁ ସୂଚନା ଦେଇଥିଲେ। ତେବେ ଦୁର୍ଘଟଣା ଗସ୍ତ ହୋଇ ଇତିଶ୍ରୀ ବସିଥିବା ଗାଡିରେ ୧୦୦୦ ଫୁଟ ତଳକୁ ଖସି ତିସ୍ତା ନଦୀରେ ପଡିଥିଲା। ଇତିଶ୍ରୀଙ୍କ ଭାଇ ଶିଶିର ନାୟକ କହିଛନ୍ତି ଯେ ଆମେ ଦୁଇ ଗାଡିରେ ଫେରୁଥିଲୁ। ଗୋଟିଏ ଗାଡିରେ ଆମ ପରିବାରର ୫ ଜଣ ଓ ଅନ୍ୟଟିରେ ୬ ଜଣ ବସିଥିଲେ। ତାହା ସହ ଆମ ଗାଡିରେ ମଧ୍ୟ ଅନ୍ୟ ରାଜ୍ୟର ୫ ପର୍ଯ୍ୟଟକ ଥିଲେ। ତେବେ ପଛ ଗାଡିରେ ଇତିଶ୍ରୀ ଓ ଅନ୍ୟ ପରିବାର ସଦସ୍ୟ ଥିଲେ। ଭୋର ୫ଟା ବେଳକୁ ମୋ ଭଣଜା ସାଇ ରାଜ ଜେନା, ପୁତୁରା ସ୍ୱୟମ୍ ଶ୍ରୀପ୍ରୀତମ ନାୟକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ପାଖାପାଖି ଗୋଟିଏ ସ୍ଥାନରେ ପଡିଥିଲେ। ସେଠି ପାଣି ନଥିଲା ସ୍ଥାନଟି ଓଦା ଥିଲା। ସେମାନଙ୍କୁ ଉଦ୍ଧାର କରାଯାଇ ଗ୍ୟାଙ୍କଟକକୁ ଅଣା ଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ସୁସ୍ଥ ଅଛନ୍ତି। ଆମ ପରିବାରର ଦୁଇ ଜଣ ଉଦ୍ଧାର ହୋଇଥିବା ବେଳେ ଆହୁରି ୪ ଜଣ ନିଖୋଜ ଅଚନ୍ତି। ଇତିଶ୍ରୀ, ତାଙ୍କ ବଡ଼ ପୁଅ ସାହିଲ ତାଙ୍କ ପନୀ ସମ୍ପର୍କରେ କିଛି ଜଣାପଡିନାହିଁ। ଗୁରୁବାର ରାତି ୯ଟା ବେଳେ ପ୍ରାୟ ଏଭଳି ଦୁର୍ଘଟଣା ଘଟିଥିଲା।

## ସିକିମ...

ଅଧିକାରୀମାନଙ୍କ ଏକ ସ୍ୱତନ୍ତ୍ର ଟିମ୍ ଏହାର ସୁପରିଚାଳନା ନେଇ ସିକିମ୍ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଟିମ୍ ଏବେ ସିକିମ ଯାଇଛି।

## କଟକରେ...

ଝୋଲାସାହି ଅଞ୍ଚଳର ଜଣେ ୪୪ବର୍ଷୀୟ ବ୍ୟକ୍ତି କରୋନା ପଜିଟିଭ ଥିବା ଜଣାପଡିଥିଲା। ସେହିପରି ଶୁକ୍ରବାର ଅପରାହ୍ନରେ ନୂଆ ରାଉସାପାଟଣା ଅଞ୍ଚଳର ଜଣେ ୭୧ବର୍ଷୀୟ ବୃଦ୍ଧ କରୋନା ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ଉଭୟ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି। ପୂର୍ବରୁ ଏମାନେ କେଉଁଆଡେ ଯାତ୍ରା କରିନାହାନ୍ତି। ତଥାପି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ଗଠନ କରିଛି। ଉକ୍ତ ଟିମ୍ ଉଭୟ ଆକ୍ରାନ୍ତଙ୍କ ଘରକୁ ଯାଇ ଯାଞ୍ଚ କରି ଫେରିଛି। ଜିଲ୍ଲାରେ ନମୁନା ସଂଗ୍ରହ ବୃଦ୍ଧି ପାଇବ। ପ୍ରାଥମିକ ପର୍ଯ୍ୟାୟରେ କରୋନା ଆକ୍ରାନ୍ତଙ୍କ ନିମନ୍ତେ କେତେକ ନିର୍ଦ୍ଦିଷ୍ଟ ହସ୍ପିଟାଲରେ ଶଯ୍ୟା ସଂରକ୍ଷିତ ରଖାଯିବ ବୋଲି ସେ କହିଛନ୍ତି।

## ନବଦାସ...

ବ୍ରଜରାଜନଗରରେ ପହଞ୍ଚି ରାଜପୁର ନିବାସୀ ପ୍ରବୀଣ ଦେଓଙ୍କୁ ପଚରା ଉଚୁରା କରିଛନ୍ତି। କାରଣ ପ୍ରବୀଣ ହତ୍ୟା କାଣ୍ଡ ଦିନ ଅଭିଯୁକ୍ତ ଗୋପାଳ ସହ ମୋବାଇଲରେ ଶେଷ କଥାବାର୍ତ୍ତା କରିଥିଲେ। ଏହା ସହିତ ହତ୍ୟାକାଣ୍ଡ ସମ୍ପର୍କିତ କିଛି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି।

## ନକଲି...

ହୋଇଥିବା ଚିଠିରେ ସଂପୃକ୍ତ ଆଇଏଏସ୍ ଅଧିକାରୀଙ୍କ ଆୟ ଏବଂ ସମ୍ପତ୍ତି ପ୍ରମାଣପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ସେତିକି ନୁହେଁ, ସଂପୃକ୍ତ ଅଧିକାରୀ ଦେଇଥିବା ପ୍ରମାଣପତ୍ର ମଧ୍ୟ ଓଡ଼ିଶା ସରକାରଙ୍କୁ ପଠେଇଛି କାର୍ମିକ ମନ୍ତ୍ରଣାଳୟ। ତେବେ କିଏ ସେହି ଅଧିକାରୀ ? ତାଙ୍କ ଉପରେ କ'ଣ ଆକ୍ସନ ନେବେ ରାଜ୍ୟ ସରକାର, ତାକୁ ନେଇ ଏବେ ପାଓ୍ୱାର କରିଡରରେ ଜୋରଦାର ଚର୍ଚ୍ଚା। ଏବେ ଓଡିଶା ସରକାରଙ୍କ ତଥ୍ୟ ଅନୁସାରେ ୨୦୨୧ ବ୍ୟାଚର ୬ ଜଣ ଆଇଏଏସ ରାଜ୍ୟରେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

## ଜେଲ୍ ଗଲେ...

ସିବିଆଇ ମାଡି ବସିଥିଲା। ଖଣି ମାଲିକଙ୍କ ଘରେ ଇଡି ଚଢାଉ କରିବା ପରେ ମାମଲା ରଫାଦଫା ସମ୍ପର୍କରେ ଆଲୋଚନା ହୋଇଥିଲା। ଲାଞ୍ଚ ଟଙ୍କା ଧୀରେ ଧୀରେ ବଢିବାରେ ଲାଗିବାରୁ ଖଣି ମାଲିକ ସିବିଆଇ ଅଫିସ୍‌ରେ ଜଣାଇବା ପରେ ଯୋଜନା ଅନୁଯାୟୀ ଡେପୁଟି ଡାଇରେକଟରଙ୍କୁ ଗିରଫ କରାଯାଇଥିଲା। ଗୁରୁବାର ରାତି ଓ ଶୁକ୍ରବାର ପୂର୍ବାହ୍ନରେ ଜେରା କରାଯିବା ପରେ ତାଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିଲା। ସିବିଆଇ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## କୋଟିପତି...

ଭିଜିଲାନ୍ସ ଚଢାଉ ସମୟରେ ଝରକା ବାଟ ଦେଇ ୩୦ଲକ୍ଷ ଟଙ୍କା ବାହାରକୁ ଫିଙ୍ଗି ଦେଇଥିଲେ ମୁଖ୍ୟଯନ୍ତ୍ରୀ। ତାହା ମଧ୍ୟ ସାକ୍ଷ୍ୟ ପ୍ରମାଣ ଆଧାରରେ ଜବତ କରାଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶକ ଓ୍ୱାଇକେ ଜେଠୁଆ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି।

ଏକସଙ୍ଗେ ଚଢାଉ ହୋଇଥିବା ୭ଟି ସ୍ଥାନ ହେଲା ଅନୁଗୁଳ, ଭୁବନେଶ୍ୱର, ଢୁମୁଢୁମା, ପୁରୀ, ପିପିଲି, ଅନୁଗୁଳ ଶିକ୍ଷକପଡା ସମ୍ପର୍କୀୟଙ୍କ ଘର, ଅନୁଗୁଳୁ ପୈତୃକ ଘର, ଅନୁଗୁଳ ପାଟିଆ ସାହି ପୈତୃକ ଘର ଓ ଅଫିସ୍ ଚାମ୍ବର। ଚଢାଉ ଟିମ୍‌ରେ ସାମିଲ ଥିଲେ ୮ ଡିଏସ୍‌ପି, ୧୨ ଇନ୍ସପେକଟର, ୬ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ। ଠାବ ହୋଇଥିବା ଭୂ-ସମ୍ପତ୍ତିର ମୂଲ୍ୟ କେତେ ହେବ ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଆକଳନ କରିବା ପରେ ଜଣାପଡିବ। ଚଢାଉ ଜାରି ରହିଥିବାରୁ ମୁଖ୍ୟଯନ୍ତ୍ରୀ ବୈକୁ=ନାଥ ଷଡଙ୍ଗୀ ସମୁଦାୟ କେତେଟଙ୍କାର ମାଲିକ ତାହା ସ୍ପଷ୍ଟ ହୋଇନାହିଁ।

## ମିଳିଲା...

ସରଣ୍ଡା ଜଙ୍ଗଲର ଆଭ୍ୟନ୍ତରରୁ ବିସ୍ଫୋରକ ବୋଝେଇ ଗାଡ଼ିର ସନ୍ଧାନ ମିଳିଥିଲା। କେ. ବଲାଙ୍ଗ ଥାନା ଅନ୍ତର୍ଗତ ଜଙ୍ଗଲ ମାନଙ୍କରେ କିଛିଦିନ ଧରି ମାଓ ବିରୋଧି ଅପରେସନ୍ ଜାରିରହିଛି। ତେଣୁ ମାଓବାଦୀମାନେ ଗାଡ଼ିକୁ ଲୁଟିନେଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

କେବଲାଙ୍ଗ ଥାନା ଅଧିନସ୍ଥ ବାଙ୍କୋ ଠାରେ ସଶସ୍ତ୍ର ମାଓବାଦୀମାନେ ଗୋଟିଏ ବିସ୍ଫୋରକ ବୋଝେଇ ଗାଡ଼ିକୁ ଲୁଟ୍ କରିବା ଘଟଣା ପରେ ଜରେଇକେଲା ସୀମାନ୍ତରେ ଝାଡ଼ଖଣ୍ଡ ପୁଲିସ ତରଫରୁ ହାଇ ଆଲର୍ଟ ଜାରି ହୋଇଛି। ଯେଉଁ ଜାଗାରୁ ବିସ୍ଫୋରକ ଗାଡ଼ି ଲୁଟ୍ ହୋଇଛି ସେହି ଅଞ୍ଚଳଟି ସରଣ୍ଡା ଜଙ୍ଗଲକୁ ଲାଗିଥିବାରୁ ସରଣ୍ଡା ଜଙ୍ଗଲରେ ଥିବା ଦୀଘା, ଥାଲକୋବାଦ, ଛୋଟାନାଗରା, ବରାଇବୁରୁ ସିଆରପିଏଫ୍ କ୍ୟାମ୍ପ ତରଫରୁ ମଧ୍ୟ ପାଟ୍ରୋଲିଂ ଆରମ୍ଭ ହୋଇଛି। ମାଓ ନେତା ମିର୍ଶି ବେସ୍ରାଙ୍କ ନେତୃତ୍ୱରେ ମାଓବାଦୀମାନେ ଏହି ବିସ୍ଫୋରକ ଗାଡ଼ି ଲୁଟ୍ କରିଥିବା ସୂତ୍ରରୁ ଜଣାପଡ଼ିଛି।

# ଆତ୍ମସମର୍ପଣ କଲେ ୧୭ ମାଓବାଦୀ

ମାଲକାନଗିରି, (ସବ୍ୟୁ): ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କଥାଗୁଡୁମ ଜିଲ୍ଲା ପୁଲିସ ନିକଟରେ ଶୁକ୍ରବାର ଦିନ ୪ ଦୁର୍ଦ୍ଧାନ୍ତ କ୍ୟାଡରଙ୍କ ସମେତ ୧୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତେଲେଙ୍ଗାନା ଗ୍ରେହାଉଣ୍ଡ ଯବାନ ଜଂଗଲରେ ଲଗାତାର ଅପରେସନ ଜାରି ରଖିବା ଦ୍ୱାରା ମାଓବାଦୀମାନେ ଜୀବନ ବିକଳରେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଚେଷ୍ଟା କରୁଛନ୍ତି ମାଓବାଦୀ। କିଛି ମାଓବାଦୀ ଭୟଭୀତ ହେବା ସହ ସରକାରଙ୍କର ଆତ୍ମନିର୍ଭରଶୀଳ ନୀତିରେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଫଳ ସ୍ୱରୂପ ଆତ୍ମସମର୍ପଣ କରୁଛନ୍ତି। ଚଳିତ ବର୍ଷର ଆଜି ସୁଦ୍ଧା ୨୮୨ ଜଣ ମାଓବାଦୀ ଆତ୍ମସମର୍ପଣ କିସାରିଲେଣି। ସରକାରଙ୍କ ତରଫରୁ ସମସ୍ତଙ୍କୁ ଆର୍ଥିକ ସହାୟତା କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି।

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ମାଡବୀ ହୁଙ୍ଗା(୨୯), ସୁନାମ ଲଚ୍ଛୁ(୨୫), ସଭଲମ ଲଳିତା(୨୩), ମାଧବୀ ସୁଲା(୨୩), ନୁଦୋ ଲକ୍ଷ୍ମୀ(୨୬), କାବାସୀ ଆଡୁମା(୩୩), ମାଡ଼କମ ସମଡୁ(୨୨), ନୁଦୋ ଉଙ୍ଗି(୨୩), ଭେଞ୍ଜାମ ଉଙ୍ଗା(୩୪), କମଲୁ ଡୁଡଭା(୩୨), ମାଡ଼ବୀ ଲଖମା(୨୮), ମାଡ଼କମ ସହଦେବ(୨୦), ମୁଚାକି ଡାଡେ(୨୦), କାବାସୀ ନନ୍ଦେ(୨୦), ମାଡ଼କମ ହଡମା(୨୯) ଏବଂ ନୁଦୋ ମୁୟା(୪୦)। ଏମାନଙ୍କ ମଧ୍ୟରୁ ୮ ଲକ୍ଷ ଘୋଷିତ ୨ ଜଣ ଏସିଏମ ରହିଥିବା ବେଳେ ୪ ଜଣ ପାର୍ଟି ମେମ୍ବର ରହିଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ପୂର୍ବରୁ ଛତିଶଗଡ଼ର ସୁକମା ଜିଲ୍ଲା ପୁଲିସ ନିକଟରେ ୪ ହାର୍ଡକୋର କ୍ୟାଡର ସମେତ ୧୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଦୁଇ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରହିଥିଲା। ମୋଟ ୩୯ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରି ବାକି ଜୀବନ ଖୁସିରେ କଟାଇବାକୁ ଇଚ୍ଛା ପ୍ରକଟ କରିଛନ୍ତି। ସରକାରଙ୍କ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି।

# ୧୬ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ଗୃହ ବିଭାଗ ପକ୍ଷରୁ ୧୬ ଜଣ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେମାନେ ଓଆର୍‌ଏସ୍‌ପି ନିୟମ ୨୦୧୭ ଅନୁଯାୟୀ ଏହି ପଦୋନ୍ନତି ପାଇଛନ୍ତି। ପଦୋନ୍ନତି ପାଇଥିବା ଏଏସ୍‌ପିଙ୍କ ମଧ୍ୟରେ ଅଛନ୍ତି ତନୁଜା ମହାନ୍ତି, ଦେବବ୍ରତ ଚକ୍ର, କେ ବେଣୁଗୋପାଳ ଆଚାର୍ଯ୍ୟ, ବାସୁଦେବ ସ୍ୱାଇଁ, ଅନିଲ କୁମାର ବେଉରା, ଅନିରୁଦ୍ଧ ରାଉତରାୟ, ବିଷ୍ଣୁପ୍ରସାଦ ପତି, ରବିନ୍ଦ୍ର କୁମାର ପଣ୍ଡା, ଗୁପ୍ତେଶ୍ୱର ଭୋଇ, ସୁଶାନ୍ତ କୁମାର ବିଶ୍ୱାଳ, ମନୋଜ କୁମାର ରାଉତ, ଉମାଶଙ୍କର ପଣ୍ଡା, ପ୍ରଦୀପ କୁମାର ପ୍ରଧାନ, ଚିନ୍ତାମଣି ପାତ୍ର, କୃଷ୍ଣପ୍ରସାଦ ଦାସ ଓ ବିଷ୍ଣୁପ୍ରସାଦ ପାତ୍ର।

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ରେଢ଼ାଖୋଲ, (ସବ୍ୟୁ) : ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ବ୍ଲକ କୁଲଥୁପାଲି ଠାରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ପ୍ରତି ହୋଇଥିବା ବର୍ବର ଆଚରଣ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା କିଭଳି ବିପନ୍ନ ହୋଇପଡିଛି ଏହା ହେଉଛି ତାହାର ଏକ ନଗ୍ନ ଉଦାହରଣ। ବିଳମ୍ବରେ ହେଲେ ମଧ୍ୟ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ପାରିଥିବାରୁ ଅଶେଷ ଧନ୍ୟବାଦ୍। ଓଡ଼ିଶା ସାମ୍ବାଦିକୟୁନିଅନ୍ ଓ ଏହାର ସମସ୍ତ ଜିଲ୍ଲା ଶାଖା ରାଜ୍ୟ ବ୍ୟାପୀ ସାମ୍ବାଦିକଙ୍କ ନିରାପତ୍ତା ନେଇ ଉଦବିଗ୍ନ। ଗିରଫ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରାଯିବା ସହ ଛତିଶଗଡ ଓ ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବା ପାଇଁ ଦୃଢ଼ ଦାବି କରା ଯାଇଛିଛ ଏହି ପରିପ୍ରେକ୍ଷୀରେ ଓୟୁଜେ ସମ୍ବଲପୁର ଜିଲ୍ଲା ସାଧାରଣ ସମ୍ପାଦକ ଶରତ କୁମାର ପ୍ରଧାନ ନେତୃତ୍ୱରେ ସାମ୍ବାଦିକୟୁନିଅନ (ଓୟୁଜେ ) ରେଢ଼ାଖୋଲ ଶାଖାର ସଭାପତି ପ୍ରସନ୍ନ କୁମାର ପ୍ରଧାନ, ନାକଟିଦେଉଳ ଶାଖାର ସଭାପତି କନ୍ଦର୍ପ ବେହେରା, ରେଢ଼ାଖୋଲ ଶାଖାର ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଅନିଲ କୁମାର ପୃଷ୍ଟି, ସାମ୍ବାଦିକ ରମାକାନ୍ତ ମହାନନ୍ଦ, ଜୟନ୍ତ କୁମାର ଖଡ଼ିରନି, ସୁଶାନ୍ତ ନାଗ, ରଶ୍ମି ରଞ୍ଜନ ଖଡ଼ିରନି,ଯଶୋବନ୍ତ ନାରାୟଣ ସାହୁ, ତପନ କୁମାର ବିଶ୍ୱାଳ, ସଡା ନନ ପ୍ରଧାନ,ସୁଧୀର ସୁନା, ଲିଙ୍ଗରାଜ ପ୍ରଧାନ, ଗଜାନନ ଭେଶରା, ମଦନ ବେହେରା ପ୍ରମୁଖ ସାମିଲ ହୋଇ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରି ଦୃଢ଼ ଦାବି କରାଯାଇଛି। ସରକାରଙ୍କ କାର୍ଯ୍ୟଧାରା ଏକ ବର୍ଷ ପୁରିବାକୁ ଯାଉଥିବା ବେଳେ ଓୟୁଜେର ମୂଳ ଦାବି,ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ ଓ ୧୬ ବର୍ଷ ଧରି ଶୀତଳ ଭଣ୍ଡାରରେ ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପା ମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ବାବଦରେ ତୁରନ୍ତ ନିଷ୍ପତ୍ତି ନେଇ ଜୁନ ୧୨ ପୂର୍ବରୁ ଘୋଷଣା କରିବାକୁ ଦାବି କରା ଯାଇଛି।

# ଧାନ ଉଠାଣ ମନ୍ଥର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କିସାନ ସଂଘ

ବରଗଡ଼,(ସବ୍ୟୁ): ବିଭିନ୍ନ ମଣ୍ଡି ପରିଦର୍ଶନ କଲା ପରେ ଭାରତୀୟ କିସାନ ସଂଘର ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବରଗଡ଼ ଜିଲ୍ଲାର ସମସ୍ତ ମାନ୍ୟବର ବିଧାୟକଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ମଣ୍ଡିରୁ ଧାନ ଉଠାଇବାକୁ ଅନୁରୋଧ କରିଛନ୍ତି। ଅଦିନିଆ ବର୍ଷା ସାଙ୍ଗକୁ ମାନସୁନ ବର୍ଷା ର ଆରମ୍ଭ କୁ ନେଇ ଏ ପର୍ଯ୍ୟନ୍ତ ମାତ୍ର ୪୦ ପ୍ରତିଶତ ଧାନ ଉଠିଥିବା ନେଇ ଉଦବେଗ ପ୍ରକାଶ କରିଛନ୍ତି। ଯଦି ଏପରି ମନ୍ଥର ପ୍ରକ୍ରିୟା ରହେ ଆଗାମୀ ଦିନରେ କ୍ଷତି ଗ୍ରସ୍ତ ଚାଷୀଙ୍କ ଅସନ୍ତୋଷ ସହ ବିଭିନ୍ନ ଚାଷୀ ସଂଗଠନ ର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ପ୍ରକାଶ କରିଛନ୍ତି। ଏଣୁ ମଣ୍ଡିରୁ ଶିଘ୍ର ଧାନ ଉଠାଇବାକୁ ଶ୍ରୀ ମିଶ୍ର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

AFFIDAVIT

By virtue of an Affidavit sworn before the Executive Magistrate, Nimapara No-4, Dated. 30.4.2025 I, Sumitra Swain W/o-Kalandi Swain of Village - Jageswarpur, Po-Dighalo, PS-Nimapara, Dist-Puri my Son's actual name is "SHANTANU SWAIN" mentioned his birth certificate Regd. No. 14837/2014 dated. 24.7.2014 but his Aadhaar Card No. 5023 0478 5176 his name wrongly mentioned as "SANTUNU SWAIN" instead of SHANTANU SWAIN. Both are same and one.

AFFIDAVIT

By virtue of an affidavit No.12AA823413 sworn before SRI Nilamani Behera Notary public, Bhubaneswar dated 24/05/2025.I SRI Sudhansu Sekhar kar aged about 62,S/O-Late Gokulananda kar, resident of Flat no. H-405, Acropolis Appartment, Gothapatna, P.O-Malipada, P.S-Chandaka, Bhubaneswar, Dist-Khordha, Pin-751003,Odisha do hereby declare that my actual name is SUDHANSU SEKHAR KAR in Adhar & all official documents .That Sudhansu Sekhar kar & Sudhansu kar belongs to one and same person. Hence, Name mismatch,Sudhansu kar(Old Name) be corrected as Sudhansu Sekhar Kar (New Name) where are required.

(Sudhansu Sekhar Kar)

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ତ୍ରିଦିବସୀୟ ପୂର୍ବ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମିଳନୀ ଉଦ୍‌ଯାପିତ




ବାଲେଶ୍ୱର, (ସବ୍ୟୁ) :ଫକୀର ମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ସହଯୋଗରେ ପଞ୍ଚମ ପୂର୍ବ ଭାରତ ଓରିଏଣ୍ଟାଲ୍ କନଫରେନ୍ସ (ଇଆଇଓସି) ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ତିନି ଦିନିଆ ଶାସ୍ତ୍ରୀୟ ସମ୍ମିଳନୀରେ ପୂର୍ବ ଓ ଉତ୍ତରପୂର୍ବ ଭାରତରୁ ୨୦୦ ରୁ ଅଧିକ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତୀୟ ପାରମ୍ପରିକ ଜ୍ଞାନ ପରମ୍ପରା ବିଷୟରେ ଅନ୍ତର୍ଗତ ଆଲୋଚନା ଓ ଗଭୀର ଚର୍ଚ୍ଚା କରିଥିଲେ। ଏହି ସମ୍ମିଳନୀ ଦୁଇ ବର୍ଷରେ ଥରେ ଆୟୋଜିତ ହୁଏ ଓ ବେଦ, ସଂସ୍କୃତ ସାହିତ୍ୟ, ଭାରତୀୟ ଦାର୍ଶନିକତା, ବ୍ୟାକରଣ, ଧର୍ମ, ଐତିହ୍ୟ, ପୁରାତ%୦, ଓ ସାହିତ୍ୟିକ ମୂଳତ%୦ ଓ ପରମ୍ପରା ବିଷୟରେ ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ରୂପେ ପରିଚିତ। ଏହି ବର୍ଷ, ଓଡିଶାରେ ବିଶେଷ ଭାବେ ସଂରକ୍ଷିତ ଅଥର୍ବ ବେଦର ପୈପ୍ପଳାଦ ପରମ୍ପରା ଓ ବାଲେଶ୍ୱର ଅଞ୍ଚଳର ଦୁଇ ମହାନ ବୈଷ୍ଣବ ଚିନ୍ତକ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ଜ୍ଞାନ-ଭକ୍ତି ଦାର୍ଶନିକତା ଉପରେ ବିଶେଷ ଗଭୀରତା ଦିଆଯାଇଥିଲା। ଏଥିପାଇଁ ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରି ବିଶେଷ ଅଧିବେଶନ ଆୟୋଜିତ ହୋଇଥିଲା ଓ ଓଡ଼ିଆ ଭାଷାର ଆଧୁନିକ ରୂପର ଗଠନ ଓ ସୁରକ୍ଷାରେ ତାଙ୍କର ଅପୂର୍ବ ଭୂମିକା ଅନୁଲେଖିତ ହେବାନେଇ ଆଲୋକପାତ କରାଯାଇଥିଲା। ସମ୍ମିଳନୀରେ ୫୦ରୁ ଅଧିକ ଗବେଷଣା ପତ୍ର ପ୍ରସ୍ତୁତ କରାଯାଇଥିଲା, ଯାହାରେ ଆୟୁର୍ବେଦ, ଭାଷା ବିଜ୍ଞାନ, ନାଟ୍ୟଶାସ୍ତ୍ର ଓ ସାହିତ୍ୟ ସମାଲୋଚନା ସମେତ ବିଭିନ୍ନ ବିଷୟର ଅନୁଷ୍ଠାନ ହୋଇଥିଲା। ସମ୍ମିଳନୀ ଏହି ପ୍ରତିବଦ୍ଧତାକୁ ପୁନର୍ନିର୍ବାହ କରି ଭାରତୀୟ ଜ୍ଞାନ ପରମ୍ପରା (ଆଇକେଏସ) କୁ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ କରି ଶିକ୍ଷାର ସମସ୍ତ ମାନଦଣ୍ଡରେ ଅନ୍ତର୍ଭୁକ୍ତ କରିଥିଲା। ସମାପନୀ ସଭାରେ ସମ୍ମାନନୀୟ ସଂସଦ ସଦସ୍ୟ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇ, ସଂସ୍କୃତ ଓ ବେଦର ଶାଶ୍ୱତ ମୂଲ୍ୟ ଓ ଏହାର ଆଧୁନିକ ବୈଜ୍ଞାନିକ ଗୁରୁତ୍ୱ ଉପରେ ମୂଲ୍ୟବାନ ଉଦବୋଧନ ପ୍ରଦାନ କରିଥିଲେ। ଏହି ସଭାରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ମାନଙ୍କ ସହ ପ୍ରଫେସର ହରେକୃଷ୍ଣ ମିଶ୍ର ସମ୍ମିଳନୀ ସଂଯୋଜକ,ଡ଼ା. ନିବେଦିତା ପତି ପ୍ରକାଶନ ବିଭାଗ ସଚିବ, ଇଆଇଓସି, ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଉପାଧ୍ୟକ୍ଷ, ଇଆଇଓସି,ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଅଧ୍ୟକ୍ଷ,ଇଆଇଓସି ପ୍ରମୁଖ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼ା. ଦେବାଶିଷ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ତିନିଦିନିଆ ସମ୍ମିଳନୀରେ ଗ୍ରହଣ କରାଯାଇଥିବା ମୁଖ୍ୟ ସଙ୍କଳ୍ପ ଗୁଡିକ, ଯଥା ସଂସ୍କୃତକୁ ଭାରତୀୟ ଜ୍ଞାନ ପରମ୍ପରାର ମୌଳିକ ଅଂଶ ଭାବେ ଅନୁଷ୍ଠାନିକ ଭାବେ ଶିକ୍ଷା ପାଠ୍ୟକ୍ରମରେ ସାମିଲ କରିବା, ଛାତ୍ରଛାତ୍ରୀଙ୍କୁ ନିବିଡ଼ ଶିକ୍ଷାସ୍ତର ରେ ପହଞ୍ଚିବା ପର୍ଯ୍ୟନ୍ତ ଆଇକେଏସ୍-ଆଧାରିତ ଶିକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ନୀତି ପ୍ରଣୟନ, ଓଡିଶାର ବୈଦିକ ପରିଚୟ ରକ୍ଷା କରିବା ଲାଗି ପୈପ୍ପଳାଦ ସଂହିତାର ସମ୍ପାଦନ ଓ ଅନୁବାଦ,ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ କୃତିର ପ୍ରକାଶନ ଓ ଶିକ୍ଷାତ୍ମକ ସଂସ୍ଥାନଗତ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା। ବିଶେଷ ଶିକ୍ଷାଗତ ଦାବି ଇଆଇଓସି ରାଜ୍ୟ ଓ ଭାରତ ସରକାର ନିକଟରେ ଜଣାଇଥିବା ଦାବି ଗୁଡିକ, ଯଥା -ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣ ଚେୟାର ନିର୍ମାଣ କରାଯାଉ ଓ ଏହାସହିତ ବାରିପଦାର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୈପ୍ପଳାଦ ପରମ୍ପରା ଚେୟାର ଗଠିତ କରାଯାଉ। ଏହି ସମ୍ମିଳନୀ ଏକ ନୂଆ ପ୍ରେରଣା ସହିତ ସମାପ୍ତ ହେବା ସହ ଯୁବପିଢ଼ିଙ୍କୁ ଭାରତର ବୌଦ୍ଧିକ ଓ ଆଧ୍ୟାତ୍ମିକ ଧାରା ସହ ପୁନଃ ସଂଯୋଗ କରି ଏହି ପ୍ରାଚୀନ ଜ୍ଞାନ ପାରମ୍ପରିକତା ଭବିଷ୍ୟତକୁ ଆଲୋକିତ କରିଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି।

OFFICE OF THE DIVISIONAL FOREST OFFICER, BRAHMAPUR DIVISION
At-Courtpeta, Brahmapur-760004,
Tel. /FAX-0680-2281354, Mob-7653908594,
Email : dfobhmpr@yahoo.co.in
No. 03 / 01F-/2025
Dated, Brahmapur the 28th. May' 2025

Tender Call Notice for Supply of Tree Guard (Bamboo Gabion)

MM-33 : Sealed Tenders are invited from reputed Registered Dealer / Manufacturer / Individuals for supply of good quality Tree Guard (Bamboo Gabion) of Size 6 feet X 4 feet for use in Avenue Plantations to be taken up in Brahmapur Forest Division, under various schemes during the current financial year 2025-26. The tender application form can be obtained from the O/o the D.F.O, Brahmapur Division on any working day from 10.00 AM to 05.00 PM during 30.05.2025 to 13.06.2025 on payment of Rs.10,000/- (Rupees Ten Thousand) only or in shape of Non-refundable Demand Draft drawn in favour of the Divisional Forest Officer, Brahmapur Division. The tender documents may be downloaded from the website www.odishaforest.in./ganjam.nic.in . Sample of the Tree Guard (Bamboo Gabion) should be submitted along with the Tender document. The last date of submission of sealed tender is 13.06.2025 up to 05.00 PM. The Technical bids shall be opened at 02.00 PM of 16.06.2025 in presence of the bidder (s) or their authorized representative in the office of the undersigned. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Berhampur Division

OIPR : 08038/11/0039/2526

ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751 007,
Tel : 2545586/2545852,
email- serifedodisha@gmail.com.
website- www.serifedodisha.in
CAD-576

INVITATION FOR BIDS (e-Procurement)

Bid identification no:- VI-08(06)/SERIFED/2025-26/657

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 01 (One) no of works at Boudh. The bid documents such as DTCN/BOQ etc. can be seen/ downloaded from the government website : www.tendersodisha.gov.in. during the period dt. 02.06.2025 to 17.00 hours up to dt. 09.06.2025. Online bids shall be received till 17.00 hours dt. 09.06.2025 & shall be opened at 11.30 AM on Dt. 10.06.2025. Any addendum / corrigendum / cancellation of tender can also be seen in the said website.

Yours faithfully
Sd/- MANAGING DIRECTOR

OIPR : 31005/11/0001/2526

E-132

OFFICE OF THE DEAN & PRINCIPAL
PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ
AT- RANGAMATIA, PO-LAXMIPOSI, PIN-757 107,
MAYURBHANJ, ODISHA
Ph No.: 06792 240401,
E-mail: prmmchbaripada@gmail.com / officeprmmch@gmail.com

NOTICE INVITING TENDER

Reference No. 2919 / I-33-PRMMCH-2025 / Dated. 29-05-2025

Sealed tender are invited in the prescribed format from interested reputed Contractors / Caterers and firms having experience of running a mess or a canteen of more than 100 persons in renowned institution or public places, which must confirm to the terms and conditions for running the staff canteen in PRMMCH, Rangamatia, Baripada. The Tender can be downloaded from the PRM medical college official website (www.dmetodisha.gov,in & www.prmmch.nic.in ) from dt.02-06-2025. The last date of submission of bid documents is dt.23-06-2025 by 5.30 PM.

Sd/- Dean & Principal,
PRMMCH, Baripada

OIPR : 10120/11/0019/2526

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER
MAYURBHANJ
DISTRICT PROGRAMME MANAGEMENT UNIT (DPMU),
NHM, Mayurbhanj, Odisha

ZILLA SWASTHYA SAMITI, MAYURBHANJ

Office of the CDM & PHO-cum-District Mission Director, NHM,
Mayurbhanj, Odisha, 757001
Advt. No. 1976 / NHM / 2025-26 Dt : 29.05.2025

TENDER DOCUMENT FOR SUPPLY OF WORKING LUNCH FOR TRAINING / WORKSHOP/MEETING UNDER ZSS, MAYURBHANJ

E-124 : Sealed proposals as per prescribed document are invited from interested eligible bidders for SUPPLY OF WORKING LUNCH FOR TRAINING / WORKSHOP / MEETING UNDER ZSS, MAYURBHANJ. The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaded from the website https://mayurbhanj.odisha.gov.in. Interested bidders fulfilling the eligibility criteria may submit their proposals (with document as per tender call notice) to the O/o : CMD & PHO, DHH, Baripada, Mayurbhanj. The Proposal(s) complete in all respect should reach the undersigned on or before dt: 01.00 PM of dt : 16.06.2025 through Regd. Post / Speed post / Courier and the same will be opened on dt : 17.06.2025 at 11.30 AM in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd/- Chief District Medical & Public Health Officer
Mayurbhanj

OIPR : 10020/11/0035/2526

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No.II, KEONJHAR
E-mail : eerw_kjr2@yahoo.com
O-212

"e"-Procurement Notice for Road Works

Identification No Online NCB-05/2024-25

1. Name of the work : Road Work
2. Total Number of Work : 01 No.
3. Estimated Cost : Rs. 70.40 Lakhs
4. Class of Contractor : Only 'B' Class
5. Period of Completin : As per annexure of e-Procurement Notice No. 05/2024-25
6. Other Details :

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar | |
|---|---|---|---|---|---|---|
| | | From | To | | Technical Bid (Double Cover) | Financial Bid (Double Cover) |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Keonjhar | Road Online NCB No.05 | Dt. 03.06.25 at 11.00 A.M. | Dt.17.06.25 up to 5.00 P.M. | Dt.16.06.25 up to 5.00 P.M. | Dt.18.06.25 at 11.00 A.M. | Will be Intimated later |

Further details can be seen from the website: www.tendersodisha.gov.in.

Sd/- Executive Engineer,
R.W. Divn. No-II, Keonjhar

OIPR : 25093/11/0019/2526



ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆଲଜେରିଆରେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ

## ବିଏମ୍‌ସିର କର୍ପୋରେସନ ବୈଠକ

# ଡେଙ୍ଗୁ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ

ଭୁବନେଶ୍ୱର(ସବ୍ୟୁ): ଚଳିତବର୍ଷ ଆଗୁଆ ମୌସୁମୀ ବର୍ଷା ଆସିଯାଇଥିବାରୁ ବିଏମ୍‌ସି ଅଞ୍ଚଳରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ନିଷ୍ପତ୍ତି ହୋଇଛି । ଡେଙ୍ଗୁ ଯେପରି ନବ୍ୟାପେ, ସେଥିପ୍ରତି ସମସ୍ତେ ସଜାଗ ରହିବା ସହ ରୋଗୀ ସଂଖ୍ୟା ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଥିପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ । ଯଦି କାହାଘରେ ଡେଙ୍ଗୁ ରୋଗୀ ଚିହ୍ନଟ କରାଯାଏ, ତେବେ ସଂପୃକ୍ତ ବ୍ୟକ୍ତିଙ୍କ ଘର ଓ ତାଙ୍କର ଆଖପାଖ ଅଞ୍ଚଳରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । କ୍ୟାପିଟାଲ ହସ୍ପିଟାଲ, ପଟିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆଇଆରସି ଭିଲେଜ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆରଏମ୍‌ଆର୍‌ସି ଏବଂ ଏମ୍ସରେ ଡେଙ୍ଗୁ ରକ୍ତ ନମୁନା ପରୀକ୍ଷା କରାଯାଉଛି । ଜୁନ୍ ପ୍ରଥମ ସପ୍ତାହରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରାଯିବ । ସେହିପରି ଡ୍ରେନରୁ ପଙ୍କଉଦ୍ଧାର ଏବଂ ମୁକୁଳା ଡ୍ରେନଗୁଡିକ ଉପରେ ସ୍ଲାବ ପକାଇବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବର୍ଷା ଆରମ୍ଭ ହେବା ପୂର୍ବରୁ ସେହି କାମ ସବୁ ଶେଷ କରିବାକୁ କୁହାଯାଇଛି । ଇସ୍କନ ମନ୍ଦିରଠାରେ ବର୍ଷା ପାଣି ହେଉଥିବାରୁ ସେଠାରେ ୧.୬ କିଲୋମିଟର ଡ୍ରେନେଜ୍ ଚ୍ୟାନେଲ ନିର୍ମାଣ ଓ ବମିଖାଲ ଠାରେ ବକ୍ସ ଡ୍ରେନ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ । ଏହାଛଡ଼ା ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମୁଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର ହୋଇଛି । ଯେଉଁ ୱାର୍ଡରେ ପାର୍କ ନାହିଁ ସେହି ସବୁ ୱାର୍ଡରେ ପାର୍କ ନିର୍ମାଣ କରାଯିବ । ବିଡିଏ ପାଖରେ ଯେଉଁସବୁ ବଡ ବଡ ପାର୍କ ରହିଛି, ସେଗୁଡିକୁ ବିଏମ୍‌ସିକୁ ଆଣିବା ପାଇଁ ଯୋଜନା କରାଯାଉଛି ।

**ତୁରନ୍ତ ଡ୍ରେନ କାମ ସାରିବାକୁ ନିର୍ଦ୍ଦେଶ**

**ଠିକାଦାରଙ୍କୁ ଯାଞ୍ଚ ପରେ ଏନଓସି ମିଳିବ**

ଯେଉଁ ଠିକାଦାରମାନେ ରାସ୍ତା କିମ୍ବା ଅନ୍ୟାନ୍ୟ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଏନଓସି ଦେବା ପୂର୍ବରୁ ତାଙ୍କର କାର୍ଯ୍ୟକୁ ଭଲ ଭାବେ ଯାଞ୍ଚ କରି ଏନଓସି ଦେବା ପାଇଁ କୁହାଯାଇଛି । ସେହିପରି ୱାଟକୋ କିମ୍ବା ବିଦ୍ୟୁତ ବିଭାଗ ରାସ୍ତା ଖୋଳିବା ପୂର୍ବରୁ ବିଏମ୍‌ସିର ଅନୁମତି ନେବା ଦରକାର । ରାସ୍ତା ଖନନ କରି କାମ ସାରିବା ପରେ ସଂପୃକ୍ତ ବିଭାଗ ସେହି ରାସ୍ତାର ମରାମତି କରିବ । ବିଏମସି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ, ସିଟି ଇଂଜିନିୟର ବିକାଶ କୁମାର ବେହେରା, ମୁଖ୍ୟ ବିତ୍ତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରା ଗଞ୍ଜେଇ କାରବାରକୁ ନେଇ ପୋଲିସ ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଚୋରା ଗଞ୍ଜେଇ କାରବାରକୁ ନେଇ କମିଶନରେଟ୍ ପୋଲିସ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ଏସ୍‌ଟିଏଫ୍ ମିଶି ୪ ନମ୍ବର, ମାଷ୍ଟରକ୍ୟାଣ୍ଟିନ ଓ ଭୋଇନଗର ପ୍ରଭୃତି ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ, ଗଞ୍ଜେଇ ସିଗାରେଟ୍ ଜବତ କରିଛନ୍ତି । ଗଞ୍ଜେଇ ସିଗାରେଟ୍ ୩୦ଟଙ୍କା ଲେଖାରେ ବିକ୍ରି ହେଉଥିବା ବେଳେ ଜରିପୁଡିଆ ଗଞ୍ଜେଇ ୧୦୦ଟଙ୍କା ଓ ୫୦ଟଙ୍କା ଲେଖାରେ ବିକ୍ରି ହେଉଛି । ସିଗାରେଟ୍‌କୁ ଉପଭୋକ୍ତାମାନେ ସ୍ପେଶାଲ ସିଗାରେଟ୍ ମାଗୁଥିବା ବେଳେ ଗଞ୍ଜେଇକୁ ଭୋଗ କହି ମାଗୁଛନ୍ତି । ପୋଲିସ ଚଢାଉ କରିଥିବା ସହରର ଏହି ତିନୋଟି ସ୍ଥାନରେ ଚୋରା ଗଞ୍ଜେଇ ବିକ୍ରି ହେଉଛି ତାହା ଠିକ୍ ନୁହେଁ । ସମଗ୍ର ସହରର ବିଭିନ୍ନ ବଜାର ଓ ଗାଁମାନଙ୍କରେ ବସ୍ତା ବସ୍ତା ଗଞ୍ଜେଇ କାରବାର ହେଉଛି । ଚାଲାଣକାରୀମାନେ କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ ପ୍ରଭୃତି ଅଞ୍ଚଳରୁ ଆଣି ଏହି ବିକ୍ରେତାମାନଙ୍କୁ ଯୋଗାଇ ଦେଉଛନ୍ତି । ବହୁ ସମୟରେ ଚାଲାଣକାରୀଙ୍କୁ ମଧ୍ୟ ପୋଲିସ ଗିରଫ କରୁଛି ।

## ରଜ ପର୍ବ ଉପଲକ୍ଷେ ଚାନ୍ଦିଭଣ୍ଡାରର ବର୍ଣ୍ଣ ବ୍ୟୁଟିଫୁଲ୍ କ୍ୟାମ୍ପେନର ଶୁଭାରମ୍ଭ



ଭୁବନେଶ୍ୱର (ସବ୍ୟୁ): ଆଗାମୀ ରଜ ପର୍ବ ପାଳନ ଉପଲକ୍ଷେ ରୂପା ଗହଣାର ଏକ୍ସକ୍ଲୁସିଭ୍ ଷ୍ଟୋର ଚାନ୍ଦିଭଣ୍ଡାର ଆକର୍ଷଣୀୟ ଟ୍ୟୁଲିପ୍ କଲେକ୍ସନ୍ ସହିତ ବର୍ଣ୍ଣ ବ୍ୟୁଟିଫୁଲ୍ କ୍ୟାମ୍ପେନ୍ ଆରମ୍ଭ କରିଛି । ଏହି ବ୍ରାଣ୍ଡ୍ ପ୍ରତ୍ୟେକ ଝିଅ, ମହିଳା ଓ ରଜ ପର୍ବକୁ ସ୍ମରଣୀୟ କରେ । ଏହି କଲେକ୍ସନ୍ ପ୍ରତ୍ୟେକ ଝିଅଙ୍କ ସୌନ୍ଦର୍ଯ୍ୟତାକୁ ପାଳନ କରେ । ଏହି ଉତ୍ସବର ଅଂଶସ୍ୱରୁପ ଚାନ୍ଦିଭଣ୍ଡାର ଆଣିଛି ଟ୍ୟୁଲିପ୍ ସମ୍ଭାର । ଏହାଏକ ୧୮ କ୍ୟାରେଟ୍ ସୁନା ଲେପଯୁକ୍ତ ରୂପା ଗହଣାର ଆକର୍ଷଣୀୟ କଲେକ୍ସନ୍ ଏବଂ ଫୁଟିଥିବା ଟ୍ୟୁଲିପ୍ ଫୁଲର ରଙ୍ଗ ଓ ସୌନ୍ଦର୍ଯ୍ୟ ଦ୍ୱାରା ଅନୁପ୍ରାଣିତ । ଗାଢ଼ ଲାଲ୍, ହଳଦିଆ, ଗାଢ଼ କମଳା ରଙ୍ଗରେ ଏନାମେଲ୍ ୱାର୍କ ସହିତ ପ୍ରତ୍ୟେକ ପିସ୍‌କୁ ଜିରକନ୍ ସହିତ ଅତି ସୁକ୍ଷ୍ମ ଭାବରେ ପ୍ରସ୍ତୁତ କରାଯାଇଛି । ଏହା ଅତ୍ୟନ୍ତ ଷ୍ଟାଇଲିଷ୍ଟ । ସମସ୍ତ ବୟସର ମହିଳା ଓ ଷ୍ଟାଇଲ୍‌କୁ ଦୃଷ୍ଟିରେ ରଖି ଏହି କଲେକ୍ସନ୍‌କୁ ଡିଜାଇନ୍ କରାଯାଇଛି । ବର୍ଣ୍ଣ ବ୍ୟୁଟିଫୁଲ୍ କ୍ୟାମ୍ପେନ୍ ପାଇଁ ଚାନ୍ଦିଭଣ୍ଡାର ରାଜ୍ୟ ବ୍ୟାପୀ ୪ହଜାରରୁ ଉର୍ଦ୍ଧ୍ୱ ପଞ୍ଜିକରଣ ହାସଲ କରିଛି । ଦୁଇ ଦିନର ଅଡିସନ୍ ପ୍ରକ୍ରିୟା ପରେ ୫୦୦ରୁ ଉର୍ଦ୍ଧ୍ୱ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ଜଣ ଅନନ୍ୟ ମହିଳାଙ୍କୁ ଚୟନ କରାଯାଇଛି । ବଡ ସ୍ୱପ୍ନ ରଖିଥିବା ସାଧାରଣ ଝିଅଙ୍କୁ ସେଲିବ୍ରିଟ୍ କରିବା ଏହି କ୍ୟାମ୍ପେନର ଉଦ୍ଦେଶ୍ୟ । ରୂପା ଗହଣା ସହିତ ଚାନ୍ଦିଭଣ୍ଡାରରେ ଆଧୁନିକ ଲାଇଫ୍‌ଷ୍ଟାଇଲ୍ ଉତ୍ପାଦନ ମଧ୍ୟ ରହିଛି । ପାରମ୍ପାରିକ ରୂପା ଆଇଟମ୍ ସହିତ ଏହା ଆଧୁନିକ ଲାଇଫ୍‌ଷ୍ଟାଇଲ୍ ଉତ୍ପାଦ ମଧ୍ୟ ଉତ୍ପାଦ କରାଇଛି ।

## ଆପୋଲୋ ହସ୍ପିଟାଲ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ




ଭୁବନେଶ୍ୱର, (ସବ୍ୟୁ) : ଦିନକୁ ଦିନ ମୁଖ ଗହ୍ୱର କର୍କଟ ବ୍ୟାପିବାରେ ଲାଗିଛି । ବର୍ଷକୁ ପାଖାପାଖି ୫୨ ହଜାରରୁ ଉର୍ଦ୍ଧ୍ୱ ଲୋକେ ଏଥିରେ ମୃତ୍ୟୁ ବରଣ କରୁଛନ୍ତି । ଏହାକୁ ଆଖି ଆଗରେ ରଖି ଶୁକ୍ରବାର ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସ୍ଥାନୀୟ ଆପୋଲୋ ହସପିଟାଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହସପିଟାଲର ସିଓଓ ଡ. ଆଲୋକ ଶ୍ରୀବାସ୍ତବ ଯୋଗଦେଇ ମୁଖ ଗହ୍ୱର କର୍କଟ ଦିନକୁ ଦିନ ବ୍ୟାପୁଥିବାରୁ ଆମ୍ଭମାନଙ୍କୁ ଏଥିପ୍ରତି ସତର୍କ ରହିବାକୁ ପଡିବ । ଗୁଟଖା, ତମାଖୁ, ପାନ, ସିଗାରେଟ ଓ ମଦ୍ୟପାନ ଏହି ରୋଗର ମୁଖ୍ୟ କାରଣ । ତେଣୁ ତମାଖୁ ଠାରୁ ନିଜକୁ ଦୁରେଇ ରଖିବା ସହିତ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ ଗହ୍ୱରରେ ଲାଲ୍, ଧଳା ରଙ୍ଗର ଚିହ୍ନ ଦେଖାଗଲେ ଏହାର ପରୀକ୍ଷା କରିବା ସହିତ ଚିକିତ୍ସା କରାଇଲେ ଏହା ଭଲ ହୋଇପାରିବ । ଏଥି ନିମନ୍ତେ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍‌ପିଟାଲରେ ସମସ୍ତ ଚିକିତ୍ସା ବ୍ୟବସ୍ଥା ସୁଲଭ ମୂଲ୍ୟରେ କରାଯାଉଛି ବୋଲି କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆପୋଲୋ ହସପିଟାଲ ଭୁବନେଶ୍ୱରର ରେଡିଏସନ ଅଙ୍କୋଲୋଜିଷ୍ଟ ଡ. ସମରେନ୍ଦ୍ର ଦାଶ, ହେମାଟୋ ଅଙ୍କୋଲୋଜିଷ୍ଟ ଡ. ପ୍ରିତିଶ ଚନ୍ଦ୍ର ପାତ୍ର ଓ ଅଙ୍କୋଲୋଜିଷ୍ଟ ଡା. ପ୍ରଶାନ୍ତ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ତମାଖୁ ସେବନ ଠାରୁ ଦୁରେଇ ରହିବାକୁ ପରାମର୍ଶ ଦେବା ସହିତ ମୁଖ ଗହ୍ୱର କର୍କଟ ସମ୍ପର୍କରେ ସଚେତନ କରାଇଥିଲେ । ଏଥିରେ ହସପିଟାଲର ବିଭିନ୍ନ ବିଭାଗର ଡାକ୍ତର, ନର୍ସ, କର୍ମଚାରୀଙ୍କ ସମେତ ରୋଗୀ ଓ ସେମାନଙ୍କ ଆଟେନାଣ୍ଟମାନେ ଉପସ୍ଥିତ ଥିଲେ ।

## ବୀର ଯବାନଙ୍କ ସାହସ ଓ ପରାକ୍ରମ ଉଦ୍ଦେଶ୍ୟରେ ରକ୍ତଦାନ ଶିବିର



ଭୁବନେଶ୍ୱର, (ସବ୍ୟୁ): ଅପରେସନ ସିନ୍ଦୂର'ର ସଫଳତା ଏବଂ ବୀର ଯବାନଙ୍କ ସାହସ ଓ ପରାକ୍ରମ ଉଦ୍ଦେଶ୍ୟରେ ତଥା ରକ୍ତଭାବ ପୂରଣ କରିବା ପାଇଁ ଏକାମ୍ର ନିର୍ବାଚନ ମଣ୍ଡଳୀର ଡୁମୁଡୁମା ଅଞ୍ଚଳରେ ଏକାମ୍ର ନିର୍ବାଚନ ମଣ୍ଡଳୀର ମହିଳା ମାନଙ୍କ ଦ୍ୱାରା ଆୟୋଜିତ ରକ୍ତ ଦାନ ଶିବିର କୁ ଏକାମ୍ର ବିଧାୟକ ବାବୁ ସିଂ ଉଦ୍ଘାଟନ କରିଥିଲେ । ରକ୍ତଦାନ ଶିବିରରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବହୁ ମହିଳା ମାନେ ଆସି ରକ୍ତଦାନ କରିଥିଲେ । ଏହି ରକ୍ତ ଦାନ ଶିବିର ରେ ମା ଓ ଭଉଣୀମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇଥିବାରୁ ଅନେକ ଅନେକ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ସିଂ କହିଛନ୍ତି । ଆଜିର ଏହି ରକ୍ତ ଦାନ ଶିବିରରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବିଜେପି ନେତା ଜିତୁ ପଟ୍ଟନାୟକ, ସୁମିତ୍ରା ଆଚାର୍ଯ୍ୟ,ସୁକାନ୍ତ ପାତ୍ର, ଅପର୍ତ୍ତି ସୁନ୍ଦରାୟ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ହଷ୍ଟେଲ ବାଥରୁମରୁ ନର୍ସଙ୍କ ମୃତଦେହ ଉଦ୍ଧାର

# ରେଲିଂରେ ଗାମୁଛା ବାନ୍ଧି ଝୁଲିପଡିଲେ

କଟକ,(ସବ୍ୟୁ): ଲେଡିଜ ହଷ୍ଟେଲ ବାଥରୁମରୁ ଝୁଲନ୍ତା ଅବସ୍ଥାରେ ଜଣେ ନର୍ସଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ନରହରିପୁର ଗାଁର ଅର୍ଜୁନ ଦାସଙ୍କ ଅବିବାହିତା ଝିଅ କଳ୍ପନା ଦାସ(୨୫) । ମାଲଗୋଦାମ ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଛି । ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । କଲେଜ ଛକ ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ କଳ୍ପନା ଗଲା ଦେଢ଼ ମାସ ହେବ ନର୍ସ ଭାବେ ଚାକିରି କରୁଥିଲେ । ଯୋବ୍ରା ଆଇ ଲଭ କଟକ ନିକଟ ଏକ ଲେଡିଜ ହଷ୍ଟେଲରେ ସେ ରହୁଥିଲେ । କଳ୍ପନାଙ୍କ ସହିତ ତାଙ୍କ ରୁମରେ ଆହୁରି ତିନି ଜଣ ନର୍ସ ବି ରହୁଥିଲେ । ଶୁକ୍ରବାର ସକାଳେ ଅନ୍ୟ ୨ ଜଣ ହସ୍ପିଟାଲ ଯାଇଥିଲେ । ରୁମରେ କଳ୍ପନା ଓ ଅନ୍ୟ ଜଣେ ସହକର୍ମୀ ଥିଲେ । ଦିନ ପ୍ରାୟ ୧୧ଟା ୩୦ ବେଳେ କଳ୍ପନା ଗାଧୋଇବାକୁ ବାଥରୁମକୁ ଯାଇଥିଲେ । କିନ୍ତୁ ସେ କବାଟ ଖୋଲିବାରେ ବିଳମ୍ବ କରିବାରୁ ଅନ୍ୟମାନେ କବାଟ ବାଡେଇଥିଲେ । ହେଲେ ଭିତରୁ କୌଣସି ଉତ୍ତର ମିଳିନଥିଲା । ସନ୍ଦେହ ହେବାରୁ ସାଙ୍ଗମାନେ କବାଟ ଭାଙ୍ଗି ଦେଇଥିଲେ । ଏହାପରେ ଦେଖିଲେଯେ, ବାଥରୁମର ରେଲିଂରେ କଳ୍ପନାଙ୍କ ମୃତଦେହ ଝୁଲିରହିଛି । ଏକ ଗାମୁଛାକୁ ବେକରେ ବାନ୍ଧି ସେ ଝୁଲିପଡିଥିଲେ । ଏ ସମ୍ପର୍କରେ ତୁରନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ଓ ମାଲଗୋଦାମ ଥାନାକୁ ଖବର ଦିଆଯାଇଥିଲା । ପୁଲିସ ସେଠାରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ପଠାଇଛି । ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି ।

ଉକ୍ତ ରୁମରୁ ପୁଲିସ କଳ୍ପନାଙ୍କର ଏକ ମୋବାଇଲ ଜବତ କରିଛି । ଘଟଣା ନେଇ ସହକର୍ମୀ, ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ପୁଲିସ ପଚରାଉଚରା କରିଛି । ତାଙ୍କ ସହିତ ହଷ୍ଟେଲରେ ରହୁଥିବା କିଛି ସହକର୍ମୀ କହିଛନ୍ତିଯେ, କଳ୍ପନା ପୂର୍ବରୁ ଜଗତପୁର ସ୍ଥିତ ଏକ ହସ୍ପିଟାଲରେ ଚାକିରି କରୁଥିଲେ । ବିଶେଷ କାହା ସହିତ ମିଳାମିଶା କରୁନଥିଲେ । ଗତ ୨୭ ତାରିଖରେ ତାଙ୍କର ଜନ୍ମଦିନ ଆୟୋଜିତ ହୋଇଥିଲା । ଆଜି ସେ ସମସ୍ତ ବାନ୍ଧବୀଙ୍କୁ ଖାଇବାକୁ ଦେଇଥାନ୍ତେ । ସକାଳେ ସେ ଚିକେନ ଓ ଭାତ ରୋଷେଇ କରିବେ ବୋଲି କହିଥିଲେ । ସମସ୍ତେ ମିଶି ମଧ୍ୟାହ୍ନ ଭୋଜନ କରିବାର ଯୋଜନା ଥିଲା ବୋଲି ବାନ୍ଧବୀ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି । ତେବେ ଉକ୍ତ ହସ୍ପିଟାଲରେ ଯୋଗଦେବାର ମାତ୍ର ଦେଢ ମାସ ଭିତରେ ଏଭଳି କି ପ୍ରକାର ପରିସ୍ଥିତି ସୃଷ୍ଟି ହେଲାଯେ କଳ୍ପନା ଆତ୍ମହାତ୍ୟା ଭଳି ଚରମ ନିଷ୍ପତ୍ତି ନେଲେ ସେନେଇ ସନ୍ଦେହ ସୃଷ୍ଟି ହୋଇଛି । ଏନେଇ ପୁଲିସ ତଦନ୍ତ କରୁଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ଲୋକ ଥାନାରେ କୌଣସି ଅଭିଯୋଗ କରିନଥିବା ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି ।

## ଅଜଣା ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

ଚୌଦ୍ୱାର, (ସବ୍ୟୁ) : ଟାଙ୍ଗୀ ଥାନା ଅନ୍ତର୍ଗତ ବ୍ୟାଙ୍କ୍ ଛକ ନିକଟରେ ନିର୍ମାଣଧୀନ ରେଳ ଓଭରବ୍ରିଜ୍ ତଳୁ ଏକ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ଦେଖି ସ୍ଥାନୀୟ ଲୋକେ ଟାଙ୍ଗୀ ଥାନାକୁ ଖବର ଦେଇଥିଲେ । ମୃତଦେହଟି କ୍ଷତବିକ୍ଷତ ଅବସ୍ଥାରେ ପୋଲ ତଳେ ପଡ଼ିଥିବା ବେଳେ ପୁଲିସ୍ ଏହାକୁ ଉଦ୍ଧାର କରି କଟକ ବଡ଼ମେଡ଼ିକାଲକୁ ଶବବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ମୃତବ୍ୟକ୍ତିଙ୍କର କୌଣସି ପରିଚୟ ମିଳିପାରିନଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତିରୁ ଜଣାପଡୁଛି ସେ ଜଣେ ମାନସିକ ରୋଗୀ କିମ୍ବା ନିଶାସକ୍ତ ଅବସ୍ଥାରେ ଅସାବଧନତା ପାଇଁ ପୋଲ ଉପରୁ ତଳକୁ ଖସି ମୃତ୍ୟୁବରଣ କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର ପ୍ରକାଶ କରିଛନ୍ତି ।

## ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ

# ଏକ ବଡ ସୁଯୋଗ ହରାଇଲା ଓଡ଼ିଶା

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ଶିକ୍ଷା ସଂପ୍ରଦାୟକୁ ଚକିତ କରିଦେଇଥିବା ଏକ ନିଷ୍ପତ୍ତିରେ ଟ୍ରମ୍ପ ପ୍ରଶାସନ ସଂଘୀୟ ପ୍ରବାସ ଆଇନ୍‌ର ଉଲ୍ଲଘଂନ ଦର୍ଶାଇ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ଛାତ୍ରଙ୍କ ନାମଲେଖା ଅଧିକାରକୁ ପ୍ରତ୍ୟାହାର କରିନେଇଛନ୍ତି । ଏହାଦ୍ୱାରା ପ୍ରାୟ ୮୦୦ ଭାରତୀୟ ଛାତ୍ର ସିଧାସଳଖ ପ୍ରଭାବିତ ହୋଇଛନ୍ତି । ଆମେରିକା ସମସ୍ତ ଛାତ୍ର ଭିସା ସାକ୍ଷାତକାରକୁ ମଧ୍ୟ ବନ୍ଦ କରିଦେଇଛି । ଏହିସବୁ ଘଟଣାରୁ ଭାରତରେ ବିଶ୍ୱସ୍ତରୀୟ ଶିକ୍ଷା ପ୍ରତିଷ୍ଠାନ ସୃଷ୍ଟି କରିବାର ଆବଶ୍ୟକତା ଜରୁରି ହୋଇପଡିଛି । ଫଳରେ ଶିକ୍ଷା ଓ ଗବେଷଣା ପାଇଁ ଭାରତୀୟ ଛାତ୍ରଙ୍କୁ ଆଉ ବିଦେଶୀ ବ୍ୟବସ୍ଥା ନିର୍ଭର ହେବାକୁ ପଡିବ ନାହିଁ । ଏଭଳି ପରିସ୍ଥିତିର ଆଶଙ୍କା କରି ବା ଆକଳନ କରି ଓଡ଼ିଶାର ପୁରୀରେ ବହୁ ପୂର୍ବରୁ ବେଦାନ୍ତ ବିଶ୍ୱବିଦ୍ୟାଳୟର ପରିକଳ୍ପନା କରାଯାଇଥିଲା । କେବଳ ସେତିକି ନୁହେଁ ୨୦୦୯ ମସିହା ଜୁଲାଇ ମାସରେ ଓଡ଼ିଶା ବିଧାନସଭା ବେଦାନ୍ତ ବିଶ୍ୱବିଦ୍ୟାଳୟ ବିଲ୍ ପାସ୍ କରିଥିଲା । ଯାହା ହାର୍ଭାର୍ଡ, ଷ୍ଟାନ୍‌ଫୋର୍ଡ ଓ ଅକ୍ସଫୋର୍ଡ ଭଳି ବିଦେଶୀ ବିଶ୍ୱବିଦ୍ୟାଳୟ ଧାରାରେ ଏକ ଅଣଲାଭକାରୀ, ବହୁବିଧ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏକ ଐତିହାସିକ ପଦକ୍ଷେପ ଥିଲା । ଏହା କେବଳ ଏକ ଭୂମି ଅନୁଦାନ କିମ୍ବା ଏକ ବୁଝାମଣାପତ୍ର ନଥିଲା ବରଂ ଏହା ଓଡ଼ିଶାର ଶିକ୍ଷାଗତ ଭବିଷ୍ୟତକୁ ପରିବର୍ତ୍ତନ କରିବା ପାଇଁ ଏକ ରାଜ୍ୟ ସମର୍ପିତ ପ୍ରତିବଦ୍ଧତା ଥିଲା । ଏହା ଏଭଳି ଏକ ଶିକ୍ଷାନୁଷ୍ଠାନ ହେବାର ଥିଲା ଯାହା କେବଳ ଛାତ୍ର ନୁହେଁ ବରଂ ନେତା ନବସୃଜନକାରୀ ଏବଂ ଉଦ୍ୟୋଗୀ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ଯୋଜନାବଦ୍ଧ ଜ୍ଞାନ ସହର ଥିଲା । ଦୁର୍ଭାଗ୍ୟ ବଶତଃ ଆଇନ୍‌ଗତ ଏବଂ ରାଜନୈତିକ ପ୍ରତିବନ୍ଧକ ଯୋଗୁ ପ୍ରକଳ୍ପଟି ସମାପ୍ତି ହୋଇପାରିଲା ନାହିଁ । ଯାହା ଫଳରେ ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପରି ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସୁଯୋଗକୁ ହରାଇଲା ଓଡ଼ିଶା । ତେବେ ସେ ଯାହା ହେଉନା କାହିଁକି ଟ୍ରମ୍ପ ପ୍ରଶାସନର ଛାତ୍ର ବିରୋଧୀ ନିଷ୍ପତ୍ତି ପରିପ୍ରେକ୍ଷୀରେ ଓଡ଼ିଶାରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ଯେଉଁଥି ପାଇଁ ଅଭିଜ୍ଞତା, ପୁଞ୍ଜି, ମହତ୍ତ୍ୱାକାଂକ୍ଷା ଓ ପରିବର୍ତ୍ତନକାରୀ ପ୍ରତିଶ୍ରୁତି ପୁରଣ କରିବା ପାଇଁ ଯେଉଁ ଅଭିଜ୍ଞତା ଜରୁରୀ ତାହା ବେଦାନ୍ତ ଗ୍ରୁପ୍ ନିକଟରେ ଅଛି ।

**ବିଶ୍ୱସ୍ତରୀୟ ଅନିଶ୍ଚିତତା ଯୋଗୁ ଓଡ଼ିଶାରେ ଏଭଳି ବିଶ୍ୱବିଦ୍ୟାଳୟ ଜରୁରୀ**

ସୁତରାଂ ରାଜ୍ୟ ସରକାର ଏହି ଅଂଶୀଦାରମାନଙ୍କୁ ସାମିଲ କରି ପଡିରହିଥିବା ସମସ୍ୟାର ସମାଧାନ କରିବା ସହିତ ଅନ୍ୟ ଶିଳ୍ପ ସଂସ୍ଥାମାନଙ୍କୁ ବିଶେଷ କରି ଓଡ଼ିଶାର ବିଶାଳ ପ୍ରାକୃତିକ ସଂପଦରୁ ଉପକୃତ ହେଉଥିବା ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କରି ଏ ଦୃଷ୍ଟିକୋଣକୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି ।

## ରାଜ୍ୟ ଟପ୍ପର ସରସ୍ୱତୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର

# ଯୁକ୍ତ ୨ ବିଜ୍ଞାନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

କଟକ, (ସବ୍ୟୁ) : ପୂର୍ବର ଶିକ୍ଷା ନିର୍ଦ୍ଦେଶାବଳୀ ରେ ଅନେକ ପରିବର୍ତ୍ତନ ଆସିଛି । ଭାରତ ସରକାର ଯେଉଁ ନୂତନ ଶିକ୍ଷା ନୀତି ପ୍ରଣୟନ କରିଛନ୍ତି ତଦନୁଯାୟୀ ଆଜିକାଲି ବିଦ୍ୟାର୍ଥୀମାନେ ଚାହିଁଲେ ଯେ କୌଣସି କ୍ଷେତ୍ରରେ




ନିଜକୁ ପ୍ରତିଷ୍ଠିତ କରାଇ ପାରିବେ । ସେଥିପାଇଁ ନିଜର ଅଧବସାୟ, ସାଙ୍ଗକୁ ବାତାନୁକୁଳ ଶିକ୍ଷା ପଦ୍ଧତିକୁ ଆପଣାଇ ପାରିଲେ ଡାକ୍ତର , ଇଞ୍ଜିନିୟର ଓ ପ୍ରାଶାସନିକ ବନିବାରେ ବାଧା ରହିବନି ବୋଲି ସରସ୍ୱତୀ ଗ୍ରୁପ ଅଫ ସାଇନ୍ସ କଲେଜରେ ରାଜ୍ୟର ବିଜ୍ଞାନ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ଉପସ୍ଥିତ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ କଟକ ଜିଲ୍ଲା ବାରଙ୍ଗ ବ୍ଲକ୍ ବେଲଗଛିଆ ସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନର ଶତ ପ୍ରତିଶତ ସଫଳତାକୁ ନେଇ ଗୁରୁବାର ଏହାର ଅଡିଟୋରିୟରେ ଅନୁଷ୍ଠିତ ବାର୍ଷିକ ଏକାଡେମିକ୍ ଏକ୍ସଲେନ୍ସ ପୁରସ୍କାର ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଯୋଗ ଦେଇ ଉପରୋକ୍ତ ମତ ରଖିବା ସହ ଜିଲ୍ଲାପାଳ ନିଜର ଜୀବନଶୈଳୀ ଏବଂ କାର୍ଯ୍ୟକଳାପ ଉପରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ପିଲାମାନଙ୍କ ମନରେ କଣ ଉତ୍କଣ୍ଠା ରହିଛି ଏବଂ ସେମାନେ କେଉଁ ଶିକ୍ଷା ଗ୍ରହଣ କରିବାକୁ ଚାହୁଁଛନ୍ତି ତାହା ତାଙ୍କ ନିଜସ୍ ଚୟନ ଉପରେ ଛାଡ଼ିବାକୁ ଜିଲ୍ଲାପାଳ ଉପସ୍ଥିତ ଅଭିଭାବକଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ । ସେ ନିଜେ ଏଠାରେ ମୁଖ୍ୟ ଅତିଥି ନୁହେଁ ବରଂ ସରସ୍ୱତୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନକୁ ଗୌରବାନ୍ୱିତ କରିଥିବା ଛାତ୍ର ବିନୀତ ମହାନ୍ତି ଏଥିପାଇଁ ପ୍ରକୃତ ଯୋଗ୍ୟ ବୋଲି କହି ତାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଇ କାର୍ଯ୍ୟକ୍ରମକୁ ଉଦଘାଟନ କରାଇଥିଲେ । ଏହି ସମାରୋହରେ ସମ୍ମାନିତ ୧୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପୁରସ୍କାର ଆକାରରେ ଅର୍ଥରାଶି ପ୍ରଦାନ କରାଯାଇଥିଲା । ରାଜ୍ୟ ବିଜ୍ଞାନ ଟପ୍ପର ବିନିତ ମହାନ୍ତି ୯୭.୬୬ ପ୍ରତିଶତ ନଂ ରଖି ରାଜ୍ୟ ଟପ୍ପର ହୋଇଥିବାରୁ ଶିକ୍ଷାନୁଷ୍ଠାନ ତରଫରୁ ଜିଲ୍ଲାପାଳ ତାଙ୍କୁ ୫୦ ହଜାର ଟଙ୍କା ନଗଦ ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ୯୦ ପ୍ରତିଶତରୁ ଅଧିକ ଅଙ୍କ ପାଇଥିବା ଅନ୍ୟ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ନଗଦ ପୁରସ୍କାର ଦିଆଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ଦେବଦତ୍ତ ସ୍ୱାଇଁ କହିଥିଲେ ଯେ, ଛାତ୍ରଛାତ୍ରୀ ମାନେ ପ୍ରଥମେ ନିଜ ପିତାମାତାଙ୍କୁ ପୂଜା କରିବା ଆବଶ୍ୟକ । ପିତାମାତାଙ୍କ ଆଶୀର୍ବାଦ ରହିଲେ ସେମାନଙ୍କୁ ସଫଳତା ନିହାତି ମିଳିପାରିବ । କାର୍ଯ୍ୟକ୍ରମରେ ସଂସ୍ଥାର ପ୍ରତିଷ୍ଠାତା ଡ଼. ଦେବଦତ୍ତ ସ୍ୱାଇଁ, ଅଧ୍ୟକ୍ଷ ଡ଼ ବିଶ୍ୱଜିତ ତ୍ରିପାଠୀ, ସିଇଓ ଅରୁଣ ବିଶ୍ୱାଳ, ଡିନ୍ ବ୍ୟୋମକେଶ ମିଶ୍ର ଏବଂ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକଗଣ, ଗଣ୍ୟମାନ୍ୟ ଅତିଥି, ଗର୍ବିତ ଅଭିଭାବକଗଣ ଏବଂ ମେଧାବୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ସେହିପରି ମାଟ୍ରିକ ପରୀକ୍ଷାରେ ୫୯% ମାର୍କ ରଖି ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଓମ୍ ପ୍ରକାଶ କର ଚଳିତ ବିଜ୍ଞାନ ପରୀକ୍ଷାରେ ୯୧% ରଖି ପାସ୍ କରିଥିବାରୁ ତାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଆଇଟିଇଆର୍ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଗୁରୁବାର ପ୍ରକାଶିତ ଟାଇମ୍ସ ଅଲ୍ ଇଣ୍ଡିଆ ଇଞ୍ଜିନିୟରିଂ ଇନ୍‌ଷ୍ଟିଚ୍ୟୁଟ୍ ର୍‍ୟାଙ୍କିଙ୍ଗ୍ ସର୍ଭେ ୨୦୨୫ର ଦେଶର ଦ୍ୱିତୀୟ ଶ୍ରେଷ୍ଠ ଇନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସ୍ଥାନୀତ ହୋଇଛି । ଟାଇମ୍ସ ଅଫ୍ ଇଣ୍ଡିଆ ସମ୍ବାଦପତ୍ର ପକ୍ଷରୁ ପରିଚାଳିତ ଏହି ସର୍ଭେରେ ଦେଶର ୧୭୫ ଟି ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନକୁ ସାମିଲ କରାଯାଇଥିଲା । ସେହିପରି ଦେଶର ଶ୍ରେଷ୍ଠ



୧୨୫ଟି ଘରୋଇ ଇଞ୍ଜିନିୟରିଂ କଲେଜ ଏହି ସର୍ଭେର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଆଇଟିଇଆର ଦେଶର ୨ୟ ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଓ ପୂର୍ବ ଭାରତର ଶ୍ରେଷ୍ଠ ଭାବେ ସ୍ଥାନୀତ ହୋଇଛି। ସେହିପରି ଚଳିତ ବର୍ଷ ର୍‍ୟାଙ୍କିଙ୍ଗରେ ଗବେଷଣା କ୍ଷେତ୍ରରେ ଆଇଟିଇଆର ଦେଶର ୩୦ଟି ଅନୁଷ୍ଠାନ ମଧ୍ୟରେ ତୃତୀୟ ସ୍ଥାନ ଏବଂ ପ୍ଲେସ୍‌ମେଂଟରେ ୪ର୍ଥ ସ୍ଥାନ ହାସଲ କରିଛି। ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ୍ ର୍‍ୟାଙ୍କିଙ୍ଗ ଫ୍ରେମୱର୍କ (ଏନ୍‌ଆଇଆର୍‌ଏଫ୍ ) ର୍‍ୟାଙ୍କିଙ୍ଗ ୨୦୨୪ ରେ ସୋଆ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଛି ।

## ଇନରହ୍ୱିଲ୍ ଜିଲ୍ଲା-୩୨୬ ସମ୍ମିଳନୀ

# ମଧୁସ୍ମିତା ତ୍ରିପାଠୀ ହେଲେ ନୂତନ ଜିଲ୍ଲାଧ୍ୟକ୍ଷା




ଭୁବନେଶ୍ୱର (ସବ୍ୟୁ): ଅନ୍ତର୍ଜାତୀୟ ମହିଳା ସଂଗଠନ ଇନର ହ୍ୱିଲ ଜିଲ୍ଲା ୩୨୬ର ଦୁଇଦିନିଆ ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ନୂତନ ଜିଲ୍ଲାଧ୍ୟକ୍ଷା ଭାବେ ମଧୁସ୍ମିତା ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ଜିଲ୍ଲାଧ୍ୟକ୍ଷା ମଧୁମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଦୁଇଦିନିଆ ଉତ୍ସବରେ ବର୍ତ୍ତମାନର ଜିଲ୍ଲାଧ୍ୟକ୍ଷା ସନ୍ଧ୍ୟାରାଣୀ ମିଶ୍ର ମଧୁସ୍ମିତା ତ୍ରିପାଠୀଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ସେହିଭଳି ଜିଲ୍ଲାର ୩୨୬ର ଅନ୍ୟ ପଦାଧିକାରୀମାନେ ମଧ୍ୟ ଦାୟିତ୍ୱ ଅଦଳବଦଳ କରିଥିଲେ । କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ ଇନରହ୍ୱିଲ୍ ଇଣ୍ଡିଆର ସଭାପତି ସୁନିତା ଜୈନ । ସନ୍ଧ୍ୟାରେ ସଦସ୍ୟାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦ୍ୱିତୀୟ ଦିନରେ ଇନରହ୍ୱିଲ୍ ସଦସ୍ୟା ତଥା କାର୍ଯ୍ୟାଳୟ ପଦାଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବିଶ୍ୱର ସର୍ବବୃହତ ମହିଳା ସ୍ୱେଚ୍ଛାସେବୀ ସଂଗଠନ ଇନରହ୍ୱିଲ୍‌ର ସମଗ୍ର ବିଶ୍ୱରେ ୧ଲକ୍ଷ ୨୦ହଜାରରୁ ଅଧିକ ସଦସ୍ୟା ରହିଛନ୍ତି । ଭାରତରେ ଥିବା ୧୩୪୧ଟି କ୍ଲବରେ ପ୍ରାୟ ୬୦ହଜାରରୁ ଅଧିକ ସଦସ୍ୟା ରହିଛନ୍ତି । ଚଳିତ ବର୍ଷ ଭାରତର ଏହି କ୍ଲବ ଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରକଳ୍ପରେ ୧୦୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି । ସେଥିମଧ୍ୟରୁ ଜରାୟୁ କର୍କଟ ନିରାକରଣ ଅନ୍ୟତମ । ଜରାୟୁ କର୍କଟକୁ ନିର୍ମୁଳ କରିବା ଉଦ୍ଦେଶ୍ୟରେ ସଚେତନତା ଶୋଭାଯାତ୍ରା, ଟୀକାକରଣ, ପରୀକ୍ଷଣ ଆଦି କାର୍ଯ୍ୟକ୍ରମ ଓଡ଼ିଶା ସମେତ ସାରା ଦେଶରେ କରାଯାଇଥିଲା ।

# ଆତଙ୍କବାଦୀ ବିରୋଧୀ ଲଢେଇର ବିରାମ ନାହିଁ: ମୋଦି



**ନୂଆଦିଲ୍ଲୀ:** ଅପରେସନ ସିନ୍ଦୂର ଏବେ ଶେଷ ହୋଇନାହିଁ । ଭାରତ ଆତଙ୍କବାଦୀ ବିରୋଧରେ ଲଢେଇକୁ ତିନିଟି ସୂତ୍ରରେ ବାଣ୍ଟିଛି । ପ୍ରଥମତଃ ଭାରତ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣର ଜବାବ ଦେବ । ତେବେ ଆକ୍ରମଣ ସମୟ, ଶୈଳୀ, ସର୍ତ୍ତ କ'ଣ ରହିବ ତାହା ଆମ ସେନା ସ୍ଥିର କରିବ । ସେହିପରି ଦ୍ୱିତୀୟରେ ଭାରତ ଏବେ ପରମାଣୁ ବୋମା ଧମକରେ ଭୟଭୀତ ହେବନାହିଁ । ଏହାକୁ ଆଧାର କରି ସେନା ଅନେକ ଜରୁରୀ ନିଷ୍ପତ୍ତି ନେବ ।ଶେଷ ସୂତ୍ରଟି ହେଉଛି, ଭାରତ ଆତଙ୍କବାଦର ମାଲିକ ଏବଂ ଆତଙ୍କବାଦକୁ ପ୍ରଶୟ ଦେଉଥିବା ସରକାରଙ୍କୁ ସମାନ ଦୃଷ୍ଟିରେ ଦେଖିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର କାନପୁର ଗସ୍ତ ଅବସରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କାନପୁରର ପୁଅ ଶୁଭମ ଦ୍ୱିବେଦୀ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିଲେ । ପହଲଗାମରେ ପ୍ରାଣ ହରାଇଥିବା ପ୍ରତିଟି ଲୋକଙ୍କ ମୃତ୍ୟୁର ପ୍ରତିଶୋଧ ଆମେ ଅପରେସନ ସିନ୍ଦୂର ଜରିଆରେ ନେଇଥିଲୁ ।ଯାହାର ପ୍ରମାଣ ପୂରା ଦେଶ ଦେଖିଥିଲା । ପାକିସ୍ତାନ ଭିତରେ ପ୍ରବେଶ କରି ଆମେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରି ଆଖିପିଛୁଳାକେ ସବୁକିଛି ଧ୍ୱଂସ କରି ଦେଇଥିଲୁ । ଆମ ଭାରତୀୟ ସେନାର ପରାକ୍ରମ ଦେଖି ପାକିସ୍ତାନ ବାଟବଣା ହୋଇଯାଇଥିଲା ।

## ନୌସେନା ଦେବ ଉଚିତ ଶିକ୍ଷା

**ନୂଆଦିଲ୍ଲୀ:** ଆଇଏନଏସ୍ ବିକ୍ରାନ୍ତରୁ ରାଜନାଥଙ୍କ ରଣହୁଙ୍କାର । ପ୍ରତିରକ୍ଷା ମନ୍ତ୍ରୀ କହିଲେ, ପଡ଼ୋଶୀ ଦେଶ ପୁଣିଥରେ ନିଜ ଭୁଲ ଦୋହରାଇଲେ ବଞ୍ଚିବାକୁ ଦେବୁନାହିଁ ସୁଯୋଗ । କେବଳ ଆତଙ୍କବାଦ ପ୍ରସଙ୍ଗରେ ହିଁ ଦୁଇ ଦେଶ ମଧ୍ୟରେ ହେବ ଆଲୋଚନା । 'ଅପରେସନ ସିନ୍ଦୂର'ରେ ଟାର୍ଗେଟରେ ଥିଲା କରାଚୀ ବନ୍ଦର । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଟାର୍ଗେଟ୍ କରି କହିଛନ୍ତି, ''ଏଥର ଯଦି ପାକିସ୍ତାନ କିଛି ଭୁଲ କରେ, ତେବେ ଆମେ ଆତଙ୍କବାଦ ବିରୋଧରେ ଏପରି ପଦ୍ଧତି ବ୍ୟବହାର କରିବୁ ଯାହା ଶତ୍ରୁ ଦେଶ ଚିନ୍ତା ମଧ୍ୟ କରିପାରିବ ନାହିଁ । ଏଥର ଯଦି ପାକିସ୍ତାନ କୌଣସି ପଦକ୍ଷେପ ନିଏ, ତେବେ ଆମର ନୌସେନା ଏହାର ଉଦଘାଟନ କରିବ । ଅପରେସନ୍ ସିନ୍ଦୂର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ, ଏହା କେବଳ ଏକ ବିରତି । ଯଦି ପାକିସ୍ତାନ ପୁଣିଥରେ ସମାନ ଭୁଲ କରେ, ତେବେ ଭାରତର ପ୍ରତିକ୍ରିୟା ଆହୁରି କଠୋର ହେବ ଏବଂ ଏଥର ନିଜକୁ ସୁଧାରିବା ପାଇଁ ସୁଯୋଗ ବି ଦିଆଯିବନି । ପାକିସ୍ତାନ ଏହା ମନେରଖୁ ଯେ ଯଦି ଗୋଟିଏ ପଟେ ଆମର ନୌସେନା ସମୁଦ୍ର ପରି ଶାନ୍ତ ହୋଇଥାଏ, ଅନ୍ୟପଟେ ଏହା ସମୁଦ୍ର ପରି ସୁନାମୀ ମଧ୍ୟ ଆଣିପାରେ । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଥରେ କଳ୍ପନା କରି ଦେଖନ୍ତୁ । ଯିଏ ଜଣେ ଚୁପ ରହିବି ଅନ୍ୟ ଦେଶର ସୈନ୍ୟଙ୍କୁ ବୋତଲରେ ବନ୍ଦି କରି ରଖିପାରେ, ସେ ଯଦି କେବେ ମୁହଁ ଖୋଲିବ ତେବେ କଣ ହେବ? ପାକିସ୍ତାନ ଯଦି ନସୁଧୁରେ ତେବେ ଏଥର ନା ସ୍ଥଳ ସେନା ନା ବାୟୁସେନା, ଏଥର ଉଦଘାଟନ ଆମର ନୌସେନା କରିବ ।

### ଆଇଏସଆଇ ସହ ସଂପର୍କ

# ବନ୍ଧା ହେଲେ ସରକାରୀ କର୍ମଚାରୀ



**ନୂଆଦିଲ୍ଲୀ:** ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ପାଇଁ ଗୁପ୍ତଚର କାମ କରୁଥିବା ଅଭିଯୋଗରେ ରାଜସ୍ଥାନର ଜଣେ ସରକାରୀ କର୍ମଚାରୀଙ୍କୁ ଗିରଫ କରାଯାଇଛି । ଗିରଫ ସରକାରୀ କର୍ମଚାରୀଙ୍କ ନାମ ଶକୁର ଖାନ ମାଙ୍ଗାନିୟାର ଥିବା ଜଣାପଡ଼ିଛି ।ଶକୁର ଖାନ ରାଜ୍ୟର ନିଯୁକ୍ତି ବିଭାଗରେ କାର୍ଯ୍ୟରତ ଥିଲେ । ଶକୁର ଖାନଙ୍କୁ ସିଆଇଡି ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକର ଏକ ମିଳିତ ଦଳ ଜେସଲମେରସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରିଛି । ଗିରଫ ପରେ ମଙ୍ଗାନିୟାରଙ୍କୁ ଅଧିକ ପଚରାଉଚରା ପାଇଁ ଜୟପୁର ନିଆଯିବାର ଯୋଜନା କରାଯାଉଛି । ସୂନାଯୋଗ୍ୟ, ଗୁପ୍ତଚର ଶକୁର ଖାନ କଂଗ୍ରେସ ସରକାରରେ ପୂର୍ବତନ ମନ୍ତ୍ରୀ ସାଲେହ ମହମ୍ମଦଙ୍କ ବ୍ୟକ୍ତିଗତ ସହାୟକ ଭାବରେ କାର୍ଯ୍ୟ କରୁଥିଲେ । ତଦନ୍ତକାରୀମାନେ ଶକୁର ମୋବାଇଲରୁ ଅନେକ ପାକିସ୍ତାନୀ ଫୋନ୍ ନମ୍ବର ପାଇଛନ୍ତ ।ଏହି ନମ୍ବରଗୁଡ଼ିକ ସମ୍ପର୍କରେ ଶକୁର କୌଣସି ସନ୍ତୋଷଜନକ ଉତ୍ତର ଏଯାବତ ଦେଇପାରି ନାହାଁନ୍ତି ।ଗିରଫ ପରେ ଶକୁର ସ୍ୱୀକାର କରି କହିଛନ୍ତି, 'କିଛି ବର୍ଷ ମଧ୍ୟରେ ଅତି କମରେ ସେ ସାତ ଥର ପାକିସ୍ତାନ ଗସ୍ତ କରିଛନ୍ତି । ଏସପି ସୁଧୀର ଚୌଧୁରୀ ଏହି ଘଟଣାକୁ ନେଇ କହିଛନ୍ତି,' ଯେ ଉଚ୍ଚ ମୁଖ୍ୟାଳୟରୁ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପାଇବା ପରେ ତଦନ୍ତ ଆରମ୍ଭ କରାଯାଇଥିଲା । ଆମେ ସମସ୍ତ ତଥ୍ୟ ଯାଞ୍ଚ କରୁଛୁ । ଶକୁର ତାଙ୍କ ଫୋନରୁ ଅନେକ ଫାଇଲ୍ ଡିଲିଟ୍ କରି ଦେଇଛନ୍ତି । ଡିଲିଟି ଫାଇଲଗୁଡ଼ିକର ବି ତଦନ୍ତ କରାଯିବ । ତାଙ୍କ ନାମରେ ଖୋଲାଯାଇଥିବା ଦୁଇଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ବର୍ତ୍ତମାନ ତଦନ୍ତାଧୀନ ଅଛି ।'

# ଶପଥ ନେଲେ ସୁପ୍ରିମକୋର୍ଟର ୩ ବିଚାରପତି



**ନୂଆଦିଲ୍ଲୀ:** ଆଜି ଶପଥ ନେଇଛନ୍ତି ସୁପ୍ରିମକୋର୍ଟର ୩ ଜଣ ନୂଆ ବିଚାରପତି । ସେମାନେ ହେଲେ ଜଷ୍ଟିସ୍ ଏନ.ଭି. ଅଞ୍ଜାରିଆ, ଜଷ୍ଟିସ ବିଜୟ ବିଷ୍ଣୋଇ ଏବଂ ଜଷ୍ଟିସ୍ ଅତୁଲ ଏସ୍. ଚନ୍ଦୁରକର । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର. ଗଭାଇ ଆଜି ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟରେ ୩ ନୂଆ ବିଚାରପତିଙ୍କ ନିଯୁକ୍ତିକୁ ଗତକାଲି ମଞ୍ଜୁର କରିଥିଲେ କେନ୍ଦ୍ର ସରକାର । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏନେଇ 'ଏକ୍ସ'ରେ ପୋଷ୍ଟ କରିଥିଲେ । ଏହାଦ୍ୱାରା ସୁପ୍ରିମକୋର୍ଟରେ ନିର୍ଦ୍ଧାରିତ ପୂର୍ଣ୍ଣ ସଦସ୍ୟଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି । କଲେଜିୟମରେ ସର୍ବୋଚ୍ଚ ନ୍ୟାୟଳୟର ୫ ଜଣ ବରିଷ୍ଠ ବିଚାରପତି ରହିଛନ୍ତି । ପ୍ରଧାନ ବିଚାରପତି ବିଆର୍ ଗଭାଇଙ୍କ ସମେତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ବିଭି ନାଗରତ୍ନା ବିଚାରପତି ଚୟନ କମିଟିର ସଦସ୍ୟ ଅଛନ୍ତି । ସୂଚନାଯୋଗ୍ୟ, ଗତ କିଛି ବର୍ଷ ମଧ୍ୟରେ ସୁପ୍ରିମକୋର୍ଟ କଲେଜିୟମ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିଚାରପତି ନିଯୁକ୍ତିକୁ ନେଇ ଅନେକ ଥର ମତଭେଦ ସାମ୍ନାକୁ ଆସିଛି । ତେବେ ଏଥର କଲେଜିୟମର ସୁପାରିସକୁ ଶୀଘ୍ର ଗ୍ରହଣ କରାଯିବା ସୂଚାଉଛି ଯେ ଉଭୟ ପକ୍ଷ ମଧ୍ୟରେ ଭଲ ବୁଝାମଣା ରହିଛି ଏବଂ ଏ ବାବଦ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁଛି ।

# ଜବାବୀ ହମଲାରେ ପାକ୍‌ର ୧୧୮ ପୋଷ୍ଟ ଧ୍ୱଂସ



**ପୁଞ୍ଛ:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ପୁଞ୍ଛରେ ପାକିସ୍ତାନୀ ଆକ୍ରମଣର ଉପଯୁକ୍ତ ଜବାବ ଦେବା ପାଇଁ ସୀମା ସୁରକ୍ଷା ବାହିନୀ (ବିଏସଏଫ)କୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ଜମ୍ମୁ ସୀମାରେ ଜବାବୀ କାର୍ଯ୍ୟାନୁଷ୍ଠାନରେ ୧୧୮ରୁ ଅଧିକ ପାକିସ୍ତାନୀ ପୋଷ୍ଟ ନଷ୍ଟ ଏବଂ କ୍ଷତିଗ୍ରସ୍ତ ହୋଇଛି । ଅପରେସନ୍ ସିନ୍ଦୁର ପରେ ଜମ୍ମୁ ଏବଂ କାଶ୍ମୀରକୁ ତାଙ୍କର ପ୍ରଥମ ଗସ୍ତ ସମୟରେ, ଶାହ କହିଛନ୍ତି ଯେ ସୀମା ସୁରକ୍ଷା ବାହିନୀ ପାକିସ୍ତନର ନିରୀକ୍ଷଣ ନେଟୱାର୍କକୁ ଭାଙ୍ଗି ଦେଇଛି, ଯାହାକି ଏକ ବଡ଼ କ୍ଷତି ଏବଂ ଏହାର ଭରଣା ଲାଗି ସେମାନଙ୍କୁ ବର୍ଷ ବର୍ଷ ଲାଗିଯିବ । ଅପରେସନ୍ ସିନ୍ଦୁର ପରେ ଜମ୍ମୁ ଏବଂ କାଶ୍ମୀରକୁ ତାଙ୍କର ପ୍ରଥମ ଗସ୍ତ ସମୟରେ, ଶାହ କହିଛନ୍ତି ଯେ ସୀମା ସୁରକ୍ଷା ବାହିନୀ ପାକିସ୍ତନର ନିରୀକ୍ଷଣ ନେଟୱାର୍କକୁ ଭାଙ୍ଗି ଦେଇଛି, ଯାହାକି ଏକ ବଡ଼ କ୍ଷତି ଏବଂ ଏହାର ଭରଣା ଲାଗି ସେମାନଙ୍କୁ ବର୍ଷ ବର୍ଷ ଲାଗିଯିବ । ସୁରକ୍ଷା ପରିସ୍ଥିତି, ଅମରନାଥ ଯାତ୍ରା ପ୍ରସ୍ତୁତି ସମୀକ୍ଷା ଏବଂ ପାକିସ୍ତାନୀ ଗୁଳି ମାଡ଼ର ଶିକାର ହୋଇଥିବା ଲୋକଙ୍କ ସହିତ ଆଲୋଚନା ପାଇଁ ଜମ୍ମୁକୁ ତାଙ୍କର ଦୁଇ ଦିନିଆ ଗସ୍ତର ଶେଷରେ କେନ୍ଦ୍ର ଗୃହମନ୍ତ୍ରୀ ବିଏସଏଫ ଜବାନମାନଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଯେତେବେଳେ ପାକିସ୍ତାନ ଆମର ସୀମା ଏବଂ ସାଧାରଣ ନାଗରିକ ଅଞ୍ଚଳ ଉପରେ ଆକ୍ରମଣ କରି ଆମର ଆତଙ୍କବାଦ ବିରୋଧୀ ଅଭିଯାନର ଜବାବ ଦେଇଥିଲା, ସେତେବେଳେ ବିଏସଏଫର ଜମ୍ମୁ ଫ୍ରଣ୍ଟିୟରର ଜବାନମାନେ ୧୧୮ ରୁ ଅଧିକ ପୋଷ୍ଟ ନଷ୍ଟ ଏବଂ କ୍ଷତିଗ୍ରସ୍ତ କରି ପ୍ରତିଶୋଧ ନେଇଥିଲେ ।

# କର୍ଣ୍ଣାଟକରେ ୧୨୫ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା



**ବେଙ୍ଗାଲୁରୁ:** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରବେଶ ସହିତ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ଜାରି ରହିଛି । କେରଳ, କର୍ଣ୍ଣାଟକ, ତାମିଲନାଡୁରେ ପ୍ରବଳ ବର୍ଷା ଜୀବନ ଏବଂ ଜୀବନକୁ ଖରାପ ଭାବରେ ପ୍ରଭାବିତ କରିଛି । ଲୋକମାନେ ମଧ୍ୟ ବହୁ ପରିମାଣର ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛନ୍ତି । କର୍ଣ୍ଣାଟକରେ ବର୍ଷା ରେକର୍ଡ ଭାଙ୍ଗିଛି । ଏଠାରେ ବର୍ଷା ୧୨୫ ବର୍ଷର ରେକର୍ଡ ଭାଙ୍ଗିଛି । କର୍ଣ୍ଣାଟକରେ ୧୨୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ମେ ମାସରେ ଏତେ ବର୍ଷା ହୋଇଛି । ପ୍ରବଳ ବର୍ଷା ଯୋଗୁଁ ରାଜ୍ୟରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଦକ୍ଷିଣ କନ୍ନଡ ଜିଲ୍ଲାରେ ଏହି ୩ ଜଣଙ୍କ ମୃତ୍ୟୁ ହୋଇଛି ।

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଶୁକ୍ରବାର କହିଛନ୍ତି ଯେ ଗତ ୧୨୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ରାଜ୍ୟରେ ମେ ମାସରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି ଏବଂ ୨୮ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି । ସମସ୍ତ ଜିଲ୍ଲାର ଡେପୁଟି କମିଶନର ଏବଂ ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ସିଦ୍ଧରମୈୟା ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ତୁରନ୍ତ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରନ୍ତୁ ଏବଂ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରନ୍ତୁ ।

# ଆରଆଇସି ଏକାଠି ହେବାର ସମୟ ଆସିଛି



**ମସ୍କୋ :** ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ୍ ଏକ ବଡ଼ ବୟାନ ଦେଇ ସମଗ୍ର ବିଶ୍ୱରେ ହଇଚଇ ସୃଷ୍ଟି କରିଛନ୍ତି । ସେ କହିଛନ୍ତି ଯେ ରୁଷ, ଭାରତ ଓ ଚୀନ (ଆରଆଇସି)ର ଶକ୍ତିକୁ ସକ୍ରିୟ କରିବା ସମୟ ଆସିଯାଇଛି ।

ଆମେରିକାରେ କ୍ଷମତାକୁ ଆସିବା ପରେ ଟ୍ରମ୍ପଙ୍କ ବେପରୁଆ ନିଷ୍ପତ୍ତି ବିଶ୍ୱ ସ୍ତରରେ ଅଶାନ୍ତି ସୃଷ୍ଟି କରିଥିବା ବେଳେ ଏବଂ ଏପରି ସମୟରେ ବିଶ୍ୱର ସମସ୍ତ ସମସ୍ୟାଗ୍ରସ୍ତ ଦେଶ ସେମାନଙ୍କର ନୂତନ ବିଶ୍ୱ ନେତାଙ୍କୁ ଖୋଜୁଛନ୍ତି । ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ, ଶାନ୍ତି ଏବଂ ବିକାଶ ସପକ୍ଷରେ ଭାରତ ଉପରେ ବିଶ୍ୱର ବିଶ୍ୱାସ ବୃଦ୍ଧି ପାଉଛି । ତେଣୁ, ଭାରତର ପାରମ୍ପରିକ ଏବଂ ଘନିଷ୍ଠ ବନ୍ଧୁ ରୁଷ ବିଶ୍ୱର ଏହି ୩ ଶକ୍ତିଶାଳୀ ଦେଶର ଶକ୍ତିକୁ ଏକାଠି କରିବା ବିଷୟରେ ଏକ ବିବୃତ୍ତି ଦେଇ ଆମେରିକାର ଆଚରଣରେ ବିତସ୍ପୃହ ଦେଶମାନଙ୍କୁ ଋଷର ଶିବିରକୁ ଆସିବାକୁ ପରୋକ୍ଷ ଆମନ୍ତ୍ରଣ ଦେଇଛନ୍ତି ।

## ହ୍ୱାଟ୍ସଆପରେ ରହିବ ଲଗ୍ ଆଉଟ୍ ଫିଚର୍

**ନୂଆଦିଲ୍ଲୀ:** ଯଦି ଆପଣ ଇନଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାର୍ଟ୍ସଆପ୍ ବ୍ୟବହାର କରନ୍ତି, ତେବେ ଆପଣଙ୍କ ପାଇଁ ଏକ ଖୁସି ଖବର ଅଛି । ହ୍ୱାର୍ଟ୍ସଆପ୍ ନିଜ ୟୁଜରଙ୍କ ସୁବିଧା ପାଇଁ ସମୟ ସମୟରେ ନୂଆ ଫିଚର୍ ଆଣିଥାଏ । ଏବେ ଏହି ଆପ୍ଲିକେସନରେ ଏପରି ଏକ ଆଶ୍ଚର୍ଯ୍ୟଜନକ ଫିଚର୍ ଆସିବାକୁ ଯାଉଛି ଯାହା ବ୍ୟବହାରକାରୀଙ୍କୁ ସାମୟିକ ବିରତି ଦେବାରେ ସାହାଯ୍ୟ କରିବ । ଯଦି ଆପଣ ହ୍ୱାଟ୍ସଆପରେ ଅଧିକ ସମୟ ବିନିଯୋଗ କରୁଛନ୍ତି ଏବଂ ଆପଣ ଆପଣଙ୍କର ଏହି ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ଏବେ ଏହା ସମ୍ଭବ ହେବାକୁ ଯାଉଛିଛ ଯଦି ଆପଣ ଏପରି ଏକ ଫିଚର୍ ଚାହୁଁଛନ୍ତି ଯାହା ଦ୍ୱାରା ଆପଣଙ୍କୁ ଆପଣଙ୍କର ହ୍ୱାର୍ଟ୍ସଆପ୍ ଆକାଉଣ୍ଟ ଡିଲିଟ କରିବାକୁ ନପଡ଼େ ଏବଂ ଆପଣଙ୍କୁ କିଛି ବିରତି ମଧ୍ୟ ମିଳିବ, ତେବେ ଆମେ ଆପଣଙ୍କୁ କହି ରଖୁଛୁ ଯେ ଏବେ ଏଥିପାଇଁ ଏକ ନୂତନ ଫିଚର୍ ବହୁତ ଶୀଘ୍ର ଉପଲବ୍ଧ ହେବାକୁ ଯାଉଛି । ଏହି ନୂଆ ଫିଚର ହେଉଛି 'ଲଗ୍ ଆଉଟ୍' ।


# ହରିୟାଣା ମୁଖ୍ୟମନ୍ତ୍ରୀ ଅଫିସ୍‌କୁ ବୋମା ଧମକ



**ଚଣ୍ଡିଗଡ଼:** ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ଅଫିସକୁ ମିଳିଛି ବୋମା ଧମକ । ଅଫିସରେ ବୋମା ରହିଥିବା ଧମକ ମିଳିବା ପରେ ଚଣ୍ଡିଗଡ଼ ପୁଲିସ୍ ହାଇଆଲର୍ଟ ଜାରି କରିଛି । ଶୁକ୍ରବାର ଅପରାହ୍ନ ୩.୧୫ରେ କେହି ଜଣେ ଦୁର୍ବୃତ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଫୋନ କରିଥିଲା । ଅଫିସ ବିଲଡିଂରେ ବୋମା ରହିଥିବା କଲ କରିଥିବା ବ୍ୟକ୍ତି ଧମକ ଦେଇଥିଲା । ଏହି ସୂଚନା ମିଳିବା ପରେ ସଚିବାଳୟ ପରିସରକୁ ଖାଲି କରଯାଇଥିଲା ।ଖବର ପାଇ କେନ୍ଦ୍ରୀୟ ଶିଳ୍ପାଞ୍ଚଳ ଫୋର୍ସ, ହରିୟାଣା ପୁଲିସ୍, ଚଣ୍ଡିଗଡ଼ ପୁଲିସ୍ ଓ ସିଆଇଡି ଟିମ ଘଟଣା ସ୍ଥଳରେ ପହଞ୍ଚିଲେ । ସେମାନେ ହରିୟାଣା ସଚିବାଳୟକୁ ଖାଲି କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ପୂରା ଅଞ୍ଚଳରେ ହାଇଆଲର୍ଟ ମଧ୍ୟ ଜାରି କରାଯାଇଛି । ବୋମା ନିଷ୍କ୍ରିୟ ଟିମ ଓ ସନ୍ଧାନୀ କୁକୁର ମଧ୍ୟ ସର୍ଚ୍ଚ ଅପରେସନରେ ସାମିଲ ହୋଇଛନ୍ତି । ସଚିବାଳୟ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଓ ପୂରା ଅଞ୍ଚଳରେ ଯାଞ୍ଚ ହୋଇଛି । ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସକୁ ମଧ୍ୟ ସଜାଗ ରଖାଯାଇଛି । କିନ୍ତୁ ଏଯାଏ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନାହିଁ । ତଥାପି ପୁଲିସ୍ ସତର୍କତା ଦୃଷ୍ଟିରୁ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରିଛି ।

### ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ୩ ଦୋଷୀଙ୍କୁ ଆଜୀବନ ଜେଲ୍





**କୋଟଦ୍ୱାର:** ପ୍ରାୟ ଦୁଇ ବର୍ଷ ପରେ ଦେଶର ଏକ ସବୁଠାରୁ ଚର୍ଚ୍ଚିତ ହତ୍ୟାକାଣ୍ଡ- ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ଆଜି କୋର୍ଟଙ୍କ ରାୟ ଆସିଛି । କୋଟଦ୍ୱାରର ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ମାମଲାର ଶୁଣାଣି କରି ।ଶୁକ୍ରବାର ରାୟ ଶୁଣାଇଛନ୍ତି । କୋର୍ଟ ଏହି ମାମଲାରେ ତିନି ଅଭିଯୁକ୍ତ ପୁଲକିତ ଆର୍ଯ୍ୟ, ସୌରଭ ଭାସ୍କର ଏବଂ ଅଙ୍କିତ ଗୁପ୍ତାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହା ବ୍ୟତୀତ, କୋର୍ଟ ସମସ୍ତ ତିନି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମୁଖ୍ୟ ଅଭିଯୁକ୍ତ ପୁଲକିତ ଆର୍ଯ୍ୟାକୁ ଆଇପିସି ୩୦୨ ଅନୁସାରେ ସଶ୍ରମ ଆଜୀବନ କାରାଦଣ୍ଡ ଦିଆଯାଇଛି । ଏହା ସହିତ ତା ଉପରେ ୫୦ ହଜାର ଟଙ୍କାର ଜରିମାନା ଲଗାଯାଇଛି । ଏହି ମାମଲାର ଶୁଣାଣି ମୋଟ ଦୁଇ ବର୍ଷ ଆଠ ମାସ ଧରି ଚାଲିଥିଲା। ଏହି ସମୟ ମଧ୍ୟରେ ସମସ୍ତ ପ୍ରମାଣ ଏବଂ ସାକ୍ଷୀ ଉପସ୍ଥାପନ କରାଯାଇଥିଲା । ଏଥିରେ ମୋଟ ୧୦୦ ଜଣ ସାକ୍ଷୀ ଉପସ୍ଥାପନ କରାଯାଇଥିଲା । ସେହି ସମୟରେ, ମାମଲାର ତଦନ୍ତ ପାଇଁ ଏସଆଇଟି ଗଠନ କରାଯାଇଥିଲା, ଯାହା ୫୦୦ରୁ ଅଧିକ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା ।

# କ୍ରୀଡାବିତ କେଶବ ଚନ୍ଦ୍ର ମିଶ୍ର



ପଶ୍ଚିମ ଓଡିଶାର କ୍ରୀଡା କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ଯେଉଁ କେତେଜଣ କ୍ରୀଡାବିତ୍ ନିଜର ନାମକୁ ଓଡିଶାର କ୍ରୀଡା ଇତିହାସରେ ଲିପିବଦ୍ଧ କରିବାରେ ସଫଳ ହୋଇଛନ୍ତି, ସେମାନଙ୍କ ମଧ୍ୟରେ କେଶବ ଚନ୍ଦ୍ର ମିଶ୍ର ଏକ ଜଣାଶୁଣା ବ୍ୟକ୍ତିତ୍ୱ । ୧୯୪୦ ମସିହା ଜୁଲାଇ ମାସ ୧ ତାରିଖ ବଲାଙ୍ଗିର ଉପାନ୍ତ ଅଂଚଳ ବଙ୍ଗୋମୁଣ୍ଡା ତାଙ୍କର ଜନ୍ମ । ପିତା ଫକୀର ମୋହନ ମିଶ୍ର ବ୍ରିଟିସ ସରକାରଙ୍କ ଅଧୀନରେ ଫରେଷ୍ଟ ରେଞ୍ଜର ଭାବେ କାର୍ଯ୍ୟ କରିଥିଲେ । ଗାଁ ସ୍କୁଲରେ ପଢିବା ସମୟରେ ଗାଁ ର କୃଷି ମେଳାରେ ଆୟୋଜିତ ୫ କିଲୋମିଟର ଦୌଡ ରେ ପ୍ରଥମ ସ୍ଥାନ ଅଧିକାର କରି ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୬୫ ମସିହାରେ ରାଜ୍ୟ ପୋଲିସ ବିଭାଗରେ ଯୋଗଦାନ କରିଥିଲେ । ୧୯୬୫ ରୁ ୧୯୭୬ ମସିହା ପର୍ଯ୍ୟନ୍ତ ୪୦୦ ମିଟର ହଡଲ୍ସ ଦୌଡ ରେ ବିଭିନ୍ନ ବର୍ଗରେ ରେକର୍ଡମାନ ସୃଷ୍ଟି କରି ଜାତୀୟ ସ୍ତରରେ ରାଜ୍ୟର ପ୍ରତିନିଧିତ୍ୱ କରିଥିଲେ । ୧୯୭୫ ରେ ଏହି ବର୍ଗରେ ସେ ହାସଲ କରିଥିବା ରେକର୍ଡ (୫୧.୮ ସେକେଣ୍ଡ) ଦିର୍ଘ ୧୫ ବର୍ଷ ଧରି ଅତୁଟ ରହିଥିଲା । ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଜାତୀୟ ଦୌଡକୁଦରେ ଓଡିଶା ଦଳର ଅଧିନାୟକ ଥିଲେ । ରାଜ୍ୟ ପୋଲିସ ତରଫରୁ ଜାତୀୟ ସ୍ତରରେ ଭାରତୀୟ ପୋଲିସ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବାର ଗୌରବ ମଧ୍ୟ ସେ ଅର୍ଜନ କରିଥିଲେ । ସେ ପୁରୁଣା ସ୍ମୃତିକୁ ମନେ ପକାଇ କହିଛନ୍ତି ୧୯୬୫ ମସିହାରେ ବଲାଙ୍ଗିର ର ମନୋହର ପଡିଆରେ ନିୟମିତ ଦୌଡ କୁଦ ଅଭ୍ୟାସ କରିବା ସମୟରେ ଆନନ୍ଦୀନୀ ଦର୍ଜୀ, ପ୍ରଣତୀ ମିଶ୍ର, ପ୍ରତିମା ମିଶ୍ର, ଟିଟିଲାଗଡର ସଦାନନ୍ଦ ନାଏକ, ହରିହର ଥାପା, ସନ୍ତୋଷ ଠାକୁର, ଭୁବନାନନ୍ଦ ସ୍ୱାଇଁ ମଧ୍ୟ ବିଭିନ୍ନ ସମୟରେ କେଶବ ବାବୁଙ୍କ ସହ ମଝିରେ ମଝିରେ ଯୋଗଦାନ କରି ଅଭ୍ୟାସ କରି ପରବର୍ତ୍ତି ସମୟରେ ସେ ସେମାନେ ସଫଳ କ୍ରୀଡାବିତ୍ ଭାବରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ୧୯୬୭ ଅନୁଷ୍ଠିତ ପୂର୍ବାଂଚଳ ଦୌଡକୁଦ ପ୍ରତିଯୋଗିତାରେ ସେ ପଦକ ଜିତିଥିଲେ । ସେହି ପରି ଜାତୀୟ ଓପନ ଦୌଡକୁଦ ର ୪୦୦ ବାଧା ଦୌଡ (ହଡଲ୍ସ) ରେ ମଧ୍ୟ ସେ ଶ୍ରେଷ୍ଠ ତିନି ଜଣ ମଧ୍ୟରେ ସ୍ଥାନ ପାଇ ପାରିଥିଲେ । ଓଡିଶା ୧୯୭୪ ମସିହାରେ ଜାତୀୟ ଦୌଡ କୁଦ ପ୍ରତିଯୋଗିତାରେ ଉପ-ବିଜେତା ହେବା ସମୟରେ କେଶବ ବାବୁ ମଧ୍ୟ ଓଡିଶା ଦଳର ଜଣେ ସଦସ୍ୟ ଥିଲେ ।

**କେଶବ ମିଶ୍ରଙ୍କୁ ୧୯୮୨ ମସିହାରେ ଅନୁଷ୍ଠିତ ଦିଲ୍ଲୀ ଏସିଆଡ୍ କ୍ରୀଡାରେ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା । ସେପରି ୧୯୭୪ ରେ ଲକ୍ଷ୍ନୌରେ ଅନୁଷ୍ଠିତ ସର୍ବ ଭାରତୀୟ ପୋଲିସ କ୍ରୀଡା ପ୍ରତିଯୋଗିତାରେ ଯୋଗଦାନ କରି ତାଙ୍କର ପ୍ରିୟ ଇଭେଣ୍ଟ ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ୨୦୦୧ ମସିହା ଜାନୁୟାରୀ ୨୬ ତାରିଖରେ ସଫଳ କ୍ରୀଡାବିତ୍ ଭାବରେ ସେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ୧୯୮୭ ମସିହାରେ ବାରବାଟୀ ଷ୍ଟାଡିୟମ ରେ ଅନୁଷ୍ଠିତ ଏକ ଦିବସୀୟ ଜିମ୍ବାୱେ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ଲିୟାସନ ଅଫିସର ଭାବରେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ । ହଡଲ୍ସ ଦୌଡ ଥିଲା କେଶବ ବାବୁଙ୍କ ଅତି ପ୍ରିୟ ଦୌଡ ଏବଂ ଏହି କ୍ରୀଡାରେ ସେ ବିଭିନ୍ନ ସମୟରେ ଯେଉଁ କିର୍ତ୍ତିମାନ ଅର୍ଜନ କରିଛନ୍ତି ତାହା ନିଶ୍ଚିତ ଭାବରେ ଆଜିର ଯୁବପିଢି ପାଇଁ ଏକ ପ୍ରେରଣାର ଉତ୍ସ ଅଟେ ।**

କେଶବ ବାବୁ ଆଜି ମଧ୍ୟ ଅହରହ ପରିଶ୍ରମ କରୁଛନ୍ତି । କେଶବ ବାବୁ ପୋଲିସ ଚାକରି ସମୟରେ ଢେର କିଛି ବର୍ଷ ଧରି ଓଡିଶା ପୋଲିସ ଦଳର ଅଧିନାରୟକ ଥିଲେ ।

ଆଜି ଏହି ପରିଣତ ବୟସରେ ସେ କ୍ରୀଡାକୁ ଭୁଲି ନାହାନ୍ତି । ସେ ଯୁବ କ୍ରୀଡାବିତମାନଙ୍କୁ ପ୍ରଶିକ୍ଷଣ ଦେବାରେ ସେ ତାଙ୍କର ସମୟ ଅତିବାହିତ କରୁଛନ୍ତି । କେଶବ ବାବୁଙ୍କ ପୁଅ ଶିବ ପ୍ରସାଦ ମିଶ୍ର, ଯେ କି ଜଣେ କ୍ଷମତା ପ୍ରାପ୍ତ ଅଥେଲେଟିକ୍ କୋଚ ଓ ତାଙ୍କ ଅଧିନରେ ଅଲମ୍ପିଆନ ଦୂତି ଚାନ୍ଦ ଓ ଜାତୀୟ ସ୍ତରର କ୍ରୀଡାବିତ ପୂର୍ଣ୍ଣିମା ହେମ୍ବ୍ରମ୍ ମଧ୍ୟ ବିଭିନ୍ନ ସମୟରେ ଦୌଡ କୁଦର ପ୍ରଶିକ୍ଷଣ ନେଇ ଆସିଛନ୍ତି । ପରିଣତ ବୟସରେ ମଧ୍ୟ କେଶବ ବାବୁ କ୍ରୀଡାବିତ ଗଢିବାରେ ବ୍ୟସ୍ତ ଅଛନ୍ତି । ବରଗଡ ମିନି ଷ୍ଟାଡିୟମରେ ୨୦ ରୁ ଅଧିକ ପିଲାଙ୍କୁ ବିଭିନ୍ନ ଶାରିରୀକ ଅଭ୍ୟାସ ତଥା ଦୌଡକୁଦ ପ୍ରଶିକ୍ଷଣରେ ବ୍ୟସ୍ତ । ବିଗତ ଦିନ ରେ ଏହି ପୋଲିସ ଅଧିକାରୀ ଆଗାମୀ ଦିନରେ ଓଡିଶାର ବହୁ ଅଲମ୍ପିଆନ ସୃଷ୍ଟି ହେବେ ବୋଲି ଆଖା ପ୍ରକାଶ କରିଛନ୍ତି । ବୟସ ବର୍ତମାନ ୮୫ ବର୍ଷ, ତଥାପି ଏହି କ୍ରୀଡାବିତ ୫ କିଲୋମିଟର ଦୌଡିବାର କ୍ଷମତା ରଖନ୍ତି ।

୨୦୧୮ ମସିହାରେ ମାଲେସିଆରେ ଆୟୋଜିତ ଏସିଆ ପେସିଫିକ୍ ମାଷ୍ଟର୍ସ ପ୍ରତିଯୋଗିତାରେ ୧୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତିଥିବା କେଶବ ବାବୁ ବର୍ତମାନ ମାଷ୍ଟର୍ସ ଗେମ୍ସ ଏସୋସିଏସନ ଅଫ୍ ଓଡିଶାର ସଭାପତି ସେ ମଧ୍ୟ ଏଲିଡ୍ ସ୍ପୋର୍ଟସ୍ ୱେଲଫେୟାର ଆସୋସିଏସନ ଅଫ୍ ଓଡିଶାର ଅଧକ୍ଷ ଅଛନ୍ତି । ପୁରୁଣା ଦିନର କଥାକୁ ମନେ ପକାଇ ସେ କହନ୍ତି, ମୁଁ ପ୍ରତିମା ମିଶ୍ର, ମୀନତି ମିଶ୍ର, ଆନନ୍ଦିନୀ ଦର୍ଜୀ ଭଳି କ୍ରୀଡାବିତ୍ ମାନଙ୍କ ସହ ଦୌଡିଛି ଓ ସେମାନଙ୍କୁ ଦୌଡାଇଛି ମଧ୍ୟ । ଆମ ସମୟରେ ସେପରି ପ୍ରୋତ୍ସାହନ ମିଳୁ ଥିଲା ଓ ଆମକୁ ଏହି କ୍ରୀଡାରେ ତିଷ୍ଟି ରହିବା ପାଇଁ ବହୁତ କଷ୍ଟ ଉଠାଇବାକୁ ପଡୁଥିଲା । କ୍ରୀଡା ଭିତିଭୂମି ଆଗ ଅପେକ୍ଷା ବହୁତ ବଢି ଯାଇଛି । ସରକାରଙ୍କ ଦ୍ୱାରା କ୍ରୀଡାବିତ ମାନଙ୍କ ଚାକିରି ର ବ୍ୟବସ୍ଥା ମଧ୍ୟ କରାଯାଇ ଅଛି । ଏହି ବର୍ଷୀୟାନ କ୍ରୀଡା ତାରକା ଖେଳ ପଡିଆକୁ ନିଜର କର୍ମସ୍ଥଳୀ ଭାବରେ ଗ୍ରହଣ କରି ନେଇଛନ୍ତି ଓ ସେଥି ପାଇଁ ବଲାଙ୍ଗିର, ବରଗଡ ନୁହେଁ ସମଗ୍ର ଓଡିଶା କ୍ରୀଡାବିତମାନେ ପାଇଁ କରିଛନ୍ତି ସେ ଏକ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି । ସେ ଅବସରର କ୍ରୀଡାବିତମାନଙ୍କୁ ଅନୁରୋଧ କରି ଆସିଛନ୍ତି । ଯେ ସେମାନେ ଆସନ୍ତୁ ଓ ଉଦୀୟମାନ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଆଗେଇ ଆସନ୍ତୁ । ଭଗବାନ ଏହି କ୍ରୀଡାବିତ ଙ୍କୁ ଦୀର୍ଘାୟୁ କରନ୍ତୁ ଯୁବ କ୍ରୀଡାବିତ ମାନଙ୍କୁ କ୍ରୀଡାବିତ ଭାବରେ ଗଢିବା ପାଇଁ ତାଙ୍କର ଅଭିଯାନ ଆଜି ସଫଳ ହେଉ ।

**କୃଷଚନ୍ଦ୍ର ମିଶ୍ର**
**ଉପସଭାପତି**
**ଜିଲ୍ଲା କ୍ରୀଡା ସଂସଦ, ବଲାଙ୍ଗୀର**
**ମୋ: ୯୬୯୨୪୪୦୪୪୪**



ଏସୀୟ ଜୁଜିଟସୁ ପ୍ରତିଯୋଗିତାରେ ଗୋଟିଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଅନୁପମା ସ୍ୱର୍ଣ୍ଣଙ୍କୁ ରାଜ୍ୟ କ୍ରୀଡା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଅଶୋକ ଚନ୍ଦ୍ର ପଣ୍ଡା, ବିଜୟ ଚନ୍ଦ୍ର ସ୍ୱର୍ଣ୍ଣ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କ୍ଷୀରୋଦ ପଟ୍ଟନାୟକ, ସୋନାଲି ପ୍ରିୟଦର୍ଶିନୀ, ରାସଗୋବିନ୍ଦ ପରିଡା ଅଭିନନ୍ଦନ ଜଣାଇଛନ୍ତି ।

**ଆଇପିଏଲ୍ ମହାସମର**

# ମୁମ୍ବାଇ-ପଞ୍ଜାବ କ୍ୱାଲିଫାୟର-୨


ମୁଲାନପୁର,୩୦।୫(ଏଜେନ୍ସି): ଆଇପିଏଲ୍ ୨୦୨୫ର ଏଲିମିନେଟର ମ୍ୟାଚରେ ରୋହିତ ଶର୍ମାଙ୍କ ବ୍ୟାଟ ଗର୍ଜିଛି । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟ୍ ହରାଇ ୨୨୮ ରନର ବିଶାଳ ସ୍କୋର କରିଥିଲା । ରୋହିତ ଶର୍ମା ୮୧ ରନର ଧମାକାଦାର ଇନିଂସ ଖେଳିଥିବା ବେଳେ ସୂର୍ଯ୍ୟକୁମାର ଯାଦବ ୩୩ ରନ କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୨୨ ରନ କରିଥିଲେ। ଜବାବରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ତେଣୁ ମୁମ୍ବାଇ ୨୦ ରନ୍ ବ୍ୟବଧାନରେ ବିଜୟୀ ହୋଇ କ୍ୱାଲିଫାୟର-୨ରେ ପ୍ରବେଶ କରିଛି । ଜୁନ୍ ୧ରେ ପଞ୍ଜାବ ଓ ମୁମ୍ବାଇ ମଧ୍ୟରେ କ୍ୱାଲିଫାୟର-୨ ମୁକାବିଲା ହେବ । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ଓପନର ରୋହିତ ଶର୍ମା ଓ ଜୋନି ବେୟାରଷ୍ଟୋ ଦମଦାର ଆରମ୍ଭ ଦେଇଥିଲେ । ରିୟାନ ରିକଲଟରଙ୍କ ସ୍ଥାନରେ ଦଳରେ ସାମିଲ ବେୟାରଷ୍ଟୋ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ଓ ରୋହିତ ପ୍ରଥମ ୱିକେଟ୍ ପାଇଁ ୮୪ ରନ ଯୋଡ଼ିଥିଲେ । ବେୟାରଷ୍ଟୋ ୨ ବଲରୁ ୪ ଚୌକା ଓ ୩ ଛକା ସହ ୪୭ ରନ କରିଥିଲେ । ଅନ୍ୟପଟେ ରୋହିତ ମିଳିଥିବା ଦୁଇଟି ଜୀବନ ଦାନର ଭରପୂର ଫାଇଦା ଉଠାଇଥିଲେ । ରୋହିତ ଓ ସୂର୍ଯ୍ୟକୁମାର ଦ୍ୱିତୀୟ ୱିକେଟ୍ ପାଇଁ ୫୯ ରନ ଯୋଡ଼ି ଦଳର ସ୍କୋରକୁ ୧୪୩ ରନରେ ପହଞ୍ଚାଇଥିଲେ । ସୂର୍ଯ୍ୟ ୩୩ ରନ କରି ଆଉଟ୍ ହୋଇଥିଲେ । ରୋହିତ ଶର୍ମା ଅର୍ଦ୍ଧଶତକ ହାସଲ କରିବା ସହ ୫୦ ବଲରୁ ୯ ଚୌକା ଓ ୪ ଛକା ସହ ୮୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ତିଳକ ବର୍ମା ଦ୍ରୁତ ବ୍ୟାଟିଂ କରି ୧୧ ବଲରୁ ୩ ଛକା ସହ ୨୫ ରନ କରିଥିଲେ



। ନମନ ଧୀର ୯ ରନ କରି ପାଭିଲିୟନ ଫେରିଥିଲେ । ତେବେ ଶେଷ ଆଡ଼କୁ ମୁମ୍ବାଇର ରନ ଗତି ସାମାନ୍ୟ ମନ୍ଥର ରହିଥିଲା । ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲରୁ ୨୨ ରନ କରିବାରୁ ଶେଷରେ ମୁମ୍ବାଇ ୫ ୱିକେଟ୍ ହରାଇ ୨୨୮ ରନ କରିଥିଲା । ୨୨୯ ରନ୍‌ର ବିଜୟଲକ୍ଷ୍ୟ ଗୁଜରାଟ ଟାଇଟନ୍ସ ପାଇଁ ଧାର୍ଯ୍ୟ ହୋଇଥିଲା । ତେଣୁ ଦଳ ବିଜୟ ପାଇଁ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଖେଳିଥିଲା । ଅଧିନାୟକ ଶୁଭମନ ଗିଲ ମାତ୍ର ୧ ରନ୍ କରି ପାଭିଲିୟନ୍ ଫେରିଥିଲେ । କିନ୍ତୁ ଏହାପରେ ସାଇ ସୁଦର୍ଶନଙ୍କ ବ୍ୟାଟରୁ ଚୌକା ଛକାର ବର୍ଷା ଦେଖିବାକୁ ମିଳିଥିଲା । ସେ ୪୯ ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୦ ରନର ଇନିଂସ ଖେଳିଥିଲେ । ସେ ଆଉଟ୍ ହେବା ବେଳକୁ ପଞ୍ଜାବ ଦଳୀୟ ସ୍କୋର ୧୫.୪ ଓଭରରେ ୧୭୦/୪ ରନ୍‌ରେ ପହଞ୍ଚି ଯାଇଥିଲା । ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା କୁଶଲ ମେଣ୍ଡିସ୍ ୨୦ ଏବଂ ସ୍ପିନର ୱାଶିଂଟନ ସୁନ୍ଦର ୨୪ ବଲରୁ ୫ ଚୌକା ଓ ୩ ଛକା ସହାୟତାରେ ୪୮ ରନ୍ କରିଥିଲେ । ସେର୍ଫାନ୍ ରଦର ଫୋର୍ଡ ୨୪, ଶାହରୁଖ ଖାନ୍ ୧୩ ରନ୍ କରି ଆଉଟ୍ ହୋଇଥିବା ବେଳେ ରାହୁଲ ତେୱାଡିଆ ୧୬ ରନ୍ ଅପରାଜିତ ଇନିଂସ ଖେଳିଥିଲେ । ଏହା ସତ୍ତ୍ୱେ ଶୁଭମନ ଗିଲଙ୍କ ନେତୃତ୍ୱାଧିନ ଗୁଜରାଟ ଟାଇଟନ୍ସ ବିଜୟଲକ୍ଷ୍ୟ ଠାରୁ ୨୦ ରନ୍ ପଛରେ ରହିଯାଇଥିଲା ।

### ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍

# ୩୬ ବର୍ଷ ପରେ ଭାରତକୁ ସ୍ୱର୍ଣ୍ଣ




ନୂଆଦିଲ୍ଲୀ,୩୦।୫ (ଏଜେନ୍ସି): ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ଭାରତର ଅବିନାଶ ସାବଲେ ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୩୬ ବର୍ଷ ପରେ ୩୦୦୦ ମିଟର ଷ୍ଟିପଲ ଚେଜ ବର୍ଗରେ ଅବିନାଶ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ହୋଇଛନ୍ତି । ଅବିନାଶ ୮:୨୦.୯୨ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେ ପୂର୍ବରୁ ୨୦୧୯ରେ ରୌପ୍ୟ ଜିତିଥିଲେ । ଅବିନାଶ ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତ ଦ୍ୱିତୀୟ ପଦକ ଜିତିଛନ୍ତି ।

ଜାପାନର ୟୁଟାରୋ ନିନାଇ ୮:୨୪.୪୧ ସେକେଣ୍ଡ ସମୟ ସହିତ ରୌପ୍ୟ ପଦକ ଜିତିଛନ୍ତି । ଶେଷ ଲ୍ୟାପ୍‌ରେ ସେ ଆଗୁଆ ଥିଲେ କିନ୍ତୁ ଅବିନାଶ ସାବଲେ ତାଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଏକ ଚମତ୍କାର ପ୍ରୟାସ କରିଥିଲେ । କାତ୍ତାରର ଜାକରିହା ଏଲହା ଲାମି ୮:୨୭.୧୨ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି । ସାବଲେଙ୍କ ପୂର୍ବରୁ ଦିନା ଏସୀୟ ଚାମ୍ପିଅନ୍‌ସିପ୍‌ରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଥିଲେ । ଦିନାରାମ ୧୯୮୯ ମସିହାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ହର୍ବାଲ ସିଂ ୧୯୭୫ ମସିହାରେ ଷ୍ଟିପଲ ଚେଜ୍ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ ।

### ଫ୍ରେଞ୍ଚ ଓପନ

# ଚତୁର୍ଥ ରାଉଣ୍ଡରେ ମୁସେଟି, ପୌଲା



ପ୍ୟାରିସ୍,୩୦।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମୁକାବିଲାରେ ଲୋରେଞ୍ଜୋ ମୁସେଟି ଏବଂ ଟମି ପଲ ବିଜୟ ହାସଲ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି । ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ହୋଲଗର ରୋନି ବିଜୟ ଲାଭ କରିଛନ୍ତି । ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସିଡ ଲୋରେଞ୍ଜୋ ମୁସେଟି ୪-୬, ୬-୪, ୬-୩, ୬-୨ ସେଟ୍‌ରେ ମାରିଆନୋ ନାଭୋନାଙ୍କୁ ହରାଇଥିଲେ । ଦ୍ୱାଦଶ ସିଡ ଟମିପଲ ୬-୩, ୩-୬, ୭-୬, ୩-୬, ୬-୩ ମାରାଥନ ସେଟ୍‌ରେ କରିନ ଖାଚାନୋଭଙ୍କୁ ହରାଇଥିଲେ ।

ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ ଗୁଡିକରେ ଇଗା ସ୍ୱିଟେକ୍, ସାମସୋନୋଭା, ସାବାଲେଙ୍କା, ଆନିସିମୋଭା, ଝେଙ୍ଗ ବିଜୟ ଲାଭ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଟୁର୍ଣ୍ଣାମେଣ୍ଟର ପଞ୍ଚମ ସିଡ ଇଗା ସ୍ୱିଟେକ ୬-୨, ୭-୫ ସେଟ୍‌ରେ ଜାକଲିନ୍ କ୍ରିଷ୍ଟିଆନୋଙ୍କୁ ପରାଜିତ କରିଥିଲେ । ଆର୍ଯ୍ୟାନା ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ଓଲଗା ଡାନିଲୋଭିକ୍‌ଙ୍କୁ ହରାଇଥିଲେ । କ୍ୱିନୱିନ ଝେଙ୍ଗ ୬-୩, ୬-୪ ସେଟ୍‌ରେ ଭିକ୍ଟୋରିଆ ମାବୋକୋଙ୍କୁ ପରାଜିତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଆମୋନ୍ଦା ଆନିସିନୋଭା ୭-୬, ୬-୪ ସେଟ୍‌ରେ କ୍ଲାରା ତୌସନଙ୍କୁ ପରାଜିତ କରି ପରବର୍ତ୍ତୀ ରାଉଣ୍ଡ ଯୋଗ୍ୟତା ଅର୍ଜନ କରିଛନ୍ତି ।

# ମୁଁ ଚୟନକର୍ତ୍ତା ନୁହେଁ: ଗମ୍ଭୀର

ନୂଆଦିଲ୍ଲୀ,୩୦।୫ (ଏଜେନ୍ସି): ନିକଟରେ ଇଂଲଣ୍ଡଗସ୍ତ ପାଇଁ ଭାରତୀୟ ଦଳ ଘୋଷିତ ହୋଇଥିଲା । ୧୮ ଜଣିଆ ଦଳରେ ଶ୍ରେୟାସ ଆୟରଙ୍କୁ ସାମିଲ କରାଯାଇନଥିଲା । ଯାହାକୁ ନେଇ କ୍ରିକେଟପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଭାରତୀୟ ଦଳ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କୁ ଏସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି ଦଳ ଚୟନ ଚୟନକର୍ତ୍ତାଙ୍କ ଦାୟିତ୍ୱ । ମୁଁ ଚୟନ କର୍ତ୍ତା ନୁହେଁ । ଏଭଳି ଉତ୍ତର ଦେଇ ସେ ଏତେ ବଡ଼ ପ୍ରଶ୍ନକୁ ଏଡାଇ ଯାଇଛନ୍ତି । ଶୁଭମନ ଗିଲଙ୍କୁ ଦଳର ଅଧିନାୟକ ଏବଂ ୱିକେଟ୍‌କିପର ରିଷଭ ପନ୍ତଙ୍କୁ ଉପଅଧିନାୟକ ନିଯୁକ୍ତି କରାଯାଇଛି । ଶ୍ରେୟାସ ଆୟର ଘରୋଇ କ୍ରିକେଟ୍, ଦିନିକିଆ ଏବଂ ଆଇପିଏଲ୍‌ରେ ଭଲ ଫର୍ମରେ ରହିଥିଲେ ବି ତାଙ୍କୁ ଦଳରେ ସାମିଲ କଲେ ନାହିଁ ।

ଚୟନ କମିଟି ମୁଖ୍ୟ ଅଜିତ ଅଗରକର କହିଥିଲେ ଦଳରେ ଆୟରଙ୍କ ସ୍ଥାନ ନାହିଁ । କେଉଁ କାରଣ ପାଇଁ ଆୟରଙ୍କୁ ନିଆଗଲା ନାହିଁ ତାହା ମଧ୍ୟ ସ୍ପଷ୍ଟ କରିନାହାନ୍ତି । ଦୀର୍ଘ ୮ ବର୍ଷ ପରେ କରୁଣ ନାୟରଙ୍କୁ ଦଳକୁ ଅଣା ଯାଇଛି । କିନ୍ତୁ ଚମତ୍କାର ଫର୍ମରେ ଥିଲେ ବି ଆୟରଙ୍କୁ ସୁଯୋଗ ଦିଆଯାଇନାହିଁ ।

# କେନ୍ଦ୍ରାପଡ଼ା, ବଲାଙ୍ଗୀର, ସମ୍ବଲପୁର, ଯାଜପୁର, ମାଲକାନାଗିରି, କଳାହାଣ୍ଡି ବିଜୟୀ

**ସିଏମ୍ ଟ୍ରଫି**

ଭୁବନେଶ୍ୱର,୩୦।୫ (ସବ୍ୟ): ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନ୍‌ସିପ୍ ସିଏମ୍ ଟ୍ରଫିର ତୃତୀୟ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ଭୁବନେଶ୍ୱର, କେନ୍ଦ୍ରାପଡ଼ା, ସମ୍ବଲପୁର, ବଲାଙ୍ଗୀର, ଯାଜପୁର, ମାଲକାନାଗିରି ଓ କଳାହାଣ୍ଡି ବିଜୟୀ ହୋଇଛନ୍ତି । ଭୁବନେଶ୍ୱର ଜୋନ୍‌ରେ ଅନୁଷ୍ଠିତ ମ୍ୟାଚରେ କନ୍ଧମାଳକୁ ୯-୦ ଗୋଲ୍‌ରେ ଭୁବନେଶ୍ୱର ଏଫ୍‌ସିକୁ ହରାଇଛି । ବିଜୟୀ ଦଳର ପ୍ରସନ୍ନଜିତ ବଡାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡ଼ା ଏଫ୍‌ସି ୬-୦ ଗୋଲ୍‌ରେ ଜଗତସିଂହପୁରକୁ ପରାଜିତ କରିଥିଲା । ସମ୍ବଲପୁର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସମ୍ବଲପୁର ୨-୧ ଗୋଲ୍‌ରେ ଝାରସୁଗୁଡାକୁ ହରାଇଛି । ଦ୍ୱିତୀୟ ମ୍ୟାଚରେ ବଲାଙ୍ଗୀର ୫-୦ ଗୋଲ୍‌ରେ ନୂଆପଡ଼ାକୁ ହରାଇଥିଲା । କେନ୍ଦୁଝର ଯାଜପୁର ୩-୨ ଗୋଲ୍‌ରେ କେନ୍ଦୁଝରକୁ ପରାଜିତ କରିଥିଲା । ଦ୍ୱିତୀୟ ମ୍ୟାଚଟି ଢେଙ୍କାନାଳ ଓ ଭଦ୍ରକ ମଧ୍ୟରେ ୧-୧ ଗୋଲ୍‌ରେ ଡ୍ର ରହିଥିଲା । ବ୍ରହ୍ମପୁର ଜୋନ୍‌ରେ ମାଲକାନାଗିରି ଏଫ୍‌ସି ୧୮-୦ ଗୋଲ୍‌ରେ ଗଜପତିକୁ ହରାଇଥିବା ବେଳେ କଳାହାଣ୍ଡି ଏଫ୍‌ସି ୧୦-୦ ଗୋଲ୍‌ରେ ରାୟଗଡ଼ାକୁ ଧରାଶାୟୀ କରିଥିଲା ।

# ଫ୍ରାନ୍ସ ଗସ୍ତରେ ଓଡ଼ିଶାର ୯ ପାରା ଫେନ୍ସର



ଭୁବନେଶ୍ୱର,୩୦।୫ (ସବ୍ୟ): ଭାରତୀୟ ପାରା ଫେନ୍ସର ଦଳ ସାଟେଲାଇଟ ଟୁର୍ଣ୍ଣାମେଣ୍ଟ ପାଇଁ ଫ୍ରାନ୍ସର ଅରେଞ୍ଜ ସହର ଗସ୍ତ କରିଛି । ମେ ୩୧ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ୧୬ ଜଣ କ୍ରୀଡାବିତ ଭାଗ ନେଇଛନ୍ତି । ଏମାନଙ୍କ ମଧ୍ୟରୁ ୯ ଜଣ ଓଡ଼ିଶାର ପାରା ଫେନ୍ସିଂ ଖେଳାଳି ଭାଗ ନେଇଛନ୍ତି । ଏମାନେ ହେଲେ ଭି ରମେଶ ରାଓ, ରାଖାଲ ସେଠୀ, ପୂଜା ସ୍ୱନୀ ନାୟକ, ମାଳତୀ ପାନଓରେ, ସିଲା ମନ୍ତ୍ରୀ, ପବିତ୍ର ସାହୁ, ମଧୁସ୍ମିତା ସାହୁ, ଓମ୍ ପ୍ରକାଶ ବେହେରା, ରୁଦ୍ର ନାରାୟଣ ବେହେରା । ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ୍ ସଭାପତି କମଳାକାନ୍ତ ରଥ କହିଛନ୍ତି ଓଡ଼ିଶାର ଖେଳାଳିମାନେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଦେଶର ଗୌରବ ବଢ଼ାଇବ ବୋଲି ଆମେ ଆଶା କରୁଛୁ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି